R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୨
ତିଥି: ଚତୁର୍ଥୀ
୩୦ ମେ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 232
30 May 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଓଡ଼ିଶାରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ




- ଧାନରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ଦେଇ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି : କେନ୍ଦ୍ରମନ୍ତ୍ରୀ
- ଚାଷୀଙ୍କୁ ଆର୍ଥିକ ମୁଖ୍ୟ ସ୍ରୋତରେ ସାମିଲ କରିବାର ଐତିହାସିକ ପଦକ୍ଷେପ : ମୁଖ୍ୟମନ୍ତ୍ରୀ
- ଦେଶବ୍ୟାପୀ ୧୫ ଦିନ ଚାଲିବ ଅଭିଯାନ

ସାକ୍ଷୀଗୋପାଳ, ୨୯ ।୫ (ସବ୍ୟୁ) : ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆଜି ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ "ଏକ ପେଡ ମା କେ ନାମ" ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଥିଲେ ।

ସୂଚନାଯୋଗ୍ୟ ଯେ, ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନ ରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ସାକ୍ଷାତକାର କରି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ ।

ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ, ଆଜିଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଅଭିଯାନ ମାଧ୍ୟମରେ ଦେଶର ୭୦୦ ଜିଲ୍ଲାର ପ୍ରାୟ ୧ କୋଟି ୫୦ ଲକ୍ଷ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବ ଏବଂ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ସେମାନଙ୍କୁ ଅବଗତ କରାଇବ ।

ପ୍ରତ୍ୟେକ ଜିଲ୍ଲା ସ୍ତରରେ ତିନୋଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ ବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ । ପ୍ରତ୍ୟେକ ଦଳ, ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନ (୯ ପୃଷ୍ଠାରେ)

## ୧୧ ଜିଲ୍ଲାରେ ମୌସୁମୀ

# ବିରତି ନେବ ମୌସୁମୀ

- ଆଜିଠୁ କମିବ ବର୍ଷା
- ୮ରୁ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୯ ।୫ (ସବ୍ୟୁ) : ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିଛି । ଗୁରୁବାର ରାଜ୍ୟର ଆଉ ୬ଟି ଜିଲ୍ଲାକୁ ସ୍ପର୍ଶ କରିଛି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ବାଂଲାଦେଶ ମୁହାଁ ହୋଇଛି । ଏହା ଉତ୍ତର-ପୂର୍ବ ଦିଗରେ ଗତି କରି କ୍ରମଶଃ ଦୁର୍ବଳ ହେବ । ତେବେ ମୌସୁମୀ କିଛିଦିନ ପାଇଁ ବିରତି ନେବାର ସମ୍ଭାବନା ରହିଛି ।

ଆଞ୍ଚଳିକ ପାଣିପାଗ ବିଭାଗ କହିବା ଅନୁସାରେ ମାଲକାନଗିରି, କୋରାପୁଟ ଓ ଗଜପତି ଜିଲ୍ଲାକୁ ମୌସୁମୀ ସମ୍ପୂର୍ଣ୍ଣ ଛୁଇଁଛି । ନବରଙ୍ଗପୁର, ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାର ଅଧିକାଂଶ ଅଞ୍ଚଳ ମୌସୁମୀ ଛୁଇଁଥିବାବେଳେ କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାର କିଛି ଅଂଶକୁ ପ୍ରବେଶ କରିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହୋଇଛି ।

ଆସନ୍ତାକାଲି (ଶୁକ୍ରବାର)ଠାରୁ ବର୍ଷାର ପରିମାଣ ହ୍ରାସ ପାଇବ । ଉତ୍ତର ଓଡ଼ିଶାର କିଛି ଜିଲ୍ଲାକୁ ଛାଡ଼ିଦେଲେ ବାକି ଜିଲ୍ଲାଗୁଡ଼ିକରେ ବର୍ଷା ପ୍ରଭାବ କମିପାରେ । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଶେଷ ବର୍ଷା ନଥିବାବେଳେ ମୌସୁମୀ ବିରତି ନେଇପାରେ । ୮ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପ ସୃଷ୍ଟି ହେବାପରେ ବର୍ଷା ବଢ଼ିବା ସହ ମୌସୁମୀ ସକ୍ରିୟ ହେବ ।

୩୦ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସ୍ଥାନେସ୍ଥାନେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ ମୟୂରଭଞ୍ଜ ଜିଲ୍ଲାକୁ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ୧ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୱାର୍ଣ୍ଣିଂ କରାଯାଇଛି ।

# ଆତଙ୍କବାଦ, ଆଲୋଚନା ଏକସଙ୍ଗେ ହେବନି : ଏମ୍ଇଏ


**ଟ୍ରମ୍ପ ପ୍ରଶାସନର ଦାବିକୁ ପୁଣି ଖଣ୍ଡନ କଲା ଭାରତ**

ନୂଆଦିଲ୍ଲୀ, ୨୯ ।୫ : ଆମେରିକା ସହ ଆଲୋଚନା ବେଳେ ଶୁଳ୍କ କଥା ହୋଇନାହିଁ । ପାକିସ୍ତାନ ସହ ଅସ୍ତ୍ରବିରତି ପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆସିଥିବା ପ୍ରତିକ୍ରିୟାରେ ପୁନର୍ବାର ଭାରତ ସରକାର ସମାନ ଉତ୍ତର ରଖିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କୁହାଯାଇଛି ଯେ ପାକ୍ ସହ ଅସ୍ତ୍ର ବିରତି ନିଷ୍ପତ୍ତି ପାକ୍‌ର ଆତଙ୍କୀ ଆଡ୍ଡା ଧ୍ୱଂସ କରିବା ପରେ ଉଭୟ ଦେଶର ସେନାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ ନିଆଯାଇଛି । ତେବେ ଟ୍ରମ୍ପ ସରକାର ଆମେରିକାର ଏକ କୋର୍ଟରେ ଭାରତ, ପାକିସ୍ତାନ ମଧ୍ୟରେ ଯେଉଁ ଅସ୍ତ୍ର ବିରତି ହୋଇଥିଲା ତାହା ଟାରିଫ ଯୋଗୁ ବୋଲି ଟ୍ରମ୍ପ ପ୍ରଶାସନ କୋର୍ଟରେ କହିଥିଲେ ।

ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଭାରତ ସ୍ପଷ୍ଟ ଭାବେ ବିରୋଧ କରିଆସୁଛି । ଆମର ସ୍ଥିତି ସବୁବେଳେ ସ୍ଥିର ରହିଛି । ମେ' ୭ ତାରିକରୁ ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା ଓ ମେ' ୧୦ରେ ସରିଥିଲା । ଭାରତ ଓ ଆମେରିକା ମଧ୍ୟରେ ସାମରିକ ପରିସ୍ଥିତି ନେଇ ଆଲୋଚନା ହୋଇନାହିଁ କି ଟାରିଫ ସମ୍ପର୍କରେ ମଧ୍ୟ କୌଣସି ଆଲୋଚନା କରାଯାଇନାହିଁ । ତେବେ ଟ୍ରମ୍ପ ପ୍ରଶାସନ ବାରମ୍ବାର ଦାବି କରୁଛନ୍ତି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁ ଯେଉଁ ଅସ୍ତ୍ରବିରତି ହୋଇଛି ତାହା ଠିକ୍ ନୁହେଁ । ଭାରତ ଓ ପାକିସ୍ତାନ ପ୍ରତ୍ୟକ୍ଷ ଭାବେ ଅସ୍ତ୍ର ବିରତି ନେଇ ଆଲୋଚନା କରିଥିଲେ । ଟ୍ରମ୍ପଙ୍କ ଦାବିକୁ ଭାରତ ସିଧା ସଳଖ ଖଣ୍ଡନ କରିଛି । ତେବେ ଆଲୋଚନା ପାଇଁ ପାକ୍ ପ୍ରଧାନମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ସେ ସମ୍ପର୍କରେ ଜୟଶ୍ୱାଲ କହିଛନ୍ତି ଯେ ପାକିସ୍ତାନ ସହ କଥାବାର୍ତ୍ତା ନେଇ ଆମେ ଆଭିମୁଖ୍ୟ ସ୍ପଷ୍ଟ । ଯେ କୌଣସି ପ୍ରକାର କଥାବାର୍ତ୍ତା ଦ୍ୱିପାକ୍ଷିକ ହେବ । ଆତଙ୍କବାଦ ଓ ଆଲୋଚନା ଏକାସାଙ୍ଗରେ ହୋଇପାରିବ ନାହିଁ । କିଛିବର୍ଷ ତଳେ ଯେଉଁ ଆତଙ୍କବାଦୀଙ୍କ ତାଲିକା ପାକିସ୍ତାନକୁ ଦିଆଯାଇଥିଲା ପ୍ରଥମେ ସେମାନଙ୍କୁ ଭାରତକୁ ହସ୍ତାନ୍ତର କରାଯାଉ । ପିଓକେ ଖାଲି କରି ଉକ୍ତ ଅଞ୍ଚଳକୁ ଭାରତକୁ ଦିଆଯାଉ ଏହାପରେ ଜମ୍ମୁ-କାଶ୍ମୀର ଉପରେ ଆଲୋଚନା ହେବ । (୯ ପୃଷ୍ଠାରେ)

## ପାକ୍ ପ୍ରଧାନମନ୍ତ୍ରୀଙ୍କ ସ୍ୱୀକାରୋକ୍ତି

# ୧୫ ବ୍ରହ୍ମୋସ ମାଡ କରିଥିଲା ଭାରତ



ନୂଆଦିଲ୍ଲୀ, ୨୯ ।୫ : ପାକିସ୍ତାନ ଏୟାରବେସ୍ ଉପରେ ମେ' ୯-୧୦ ଭିତରେ ଭାରତ ୧୫ ବ୍ରହ୍ମୋସ୍ ମିଶାଇଲ୍ ଆକ୍ରମଣ କରିଥିଲା । ଏହାଦ୍ୱାରା ପାକିସ୍ତାନ ଏୟାରବେସ୍ କ୍ଷତି ହୋଇଥିଲା ବୋଲି ପାକ୍ ପ୍ରଧାନମନ୍ତ୍ର ସେହେବାଜ୍ ସରିଫ୍ ସ୍ୱୀକାର କରିଛନ୍ତି । ପାକିସ୍ତାନ ସେନା ଏହାର ଟେର୍ ପାଇନଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ।

ଆ ଜେ ର ବୈ ଜା ନ୍ ରେ ଆୟୋଜିତ ଏକ କାର୍ଯ୍ୟକ୍ରମେ ସରିଫ ମାନିଛନ୍ତି ଯେ ପାକ୍ ସେନା ଯେ କି ଅସୀମ ମୁନିରଙ୍କ ନେତୃତ୍ୱରେ ଅଛି ସେମାନେ ଭାରତ ଉପରେ ମେ' ୧୦ ତାରିଖରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ପାକିସ୍ତାନ ସେନା ସକାଳ ପ୍ରାର୍ଥନା ପରେ ଭାରତ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲା । କିନ୍ତୁ ଭୋର୍ ହେବା ଆଗରୁ ଏକାଧିକ ବ୍ରହ୍ମାସ କ୍ରୁଜ୍ ମିଶାଇଲ ପାକିସ୍ତାନର ବିଭିନ୍ନ ପ୍ରଦେଶ ଉପରେ ଆକ୍ରମଣ କରିସାରିଥିଲା । ଏ ସମ୍ପର୍କରେ ମୁନିର ରାତି ପ୍ରାୟ ୨.୩୦ରେ ତାଙ୍କୁ କହିଥିଲେ । ତେବେ ଭାରତର ଆକ୍ରମଣାତ୍ମକ ପଦକ୍ଷେପ ଉପରେ ଆମେ ଜବାବ ଦେବାକୁ ନିଷ୍ପତ୍ତି ନେଇଥିଲୁ । ପ୍ରାର୍ଥନା ପରେ ଅର୍ଥାତ୍ ଭୋର ୪.୩୦ରେ ଜବାବ ଦେବାକୁ ପ୍ରସ୍ତୁତ ହେଉଥିବାବେଳେ ପୁଣି ବ୍ରହ୍ମୋସ୍ ଦ୍ୱାରା ଆଉ ଏକ ମିଶାଇଲ ଆଟାକ୍ କରାଯାଇଥିଲା । ଏହାର ରାୱଲପିଣ୍ଡି ବିମାନବନ୍ଦର ସମେତ ଏକାଧିକ ପ୍ରଦେଶରେ ମାଡ ହୋଇଥିଲା । ପାକିସ୍ତାନର ପ୍ରମୁଖ ଏୟାରବେସ୍ ଧ୍ୱଂସ ହୋଇଥିବା ସେ ସ୍ୱୀକାର କରିଛନ୍ତି । ତେବେ ତଥ୍ୟ ଅନୁଯାୟୀ ରାୱଲପିଣ୍ଡିରେ ଥିବା ନୁର୍‌ଖାନ୍ ଏୟାରବେସ୍ ସମେତ ୧୧ ସାମରିକ ସ୍ଥଳକୁ ଭାରତ ପାକିସ୍ତାନର ଡ୍ରୋନ୍ ଓ ମିଶାଇଲ ଆଟାକ୍ ପରେ ଟାର୍ଗେଟ କରିଥିଲା । ଏହାକୁ ଧ୍ୱଂସ କରିବାରେ ମଧ୍ୟ ସଫଳ ହୋଇଥିଲା ।

# ସୁପ୍ରିମ୍‌କୋର୍ଟରେ ୩ ଜଜ୍ ନିଯୁକ୍ତ

ନୂଆଦିଲ୍ଲୀ, ୨୯ ।୫ : ସୁପ୍ରିମ୍‌କୋର୍ଟର ୩ ନୂଆ ଜଜ୍ ନିଯୁକ୍ତିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି । କଲେଜିୟମ୍ ପକ୍ଷରୁ ଯେଉଁ ୩ ଜଜ୍‌ଙ୍କ ନାମ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆ, ଜଷ୍ଟିସ୍ ବିଜୟ ବିଷ୍ଣୋଇ, ଜଷ୍ଟିସ୍ ଏଏସ୍ ଚନ୍ଦୁରୁକରଙ୍କ ନାମ ସୁପାରିଶ କରାଯାଇଥିଲା । ଏମାନଙ୍କ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି । ଏହି ୩ ନୂଆ ଜଜ୍‌ଙ୍କ ନିଯୁକ୍ତି ପରେ ସୁପ୍ରିମ୍‌କୋର୍ଟର ମଞ୍ଜୁରୀପ୍ରାପ୍ତ ଜଜ୍ ସଂଖ୍ୟା ୩୪ରେ ପହଞ୍ଚିବ । ଅର୍ଥାତ୍ କୌଣସି ଜଜ୍ ପଦବୀ ଏଠାରେ ଖାଲି ରହିବ ନାହିଁ । ଯେଉଁ ୩ ଜଣଙ୍କ ନାମ ସୁପ୍ରିମ୍‌କୋର୍ଟ ଜଜ୍ ଭାବେ ସୁପାରିଶ କରାଯାଇଥିଲା ସେଥିମଧ୍ୟରୁ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ ଜଷ୍ଟିସ୍ ବିଜୟ ବିଷ୍ଣୋଇ ଗୌହାଟି (୯ ପୃଷ୍ଠାରେ)

# ୩ ମାସରେ 'ଆମ ବସ୍' ନେଇଛି ୭ ଜୀବନ

ଭୁବନେଶ୍ୱର, ୨୯ ।୫ (ସବ୍ୟୁ) : ରାଜଧାନୀରେ ଆମ ବସ୍ ଦୁର୍ଘଟଣା ଯୋଗୁ ୩ମାସରେ ୭ଜଣଙ୍କ ମୃତ୍ୟୁ ହେଲାଣି । ଆମ ବସ୍ ଡ୍ରାଇଭରଙ୍କୁ ଡ୍ରାଇଭିଂରେ ପୋଲିସ ସଚେତନତା କରାଇବା ପରେ ଦୁର୍ଘଟଣା ଥମିବାର ନାଁ ଧରୁନି ।

୩ ମାସରେ ୭୦ଦୁର୍ଘଟଣା ଘଟଣା ଘଟିଛି । ବହୁ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ପଙ୍ଗୁ ମଧ୍ୟ ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ୧୮ଜଣ ଡ୍ରାଇଭରଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସହକର୍ମୀମାନଙ୍କୁ ନିଲମ୍ବନ କରାଯାଉଥିଲେ ମଧ୍ୟ ଅନ୍ୟ ଡ୍ରାଇଭର ସଚେତନ ହେଉନାହାନ୍ତି । ବୁଧବାର ଖଣ୍ଡଗିରିରେ ମୃତ୍ୟୁ ହୋଇଥିବା ହୋମ୍‌ଗାର୍ଡ ତ୍ରିନାଥ ବେହେରାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି । ଖଣ୍ଡଗିରିରେ ବସ୍ ତ୍ରିନାଥ ବେହେରାଙ୍କୁ ୨୦୦ ମିଟର ଘୋଷାରି ନେବା ଦ୍ୱାରା ଗୋଟିଏ ଗୋଡ ଛିଡି କିଛି ଦୂରରେ ପଡିଥିଲା । ଏ ଦୁର୍ଘଟଣାକୁ ନେଇ ବସ୍ ଭଙ୍ଗାରୁଜା ଓ ରାସ୍ତାରୋକ ହେବା ଦ୍ୱାରା ଭୁବନେଶ୍ୱର ଡିସିପି ଜଗମୋହନ ମିନା ଘଟଣାସ୍ଥଳକୁ ଯାଇଥିଲେ । ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ସଞ୍ଜୟ କୁମାର ରାଉତରାୟ (୪୮)କୁ ଗିରଫ କରାଯାଇ ଗୁରୁବାର (୯ ପୃଷ୍ଠାରେ)

# ଦୁର୍ଦ୍ଧାନ୍ତ ମାଓବାଦୀ ହିଡମା ଗିରଫ

କୋରାପୁଟ, ୨୯ ।୫ (ସବ୍ୟୁ ): ଓଡ଼ିଶା, ଛତିଶଗଡ଼ ଓ ତେଲେଙ୍ଗାନାରେ ପ୍ରଭାବ ବିସ୍ତାର କରିଥିବା ଦୁର୍ଦ୍ଧାନ୍ତ ମାଓବାଦୀ କୁଞ୍ଜାମ ହିଡମା ଓରଫ ମୋହନକୁ ପୋଲିସ ଗିରଫ କରିଛି । ଫଳରେ ମାଓବାଦୀ ଅଭିଯାନ କ୍ଷେତ୍ରରେ କୋରାପୁଟ ପୋଲିସକୁ ବଡ ସଫଳତା ମିଳିଛି । ମାଓବାଦୀ ହିଡମା ଛତିଶଗଡ଼ର ବିଜାପୁର ଜିଲ୍ଲା ଉସୁର ଥାନା ଅଞ୍ଚଳର ନିବାସୀ ବୋଲି କୋରାପୁଟ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ରୋହିତ ବର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପୋଲିସ ତା ନିକଟରୁ ଗୋଟିଏ ଏକେ-୪୭ ରାଇଫଲ୍, ୩୫ ରାଉଣ୍ଡ ଗୁଳି, ୨୭ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୯୦ଟି ନନ୍-ଇଲେକ୍ଟ୍ରିକ ଡିଟୋନେଟର୍, (୯ ପୃଷ୍ଠାରେ)

## ମାଓବାଦୀଙ୍କ ଦ୍ୱାରା ୫ ହଜାର କେଜି ବିସ୍ଫୋରକ ଲୁଟ୍ ଘଟଣା

# ଏନ୍‌ଆଇଏ, ପୋଲିସର ତନାଘନା

**ଟେର୍ ମିଳୁନି, କୁଆଡେ ଗଲା ବିସ୍ଫୋରକ ସାମଗ୍ରୀ**

ସୁନ୍ଦରଗଡ଼, ୨୯ ।୫ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ମଙ୍ଗଳବାର ବିପୁଳ ପରିମାଣର ବିସ୍ଫୋରକ ଲୁଟ୍ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ତନାଘନା କରିଛନ୍ତି । ଏହି ଲୁଟ୍ ଘଟଣା ୨୦୦୯ ର ସମାନ ଘଟଣାକୁ ମନେପକାଇ ଦେଇଛି । ୨୦୦୯ରେ ରାଉରକେଲାରୁ ମାଓବାଦୀ ଲୁଟିଥିଲେ ବିସ୍ଫୋରକ ଗାଡ଼ି । ଏହା ସହିତ ମାଓବାଦୀ କୋଇଡ଼ା ଥାନାର ତତ୍କାଳୀନ ଏସ୍‌ଆଇ ଅଜିତ ବର୍ଦ୍ଧନଙ୍କୁ ହତ୍ୟା କରିଥିଲେ । ତେବେ ବିସ୍ଫୋରକର ସନ୍ଧାନ ମିଳୁନଥିବାବେଳେ ଏନ୍‌ଆଇଏ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରିଛି ।

ବୁଧବାର ମଧ୍ୟାହ୍ନରେ ଡିଜି ଶ୍ରୀ ଖୁରାନିଆ କେ. ବଲାଙ୍ଗ ଥାନାରେ ପହଞ୍ଚିଥିଲେ । ତାଙ୍କ ସହିତ ଆଇଜି (ଅପରେସନ୍) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର, ସ୍ପେସାଲ୍ ଇଣ୍ଟେଲିଜେନ୍ସ ଅଧିକାରୀ, ବଣାଇ ଏସଡ଼ିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ । ସମସ୍ତେ କେ. ବଲାଙ୍ଗ ଥାନାରେ ପହଞ୍ଚିବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ବାଇକ୍ ଯୋଗେ ବାଙ୍କୋ ପଥରଖଣି ଅଭିମୁଖେ ଯାଇଥିଲେ । ସେଠାରେ ମଧ୍ୟାହ୍ନ ପ୍ରାୟ ୨ଟାବେଳେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ । ସେଠାରେ ଗାଡ଼ିଚାଳକ ଦେଓନାଥ ଟେପ୍ପୋ, ଖଣି ମାଲିକ ନୀରଜ ପାଣ୍ଡେ, ଖଣି ସୁପରଭାଇଜରଙ୍କଠାରୁ ସମସ୍ତ ଘଟଣା ବିଷୟରେ ପଚାରି ବୁଝିଥିଲେ । ସେହିପରି ଗାଡ଼ିରେ ବିସ୍ଫୋରକ ଲଦିଥିବା ଶ୍ରମିକମାନଙ୍କୁ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ପଚରାଉଚରା କରିଥିଲେ । ବିସ୍ଫୋରକ ଆସିବା ସୂଚନା କିପରି ବାହାରକୁ ଗଲା, ସେ ସଂକ୍ରାନ୍ତରେ ସମସ୍ତଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା । ପ୍ରାୟ ଦେଢଘଣ୍ଟା ପଥର ଖଣିରେ ତଦନ୍ତ କରିବା ପରେ ବରିଷ୍ଠ ଅଧିକାରୀମାନେ ସେଠାରୁ ଫେରି ଆସିଥିଲେ । ଏହା ପରେ ଭୁବନେଶ୍ୱରରୁ ଆସିଥିବା କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସି (ଆଇବି) ର ବରିଷ୍ଠ ଅଧିକାରୀମାନେ ସେଠାରେ ରହି ପୁନରାୟ ତଦନ୍ତ କରିଥିଲେ ।

ଦୀର୍ଘ ୧୫ ବର୍ଷ ଧରି ନିଷ୍କ୍ରିୟଥିବା ମାଓବାଦୀ ସଂଗଠନ ଏ ଅଞ୍ଚଳରେ ପୁଣି ସକ୍ରିୟ ହୋଇଥିବା ଜଣାପଡୁଛି । ୨୦୦୯ ଜୁଲାଇ ୧୮ରେ ରାଉରକେଲାର ଚମ୍ପାଝରନଦୀରେ ମାଓବାଦୀମାନେ ଠିକ୍ ଏହିପରି ଭାବେ ଗୋଟିଏ ବିସ୍ଫୋରକ ଗାଡ଼ିକୁ ଲୁଟି ନେଇଥିଲେ । ଏହି ସମୟରେ ମାଓବାଦୀମାନେ କୋଇଡ଼ା ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ସବ୍‌ଇନ୍ସପେକଟର ଅଜିତ ବର୍ଦ୍ଧନଙ୍କୁ ନିର୍ମମ ଭାବେ ହତ୍ୟା ମଧ୍ୟ କରିଥିଲେ । ଗୋଟିଏ ପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ୨୦୨୬ ସୁଦ୍ଧା ମାଓ ଦମନ ସମ୍ପୂର୍ଣ୍ଣ କରିବାକୁ ଘୋଷଣା କରିଥିବାବେଳେ କେ. ବଲାଙ୍ଗ ଥାନା ଅଞ୍ଚଳର ଏହି ଘଟଣା ଚିନ୍ତାର ବିଷୟ ହୋଇଛି । ସରଣ୍ଡା ଜଙ୍ଗଲ ମାଓବାଦୀଙ୍କ ଚରାଭୂମି ଥିବାବେଳେ ହି ଜଙ୍ଗଲ ଓଡ଼ିଶା ସମେତ ଝାରଖଣ୍ଡ ରାଜ୍ୟକ ସୀମାକୁ ଲାଗିଛି ।

# ସିବିଆଇ ପଞ୍ଝାରେ ଇଡି ଅଧିକାରୀ



ଭୁବନେଶ୍ୱର, ୨୯ ।୫ (ସବ୍ୟୁ) : ଆର୍ଥିକ ଲେଣଦେଣର ଅନିୟମିତତାର ଯାଞ୍ଚ କରି ଗିରଫ କରିବା ଦାୟିତ୍ୱ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର । ହେଲେ ଏହି ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ଠାରୁ ଟଙ୍କା ମାଗି ମାମଲାକୁ ଇଡି ଅଧିକାରୀମାନେ ରଫାଦଫା କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି । ଆଜି ଓଡ଼ିଶାରେ ଘଟଣାକ୍ରମରେ ଜଣେ ଖଣି ମାଲିକଙ୍କ ଠାରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ମାଡିବସିଛି । ଯାହା ଏବେ ଇଡିର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଛି ।

ଖଣି ମାଲିକଙ୍କ ଘରେ ପୂର୍ବରୁ ଇଡି ରେଡ୍ କରିଥିଲା । ସେହି ମାମଲାର ରଫାଦଫା ପାଇଁ ଖଣି ମାଲିକଙ୍କ ଠାରୁ ପୂର୍ବରୁ ଇଡିର ଡେପୁଟି ଡାଇରେକଟର ବହୁ ଲକ୍ଷ ଟଙ୍କା ନେବା ପରେ ପୁଣି ୫୦ଲକ୍ଷ ଟଙ୍କା ଦାବି କରିଥିଲେ । ସେ ଅଧିକ ଲୋଭ କରିବାରୁ ଖଣି ମାଲିକ ଅତିଷ୍ଠ ହୋଇ ସିବିଆଇରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ୮ଦିନ ହେବ ଡେପୁଟି ଡାଇରେକଟରଙ୍କୁ ଟ୍ରାକ୍ କରୁଥିଲା ସିବିଆଇ ।

ଗୁରୁବାର ସିଆର୍‌ପି ଛକରେ ଥିବା ଡେପୁଟି ଡାଇରେକଟରଙ୍କ କ୍ୱାର୍ଟର୍ସରେ ଖଣି ମାଲିକ ପୂର୍ବ ପ୍ରସ୍ତୁତି ଅନୁଯାୟୀ ୨୦ଲକ୍ଷ ଟଙ୍କା ଲାଞ୍ଚ ଦେବା ବେଳେ ସିବିଆଇ ତାଙ୍କୁ କାବୁ କରିନେଇଥିଲା । କ୍ୱାର୍ଟର୍ସରୁ ଧରିବା ପରେ ଏତଲାକାରୀ ଖଣି ମାଲିକ ଓ ଡେପୁଟି ଡାଇରେକଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଅଫିସ୍‌କୁ ନେଇ ପଚରାଉଚରା କରୁଛି । ଏତଲାକାରୀ ଓ ଡେପୁଟି ଡାଇରେକଟରଙ୍କ ମଧ୍ୟରେ କ୍ରସ ଜେରା କରାଯାଉଛି । ପୂର୍ବରୁ ଖଣି ମାଲିକ କେତେଟଙ୍କା ଦେଇଛନ୍ତି ଓ ଆଉ କେତେଟଙ୍କା ଡେପୁଟି ଡାଇରେକଟର ଦାବି କରିଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ପଚରାଉଚରା କରାଯାଉଛି । (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ




"ଜୀବନରେ ଅନେକ ସଂଘର୍ଷ କରିଛି । ଅର୍ଥ ଅଭାବ ସବୁବେଳେ ଲାଗି ରହିଥାଏ । ଏପରି ପରିସ୍ଥିତି ସୁଧାରିବା ପାଇଁ ଧାରାବାହିକରେ ମଧ୍ୟ କାମ କରିଛି ।

**ପଙ୍କଜ କପୁର, ଅଭିନେତା**



"ଶିବ ରାଜକୁମାର ମୋର ପରିବାର ଭଳି, ଯେଉଁଥିପାଇଁ ସେ ଏଠାରେ ଅଛନ୍ତି । ମୁଁ ମୋ କଥା, ଜୀବନ ସବୁ ତାମିଲରୁ ଆରମ୍ଭ କରିଛି । ସେହିଭଳି ଶିବକୁମାର ଆପଣଙ୍କ ଭାଷା ତାମିଲରୁ ବାହାରିଛି, ତେଣୁ ଆପଣ ବି ଆମର ଏକ ଅଂଶ ।


**କମଲ ହାସନ, ଅଭିନେତା**



"ଯେଉଁ ଭିଡିଓଟି ଭାଇରାଲ ହେଉଛି ତାହା ପୁରୁଣା ଭିଡିଓ । ସେହିଭଳି ଏହା ଏକ ସୁଟିଂର ଏକ ଭିଡିଓ । ତାହା ସ୍କ୍ରିପ୍ଟର ଏକ ଅଂଶ ଥିଲା ।

**ସୋନୁ ସୁଦ, ଅଭିନେତା**

# ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର



ଓଡ଼ିଶାର ପୁଣ୍ୟଭୂମିରେ ଅନେକ ଏଭଳି ବରପୁତ୍ର ଜନ୍ମ ଗ୍ରହଣ କରିଛନ୍ତି ଯେଉଁମାନେ ଓଡ଼ିଶାର ନାଁକୁ ଗର୍ବିତ କରିଛନ୍ତି । ସେମାନଙ୍କର ଅବଦାନ ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଏହି ବରପୁତ୍ରଙ୍କର କାର୍ଯ୍ୟ ପାଇଁ ଓଡ଼ିଶାର ଇତିହାସ ସମୃଦ୍ଧ ହୋଇଛି । ସେହିଭଳି ଜଣେ ବରପୁତ୍ର ହେଲେ ସମ୍ବଲପୁର ନନ୍ଦପଡାର ଲକ୍ଷ୍ମୀନାରାୟଣ ମିଶ୍ର । ୧୯୦୪ରେ ଜନ୍ମିତ ଲକ୍ଷ୍ମୀନାରାୟଣ ମିଶ୍ର ଏକାଧାରରେ ଜଣେ ଶିକ୍ଷାବିତ୍, ରାଜନେତା, ଲେଖକ ତଥା ଭାରତୀୟ ଜାତୀୟତାବାଦୀ । ସେ ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡିର ସେନାନୀ ଯାହାଙ୍କର ପଶ୍ଚିମ ଓଡ଼ିଶା ପ୍ରତି ଅନେକ ଅବଦାନ ରହିଛି । ସେ ଦେଶମାତୃକାର ସେବା କରିବା ଲାଗି ପାଖାପାଖି ୧୭ ବର୍ଷ କାରାଗାରରେ କାଟିଛନ୍ତି । ସେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ଅଧାରୁ ପାଠ ଛାଡିଥିଲେ । ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପରେ ତାଙ୍କୁ ଜେଲ୍ ଯିବାକୁ ପଡିଥିଲା । ହେଲେ ଶିକ୍ଷାର ଆଗ୍ରହ ତାଙ୍କର କମି ନଥିଲା, ଜେଲ୍‌ରେ ରହି ମଧ୍ୟ ସେ ପାଠ ପଢ଼ା ଛାଡି ନଥିଲେ । ସେ ଜେଲରେ ଥିବା ସମୟରେ ଗୁଜରାଟି, ଉର୍ଦ୍ଦୁ ଭଳି ଅନେକ ଭାଷା ମଧ୍ୟ ଶିଖିଥିଲେ, ଶିକ୍ଷା ପ୍ରତି ଦୃଢ ଇଚ୍ଛା ପାଇଁ ତାଙ୍କୁ ପଣ୍ଡିତର ଆଖ୍ୟା ପ୍ରଦାନ କରାଯାଇଥିଲା । ସେ ସ୍ୱାଧୀନତା ସଂଗ୍ରାମକୁ ପଶ୍ଚିମ ଓଡ଼ିଶାର ଗାଁଗାଁରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଲବଣ ସତ୍ୟାଗ୍ରହ, ଆଇନ୍ ଅମାନ୍ୟ ଆନ୍ଦୋଳନ ଆଦିରେ ସାମିଲ ହୋଇ ସେ ନିଜ ଜୀବନକୁ ଦେଶସେବାରେ ଉତ୍ସର୍ଗ କରିଥିଲେ । ସ୍କୁଲରେ ଶିକ୍ଷା ଗ୍ରହଣ କରିନଥିଲେ ମଧ୍ୟ ସେ ଜଣେ ଭଲ ଲେଖକ ଥିଲେ । ସେ ଅନେକ ପୁସ୍ତକ ରଚନା କରିଛନ୍ତି ଯାହା ତାଙ୍କୁ ଜନମାନସ ପଟରେ ଆଜି ବି ଜୀବନ୍ତ କରିରଖିଛି । ନିଜର ଅଧିକାଂଶ ସମୟ ସେ ଦେଶ ସେବା ବ୍ୟତୀତ ପଢାପଢିରେ କାଟୁଥିଲେ । ସେହିଭଳି ସେ ଜଣେ ସୁବକ୍ତା ଭାବେ ମଧ୍ୟ ବେଶ୍ ପରିଚିତ । ତାଙ୍କର ଦେଶ ଓ ଓଡ଼ିଶା ପାଇଁ ଥିବା ମହତ ଅବଦାନ ପାଇଁ ସାଧାରଣ ଲୋକଙ୍କ ସହିତ ସରକାର ତାଙ୍କୁ ସବୁବେଳେ ସମ୍ମାନ ଦେଇଥାଆନ୍ତି । ତାଙ୍କ ନାମରେ ଝାରସୁଗୁଡାରେ ଲକ୍ଷ୍ମୀନାରାୟଣ କଲେଜ ସ୍ଥାପନ କରାଯାଇଛି । ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ ନିକଟରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି । ଏହାସହ ତାଙ୍କର ଏକ ଜୀବନୀ ରହିଛି ଯାହାକୁ ତାଙ୍କ ଝିଅ ସଙ୍ଘମିତ୍ରା ମିଶ୍ର ଲେଖିଛନ୍ତି । ଏହି ମହାପୁରୁଷଙ୍କର ମାତ୍ର ୫୭ ବର୍ଷ ବୟସରେ ମେ' ୩୦, ୧୯୬୧ରେ ମହାପରାୟଣ ଘଟିଥିଲା ।




# ସ୍କ୍ରିନ୍ ଟାଇମ୍



ଆଜିକାଲି ବିନା ବ୍ଲୁ ସ୍କ୍ରିନ୍‌ରେ କିଛି ବି ହେଉନି । ପିଲାଙ୍କ ପାଠ ପଢାଠାରୁ ଆରମ୍ଭ କରି ସେମାନେ ଖାଇବା ସମୟରେ ବି ବ୍ଲୁ ସ୍କ୍ରିନ୍ ଦେଖୁଛନ୍ତି । ହେଲେ ଏହି ବ୍ଲୁ ସ୍କ୍ରିନ୍‌ର ଅନେକ ଖରାପ ପ୍ରଭାବ ତାଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଦେଖିବାକୁ ମିଳୁଛି ।

ସାଧାରଣତଃ ପିଲାଙ୍କ ପାଖରେ ଭରପୂର ଏନର୍ଜି ସହିତ ନୂଆ ଜିନିଷ ଜାଣିବାରେ ଖୁବ ଆଗ୍ରହ ଦେଖିବାକୁ ମିଳେ । ହେଲେ ଆଜିକାଲି ପିଲାଙ୍କୁ ଅଧିକ ସମୟ ଫୋନ୍ , ଲାପଟପ୍ କିମ୍ବା ଟିଭି ଦେଖି କାଟୁଥିବାର ଦେଖିବାକ ମିଳୁଛି । ହେଲେ ଏହି ଗ୍ୟାଜେଟ୍ ସେମାନଙ୍କୁ ଯେତିକି ସ୍ମାର୍ଟ କରୁଛି ସେତିକି ସେମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ କରୁଛି । କେବଳ ସେମାନଙ୍କୁ ଶାରିରୀକ ଭାବେ ନୁହେଁ ମାନସିକ ଭାବେ ମଧ୍ୟ ଦୁର୍ବଳ କରୁଛି । ଆଜିକାଲି ଅନେକ ଶିଶୁଙ୍କୁ ମାନସିକ ଅବସ୍ଥାରେ ସମସ୍ୟା ହେଉଛି ଯାହା ସେମାନଙ୍କୁ ପାଠପଢା, ଖେଳ, ସାଙ୍ଗସାଥୀଙ୍କ ସହିତ ମିଳାମିଶା ଆଦି ସବୁଥିରେ ପଛରେ ପକାଉଛି । ଏଭଳି ଅନେକ ଅଭିଭାବକ ଅଛନ୍ତି ଯିଏ ଏ ବିଷୟରେ ଜାଣି ମଧ୍ୟ ପାରୁ ନାହାନ୍ତି । ସେମାନଙ୍କ ପିଲା ଅଧିକ ସ୍କ୍ରିନ୍ ଟାଇମ୍ କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି ।

**ମସ୍ତିଷ୍କ ଉପରେ ପ୍ରଭାବ–** ବିଶ୍ୱର ଥିବା ଅନେକ ଶିଶୁ ବିଶେଷଜ୍ଞଙ୍କ ମତରେ ଅତ୍ୟଧିକ ମୋବାଇଲ୍, ଲାପଟପ୍ ବ୍ୟବହାର କରିବା ଫଳରେ ସେମାନଙ୍କ ନିକଟରେ ଆଙ୍ଗଜାଇଟି ସମସ୍ୟା ଅଧିକ ଦେଖାଯାଉଛି । ଏହି କ୍ଷେତ୍ରରେ ହୋଇଥିବା ଅନେକ ଗବେଷଣାର ରିପୋର୍ଟ ଅନୁସାରେ ଜଣେ ଏକ ବର୍ଷର ପିଲା ଯିଏ ଦିନକୁ ଚାରି ଘଣ୍ଟା ଫୋନ ଦେଖୁଛି ସେମାନଙ୍କ ନିକଟରେ ଅନେକ ସମସ୍ୟା ଯେପରି ଅନ୍ୟର କଥା ବୁଝିବା, କଥା କହିବା ଭଳି ସମସ୍ୟା ଦେଖିବାକୁ ମିଳୁଛି । ସେହିଭଳି ଏହି ସମସ୍ୟା ସମାଧାନ ହେବା ସ୍ଥାନରେ ବଢିବାରେ ଲାଗୁଛି । ତେଣୁ ସ୍କ୍ରିନ୍ ଟାଇମ୍‌ର ପ୍ରଭାବ ଆମ ମାନସିକ ସ୍ୱାସ୍ଥ୍ୟ ଉପରେ ଖୁବ ଅଧିକ ପଡୁଛି । ସେମାନଙ୍କ ସ୍ମରଣ ଶକ୍ତି, ବାକ୍ ଶକ୍ତି, କୌଣସି କଥାକୁ ବୁଝିବା, ପାଠ ପଢିବା ଆଦି ଉପରେ ଖରାପ ପ୍ରଭାବ ପଡୁଥିବାର ଦେଖିବାକୁ ମିଳୁଛି ।

**ଟିପ୍ସ–** ତେବେ ଏପରି ନୁହେଁ କି ସବୁ ପିଲାଙ୍କ ପାଇଁ ଗ୍ୟାଜେଟ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ । ହେଲେ ଆମକୁ ସବୁବେଳେ ସତର୍କର ସହିତ ଏହାକୁ ବ୍ୟବହାର କରିବାର ଅଛି । ସେଥିପାଇଁ କିଛି ଟ୍ରିକ୍ ଆପଣାଇବାକୁ ପଡିବ । କିଏ କେତେ ସମୟ ପାଇଁ ଗ୍ୟାଜେଟ୍ ବ୍ୟବହାର କରିବା ଦ୍ୱାରା କୌଣସି ଅସୁବିଧା ହେବ ନାହିଁ ତାହା ମଧ୍ୟ ଜାଣିବାର ଅଛି । ସେଥିପାଇଁ ରହିଥିବା ଗାଇଡ୍ ଲାଇନ୍ ବିଷୟରେ ଆସନ୍ତୁ ଜାଣିବା । ୨ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୌଣସି ଗ୍ୟାଜେଟ୍ ଧରିବାକୁ ଦିଅନ୍ତୁ ନାହିଁ । ଏହି ସମୟରେ ତାଙ୍କର ନୋ ସ୍କ୍ରିନ୍ ଟାଇମ୍ ରହିବା ଆବଶ୍ୟକ ରହିଛି । ତେବେ କିଛି ଦିନ ବ୍ୟବଧାନରେ ସେମାନେ ଭିଡିଓ କଲ୍‌ରେ କାହା ସହିତ କଥା ହୋଇ ପାରିବେ । ତେବେ ପିଲାଙ୍କୁ ମୋବାଇଲରେ ଖେଳାଇବା ପରିବର୍ତ୍ତେ ଅନ୍ୟ ପିଲାଙ୍କ ସହିତ ଖେଳାଇବା କିମ୍ବା ସେମାନଙ୍କୁ କିଛି ମଜାଦାର ଆକ୍ଟିଭିଟି କରାନ୍ତୁ, ଯାହାଫଳରେ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିବ । ଫୋନ୍ ପରିବର୍ତ୍ତେ ନିଜେ ସେମାନଙ୍କ ସହ ସମୟ କାଟନ୍ତୁ ।

## ଇତିହାସ

୧୮୯୬– ଆମେରିକାର ନ୍ୟୁୟର୍କ ସହରରେ ପ୍ରଥମ ଅଟୋମୋବାଇଲ ଦୁର୍ଘଟଣା ହୋଇଥିଲା ।

୧୯୧୯– ରବିନ୍ଦ୍ରନାଥ ଟାଗୋର ଜାଲିଆନାୱାଲାବାଗ ନରସଂହାର ବିରୋଧରେ 'ସାର୍' ଉପାଧି ଫେରସ୍ତ କରିଥିଲେ ।

୧୯୫୫– ଭାରତରେ ଟ୍ରେଡ ୟୁନିୟନ ଆନ୍ଦୋଳନର ଜନ୍ମଦାତା ନାରାୟଣ ମହ୍ଲାର ଯୋଶୀଙ୍କ ନିଧନ ହୋଇଥିଲା ।

୧୯୮୭– ଗୋଆକୁ ୨୫ତମ ପୂର୍ଣ୍ଣ ରାଜ୍ୟ ରୂପେ ମାନ୍ୟତା ମିଳିଥିଲା ।

୧୯୯୮– ଆଫଗାନିସ୍ଥାନରେ ଭୀଷଣ ଭୂକମ୍ପରେ ଅନ୍ୟୁନ ୫ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା ।

୨୦୦୦– ଆଧୁନିକ ହିନ୍ଦୀ ସାହିତ୍ୟର ସୁପ୍ରସିଦ୍ଧ ଆଲୋଚକ, ପ୍ରାବନ୍ଧିକ, ବିଚାରକ ତଥା କବି ରାମବିଳାଶ ଶର୍ମାଙ୍କ ନିଧନ ହୋଇଥିଲା ।

# ଅନେକ ବର୍ଷ ପରେ ଏକାଠି





ଜେନିଫର ୱିଙ୍ଗେଟ୍ ଓ କରଣ ସିଂ ଗ୍ରୋବରଙ୍କୁ ଅନେକ ବର୍ଷ ପରେ ଏକାଠି ଦେଖିବାକୁ ମିଳିବ । ଦିନ ଥିଲା ଉଭୟ ଟେଲିଭିଜନ ଜଗତର ବେଶ୍ ପରିଚିତ ଯୋଡି ଥିଲେ। ଉଭୟଙ୍କୁ ଦର୍ଶକ ଖୁବ ପସନ୍ଦ କରୁଥିଲେ । ସେହିଭଳି ଉଭୟଙ୍କର କେବଳ ରିଲ୍ ନୁହେଁ ରିଅଲ ଯୋଡି ମଧ୍ୟ ଥିଲେ । ଉଭୟ କିଛି ବର୍ଷ ପାଇଁ ବିବାହ ବନ୍ଧନରେ ମଧ୍ୟ ବାନ୍ଧି ହୋଇଥିଲେ । ହେଲେ ଏହି ବିବାହ ଅଧିକ ଦିନ ଚାଲି ପାରିନଥିଲା ଏବଂ ବିଚ୍ଛେଦରେ ଶେଷ ହୋଇଥିଲା । ବିବାହ ବିଚ୍ଛେଦ ପରେ ଉଭୟଙ୍କୁ ସ୍କ୍ରିନ୍‌ରେ ଆଉ ଏକାଠି ଦେଖିବାକୁ ମିଳିଲା ନାହିଁ । ଉଭୟଙ୍କ ଯୋଡିଙ୍କୁ କିନ୍ତୁ ଦର୍ଶକ ସ୍କ୍ରିନ୍‌ରେ ମିସ୍ କରୁଥିଲେ । ହେଲେ ବର୍ତ୍ତମାନର ଖବର ଅନୁଯାୟୀ ଉଭୟଙ୍କୁ ପୁଣି ସ୍କ୍ରିନ୍‌ରେ ଏକାଠି ଦେଖିବାକୁ ମିଳିବ । ପାଖାପାଖି ୧୧ ବର୍ଷ ପରେ ଉଭୟ ପରଦାରେ ପୁଣି ଏକାଠି ହେବାକୁ ଯାଉଛନ୍ତି । ଉଭୟ ରିଆଲିଟି ଶୋ' 'ଦି ଟ୍ରେଟର୍ସ'ରେ ପୁଣି ଏକାଠି ହେବେ । ଉଭୟ ଏହି ଶୋ'ରେ ଭାଗ ନେବେ ବୋଲି ରାଜି ହୋଇଥିବା ଜଣା ପଡିଛି । ତେବେ ମେକର୍ସଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ । ଏହି ଶୋରେ ରାଜ କୁନ୍ଦ୍ରା, ରଫ୍‌ତାର, ଅପୂର୍ବା ମୁଖାର୍ଜୀ, ମୁନ୍ନବର ଫାରୁକୀ, ଉର୍ଫି ଜାବେଦ, କରଣଙ୍କ କୁନ୍ଦ୍ରାଙ୍କ ଭଳି ଅନେକ ଚର୍ଚ୍ଚିତ ଚେହେରା ସାମିଲ ହେବେ ।

# ୩ କୋଟିର ମୁକୁଟ

ଚଳିତ ବର୍ଷ ବିଶ୍ୱସୁନ୍ଦରୀ ପ୍ରତିଯୋଗିତା ଭାରତର ହାଇଦ୍ରାବାଦରେ ଜାରି ରହିଛି । ଏଥିରେ ବିଶ୍ୱର ଅନେକ ପ୍ରତିଯୋଗୀ ଭାଗ ନେଇଛନ୍ତି ଯେଉଁଥିରୁ ବିଶ୍ୱ ସୁନ୍ଦରୀଙ୍କୁ ବଛା ହେବ । ତେବେ ଏହି ପ୍ରତିଯୋଗିତାରେ ବିଜେତାଙ୍କୁ ମିଳୁଥିବା ମୁକୁଟ ବା କ୍ରାଉନକୁ ନେଇ ଅନେକ ଚର୍ଚ୍ଚା ସବୁବେଳେ ଦେଖିବାକୁ ମିଳିଥାଏ। ନିକଟରେ ମିସ୍‌ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ଚଳିତ ପ୍ରତିଯୋଗିତାର ଫାଇନାଲ ଇଭେଣ୍ଟକୁ ନେଇ କିଛି ସୂଚନା ଦେଇଛନ୍ତି, ଯାହା ବର୍ତ୍ତମାନ ଲାଇମ୍ ଲାଇଟ୍‌ରେ ରହିଛି । ସୂଚନା ଅନୁସାରେ ଏହି ମୁକୁଟର ଦାମ ରହିଛି ୩ କୋଟି ନିଲମ ପଥର ସହିତ ୧୭୫.୪୯ କ୍ୟାରଟର ଆହୁରି ୧୭୭୦ଟି ଛୋଟ ହୀରା ଓ ୧୮ କ୍ୟାରେଟ୍‌ର ଧଳା ସୁନା ଖଞ୍ଜା ଯାଇଛି । ଏହାର ନେଳି ରଙ୍ଗ ଶାନ୍ତି, ବୁଝାମଣା ଓ ବିଶ୍ୱାସର ପ୍ରତୀକ । ଏହି ମୁକୁଟ ସହିତ ବିଜେତାଙ୍କୁ ୧.୧୫ କୋଟି ଟଙ୍କାର ପୁରସ୍କାର ରାଶି ମଧ୍ୟ ମିଳିବ । ଏହାସହ ବିଜେତା ସାରା ବିଶ୍ୱ ବୁଲିବା ସହିତ ବିଭିନ୍ନ ପ୍ରକଳ୍ପରେ ଭାଗ ନେଇଥାଆନ୍ତି । ଚଳିତ ପ୍ରତିଯୋଗିତାରେ ୧୦୮ଟି ଦେଶର ପ୍ରତିଯୋଗୀ ଭାଗ ନେଇଛନ୍ତି ଯେଉଁଥିରୁ ବିଶ୍ୱ ସୁନ୍ଦରୀ ବଛା ହେବେ। ଏଥିରେ ନିୟମ ଅନୁସାରେ ଏଥିରେ ଏକ ଟପ୍ ୪୦ ବଛା ହୋଇଥାଏ ଯେଉଁଥିରେ ଟପ୍ ୪୦ରେ ୪ଟି କଣ୍ଟେନେଟରୁ ୧୦ ଜଣ ପ୍ରତିଯୋଗୀ ସାମିଲ ହୋଇଥାଆନ୍ତି। ଏହାପରେ ପ୍ରତିଯୋଗିତାର ପ୍ରକ୍ରିୟା ଆଗକୁ ବଢିବା ସହିତ ବିଜେତା ବଛା ହୋଇଥାଆନ୍ତି ।



## ୨ଗୋଷ୍ଠୀ ଟ୍ରକ୍ ମାଲିକ ମୁହାଁମୁହିଁ : ଥାନାରେ ମାମଲା

# ୫ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ଥାନା ପୁଲିସର ପଚରାଉଚରା

କଟକ,(ସବ୍ୟୁ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଗୁଡ୍ସସାଇଡ୍‌ରେ ମାଲ୍ ଲୋଡ୍ ଓ ଅନଲୋଡ୍‌ରୁ ନେଇ ବିବାଦ ଦେଖାଦେଇଛି । ୨ଗୋଷ୍ଠୀ ଟ୍ରକ୍ ମାଲିକଙ୍କ ଭିତରେ ଗଣ୍ଡଗୋଳ ଘଟିବା ପରେ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି । ଏହି ଘଟଣାରେ ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଏହାପରେ ଥାନାରେ ନୋଟିସ୍ ଦେଇ ଛାଡି ଦିଆଯାଇଛି ବୋଲି ଆଇଆଇସି ଚିନ୍ତେଶ୍ୱର ମୁଣ୍ଡ ସୂଚନା ଦେଇଛନ୍ତି ।

ଶିଖରପୁର ତଳସାହିର ଅଶୋକ ପ୍ରଧାନ ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କର ଟ୍ରକ୍ ଶିଖରପୁର ଗୁଡ୍ସାଇଡ୍ରେ ମାଲ୍ ଲୋଡ୍ ପାଇଁ ଯାଇଥିବା ବେଳେ ସେଠାରେ ଶିବପ୍ରସାଦ ଗୋଛି ଓ ଶିବାଶିଷ ଦାସ ମାଲ୍ ଲୋଡ୍ କରାଇ ଦେଉନାହାନ୍ତି । ବାରମ୍ବାର ଏଭଳି ହଇରାଣ ହରକତ ତାଙ୍କୁ କରାଯାଉଛି । ତେଣୁ ୨୭ ତାରିଖ ସନ୍ଧ୍ୟାରେ ଓଡ଼ିଶା ଟ୍ରକ୍ ମାଲିକ ସଂଘର ବୈଠକ ଚାଲିଥିବା ବେଳେ ଏହି ବିଷୟରେ ଏକ ଅଭିଯୋଗ ନେଇ ପହଞ୍ଚିଥଲେ । ମାତ୍ର ସେଠାରେ ମଧ୍ୟ ଶ୍ରୀ ଗୋଛି ଓ ଶ୍ରୀ ଦାସ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଧମକଚମକ ଦେଇଥିଲେ । ଏପରିକି ବୈଠକରୁ ମଧ୍ୟ ବାହାର କରିଦେଇଥିଲେ ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପାଇ ଚାଉଳିଆଗଞ୍ଜ ଥାନା ପୁଲିସ କେସ୍ ନମ୍ବର ୨୫୦/୨୫ ରୁଜୁ କରିଛି । ଏହି କ୍ରମରେ ଗଣ୍ଡରପୁର ଶିବାଶିଷ ଦାସ ମଧ୍ୟ ଥାନାରେ ଅନ୍ୟ ଏକ ପାଲଟା ଏତଲା ଦେଇଛନ୍ତି । ଶ୍ରୀ ଦାସଙ୍କ ଅଭିଯୋଗ ଅନୁସାରେ, ଗତ ୨୭ ତାରିଖ ସନ୍ଧ୍ୟାରେ ଗଣ୍ଡରପୁର ସ୍ଥିତ ଟ୍ରକ୍ ମାଲିକ ସଂଘର ଏକ ବୈଠକ ଚାଲିଥିଲା । ଏହି ସମୟରେ ବୈଠକରେ ହଠାତ୍ ଶିଖରପୁର ତଳସାହିର ଅଶୋକ ପ୍ରଧାନ, ବିକାଶ ପରିଡ଼ା ଓ ମିଳନ ମୁଦୁଲି ପ୍ରବେଶ କରିଥିଲେ । ବୈଠକରେ ଅନ୍ୟ ପ୍ରସଙ୍ଗରେ ଚର୍ଚ୍ଚା ହେଉଥିଲା । ହେଲେ ସେଠାରେ ଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା କରିଥିଲେ । ଏପରିକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦେବା ଧମକଚମ ଦେଇ ବୈଠକରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଏହି ଅଭିଯୋଗ ପାଇବା ପରେ ପୁଲିସ କେସ୍ ନମ୍ବର ୨୪୮/୨୫ ରୁଜୁ କରିଛି । ତେବେ ଏହି କେସ୍ ରୁଜୁ ହେବା ପରେ ମଧ୍ୟ ୨ ଗୋଷ୍ଠୀର ଟ୍ରକ୍ ମାଲିକ ଆଜି ଏକ ସ୍ଥାନରେ ମୁହାଁମୁହିଁ ହୋଇଥିବା ପୁଲିସ କହିଛି । ଏହା ପରେ ତୁରନ୍ତ ଉଭୟ ପକ୍ଷରେ ଥିବା ୫ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଡକାଯାଇଥିଲା ।

## ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ

# ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା, ନେତୃତ୍ୱ ଭାବନା ଜାଗ୍ରତ କରିବା ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି । ଏହା କେବଳ ରୋଜଗାରର କଥା ନୁହେଁ, ବରଂ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ–୨୦୨୫ରେ ଏହା କହିଛନ୍ତି ।

ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ହେଉଛି ଆମର ମହିଳା ନେତୃତ୍ୱ ପ୍ରତି ସଂକଳ୍ପ । ମହିଳାଙ୍କ ଶକ୍ତି, ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରିଥାଏ । ଲକ୍ଷପତି ଦିଦି ଯୋଜନା କେବଳ ଏକ କଲ୍ୟାଣକାରୀ ଯୋଜନା ନୁହେଁ, ଏହା ହେଉଛି ଏକ ସମାବେଶୀ ଓ ସ୍ଥାୟୀ ବିକାଶର ରଣନୀତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମହିଳାଙ୍କର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଓଡିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି । ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ଆଜି ଓଡିଶା ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି । ଓଡିଶାର




ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଉପଲବ୍ଧ କରାଯାଉଛି । ରିଭଲଭିଂ ଫଣ୍ଡ ସହାୟତାକୁ ୧୫ ହଜାର ଟଙ୍କାରୁ ବଢାଇ ୩୦ ହଜାର ଟଙ୍କାକୁ କରାଯାଇଛି । କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ବଢାଇ ୩୫ ଲକ୍ଷ ଟଙ୍କାରୁ ୬୦ ଲକ୍ଷ ଟଙ୍କାକୁ କରାଯାଇଛି । ଏହା ଦ୍ୱାରା ଏସ୍‌ଏଚ୍‌ଜି ସଦସ୍ୟାମାନେ ନିଜ ବ୍ୟବସାୟ ଓ ଜୀବିକାକୁ ଆତ୍ମ ବିଶ୍ୱାସର ସହ ଆଗକୁ ନେଇ ପାରୁଛନ୍ତି । ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ଏସ୍‌ଏଚ୍‌ଜି ମହିଳାମାନେ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରି ନିଜର ପରିଚୟ ସୃଷ୍ଟି କରିବା ସହିତ ଆତ୍ମବିଶ୍ୱାସ ବଢାଇ ପାରୁଛନ୍ତି । ଆମର ସୁଭଦ୍ରା ଶକ୍ତି କାଫେ ଏକ ନୂଆ ଜୀବିକା ମଡେଲ୍ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ରାୟଗଡା ଜିଲ୍ଲାର ଲକ୍ଷପତି ଦିଦି ବିନ୍ଧ୍ୟବାଶିନୀ, ମହାରାଷ୍ଟ୍ରର ଶୋଭା ଦିଗମ୍ବର କଦମ୍ ସେମାନଙ୍କର ସଫଳତାର ଅନୁଭୂତି ଓ ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ ଜିଲ୍ଲାର ଶକୁନ୍ତଳା ଧଳ, ଗଜପତି ଜିଲ୍ଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡା ଜିଲ୍ଲାର ମମତା ନାଥ ଶର୍ମାଙ୍କୁ ପୁରସ୍କୃତ କରିଥିଲେ । ଜିଲ୍ଲାରେ ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ରାଜ୍ୟ ସ୍ତରରେ ଶ୍ରେଷ୍ଠ ଅଧିକାରୀ ଭାବେ ଓଡିଶା ଜୀବିକା ମିଶନ, ଭୁବନେଶ୍ୱରର ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଉଦବୋଧନ ଦେଇ କହିଥିଲେ ଯେ, ଆଗାମୀ ଦିନରେ ସଶକ୍ତ ମହିଳା ମାନେ ବିକଶିତ ଭାରତ ଓ ସମୃଦ୍ଧ ଓଡିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ।

## ଜୟହିନ୍ଦ ସଭାରେ ଦେଶର ସୈନ୍ୟ ବାହିନୀର

# ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର (ସବ୍ୟୁ): ଗତ ଏପ୍ରେଲ ୨୨ ତାରିଖ ପହଲଗାମ ଅଞ୍ଚଳରେ ପାକିସ୍ଥାନ ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ବନ୍ଧୁକ ମୁନରେ ଅକାଳ ଓ ଅକାରଣରେ ୨୭ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଆତଙ୍କବାଦୀଙ୍କୁ ପୃଷ୍ଟପୋଷକତା ଯୋଗାଉଥିବା ପାକିସ୍ଥାନ ବିରୁଦ୍ଧରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଫଳ ସ୍ୱରୂପ କଂଗ୍ରେସ ଦଳ ସମେତ ଭାରତବର୍ଷର ସମସ୍ତ ବିରୋଧି ଦଳ ସରକାରଙ୍କ ସହିତ ଏକଜୁଟ ହୋଇ ଆତଙ୍କବାଦ ବିରୁଦ୍ଧରେ ଏକ ପୂର୍ଣ୍ଣାଙ୍ଗ ଲଢେ କରିବାପାଇଁ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଏହି ଆକ୍ରମଣ ପ୍ରତିଆକ୍ରମଣ ଯୁଦ୍ଧଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା । କେନ୍ଦ୍ର ସରକାର ଅପରେସନ ସିନ୍ଦୁର ଘୋଷଣା କରି ସୀମାବର୍ତ୍ତୀ ଅଞ୍ଚଳରେ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ପ୍ରତିଆକ୍ରମଣ ଭିତରେ ଭାରତ ବର୍ଷର ତିନି ସୈନ୍ୟବାହିନୀର ଜବାନ, ଅଧିକାରୀ ମାନେ ଅଦମ୍ୟ ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମ ପ୍ରଦର୍ଶନ କରିଥିଲେ । ଗୁରୁବାର ସୈନ୍ୟବାହିନୀଙ୍କର ଏହି ସୌର୍ଯ୍ୟ, ବିର୍ଯ୍ୟ ଓ ପରାକ୍ରମର ସମ୍ମାନରେ ଜୟହିନ୍ଦ ସଭା ମାଧ୍ୟମରେ ସାରା ଦେଶରେ ସ୍ମୃତି ଚାରଣ କରାଯାଇଛି । ଏହି ଅବସରରେ ରାଜ୍ୟ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ଜୟହିନ୍ଦ ସଭା ଆୟୋଜ କରାଯାଇଥିଲା । ଉକ୍ତ




ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ଲୋକସଭାର ସାଂସଦ ଦିପେନ୍ଦର ସିଂ ହୁଡ୍ଡା, ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଅମର ପ୍ରଧାନ, ନଗେନ୍ଦ୍ର ପଧାନ, ସୁରେଶ କୁମାର ରାଉତରାୟ, ରଞ୍ଜିବ ବିଶ୍ୱାଳ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂ ସାଲୁଜା, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓଡ଼ିଶାର ୨୦ଜଣ ଅବସରପ୍ରାପ୍ତ ତିନି ସେନାର ପ୍ରମୁଖ ବୀର ଜବାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ପୂର୍ବତନ ସୈନିକ ତଥା କଂଗ୍ରେସ ବିଧାୟକ ଦଳ ଉପନେତା ସିଏଏସ ରାଜନ ଏକ୍କାକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ତିନିଜଣ ବରିଷ୍ଠ ପୂର୍ବତନ ସେନାଅଧିକାରୀ ନିଜର ବକ୍ତବ୍ୟ ରଖି କହିଥିଲେ ଯେ ଭାରତବର୍ଷର ସୈନ୍ୟ ପୃଥିବୀର ଯେକୌଣସି ରାଷ୍ଟ୍ରର ସୈନିକଙ୍କ ଠାରୁ ଅଧିକ ଶକ୍ତିଶାଳୀ ଓ ପରାକ୍ରମୀ । ଅପରସେନ ସିନ୍ଦୁର ସମୟରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଏହା ଭାରତପାଇଁ ଅନୁକୂଳ ଥିଲା ଆମେ ଏହାର ସୁଯୋଗ ନେଇ ପାକଅଧିକୃତ କାଶ୍ମିରକୁ ଛଡ଼ାଇ ଆଣିବାର ସବୁ ସୁଯୋଗକୁ ହାତଛଡ଼ା କଲୁ ।

ଦିପେନ୍ଦର ସିଂ ହୁଡ୍ଡା କହିଥିଲେ ଯେ ଦେଶର ସୈନ୍ୟବାହୀଙ୍କର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ଦେବ ନାହିଁ । ଭାରତର ସୈନ୍ୟବାହିନୀଙ୍କର ଆତ୍ମବଳିଦାନ ଯୋଗୁଁ ଆଜି ଆମେସମସ୍ତେ ଶାନ୍ତିରେ ଅଛୁ । ୧୯୯୪ ମସିହାରେ ପିଭି ନରସିଂହ ରାଓଙ୍କ ସରକାର ସମୟରେ




ପିଓକେକୁ ଫେରାଇ ଆଣିବାପାଇଁ ସଂସଦରେ ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିକୁ ପୂର୍ନବାର ଦୋହରାଇବା ପାଇଁ ଆମେ ସଂସଦର ଅଧିବେଶନ ଚାହୁଁଛୁ ।

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଭାରତୀୟ ସୈନ୍ୟବାହିନୀର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରି କରିଥିଲେ । ସେ କହିଥିଲେ ୧୯୬୨ ମସିହା ଓ ୧୯୬୫ ମସିହାର ଯୁଦ୍ଧ ଆଜିବି ମୋର ମନେ ଅଛି । ୧୯୭୧ ମସିହାରେ ଆମ ସେନାବାହିନୀ ୯୧ ହଜାରରୁ ଅଧିକ ପାକିସ୍ଥାନୀ ସୈନ୍ୟଙ୍କୁ ଗୃହବନ୍ଧୀ କରି ରଖିଥିଲା । ଏ ଦେଶରେ ସାର୍ବଭୌମତ ଏକ ଅଖଣ୍ଡତା ଏ ଦେଶର ସୈନ୍ୟବାହିନୀଙ୍କ ହାତରେ ।

ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଭାରତବର୍ଷର ସୈନ୍ୟବାହିନୀର ସଫଳତାକୁ ଆଜି ବିଜେପି ନିଜର ସଫଳତା ବୋଲି କହିବାରେ ଲାଗିଛି । ଭାରତୀୟ ସେନା, ଭାରତବର୍ଷର ଗୌରବ ଏବଂ ସେମାନଙ୍କର ପରାକ୍ରମ ଯୋଗୁଁ ଆଜି ଶତ୍ରୁମାନେ ଧୂଳିସାତ ହେଉଛନ୍ତି । ସେମାନଙ୍କର ତ୍ୟାଗ, ବଳିଦାନ ପାଖରେ ଏ ଦେଶ ନତମସ୍ତକ । ସେମାନଙ୍କର ପରାକ୍ରମ ଏବଂ ଦେଶପ୍ରୀତି ଯୋଗୁଁ ଯେତେବେଳେ ଯେତେବେଳେ ଦେଶ ଉପରେ କୌଣସି ପ୍ରକାର ଶତ୍ରୁରାଷ୍ଟ୍ର ଆଖିପକାଇଛି ଆମର ସୈନ୍ୟବାହିନୀ ଦୃଢ଼ ଜବାବ ଦେଇଛି । ଏହି ଜୟହିନ୍ଦ ସଭାକୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଶୋକ ଦାସ, ସତ୍ୟଜିତ ଗମାଙ୍ଗୋ, ଦାସରଥି ଗମାଙ୍ଗୋ, ଆପାଲସ୍ୱାମୀ କାଡରାକ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ସମୀର ରାଉତରାୟ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଯୁଧିଷ୍ଠିର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ମାନସ ରଞ୍ଜନ ଆଚାର୍ଯ୍ୟ, ଲଲାଟେନ୍ଦୁ ମହାପାତ୍ର ବହୁ ଛାତ୍ର ମହିଳା ଯୁବ କଂଗ୍ରେସ ନେତୃବୃନ୍ଦ ଓ ବିଭିନ୍ନ ଜିଲ୍ଲାର ସଭାପତି ତଥା ବରିଷ୍ଠ ନେତୃବର୍ଗମାନେ ଯୋଗଦେଇଥିଲେ ।

# ସମ୍ବିତ ପାତ୍ର ପିସିଆଇ ସଦସ୍ୟ

ଭୁବନେଶ୍ୱର (ସବ୍ୟୁ): ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ)ର ସଦସ୍ୟଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ୩ ସାଂସଦଙ୍କୁ ମନୋନୀତ କରିଛନ୍ତି । ମନୋନୀତ ସାଂସଦଙ୍କ ମଧ୍ୟରେ ପୁରୀ ବିଜେପି ସାଂସଦ ସମ୍ବିତ ପାତ୍ର, ମହାରାଷ୍ଟ୍ର ରାଣେର ଶିବସେନା ସାଂସଦ ନରେଶ ଗଣପତ ମସ୍କେ ଓ ଝାରଖଣ୍ଡ କଂଗ୍ରେସ ସାଂସଦ କାଳିଚରଣ ମୁଣ୍ଡା ଅଛନ୍ତି ।



ଖବରକାଗଜ ଓ ଖବର ସରବରାହ ସଂସ୍ଥାର ଉନ୍ନତି ଓ ପ୍ରେସ୍ ସ୍ୱାଧିନତା ପାଇଁ ପିସିଆଇ କାର୍ଯ୍ୟ କରିବ ।

# ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ବେଦ ଅଧ୍ୟୟନର ସୁଯୋଗ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷର ଗ୍ରୀଷ୍ମ ଅବକାଶ ଅବସରରେ ତାମିଲନାଡୁସ୍ଥିତ ବେଦ ବିଦ୍ୟାଳୟ ପକ୍ଷରୁ ଓଡ଼ିଆ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ନିଃଶୁଳ୍କ ବେଦ ଅଧ୍ୟୟନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ଶିକ୍ଷାର୍ଥୀ ଜୀବନର ବ୍ୟସ୍ତତା ମଧ୍ୟରେ, ଛାତ୍ରଛାତ୍ରୀମାନେ ପ୍ରାୟତଃ ଅଧ୍ୟୟନ, ସାମାଜିକ ଜୀବନ ଓ ବ୍ୟକ୍ତିଗତ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରି ପାରି ନ ଥାନ୍ତି । ଏଥିପାଇଁ କୈଶୋରରୁ ସେମାନଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରାଇବା ଏହାର ଉଦ୍ଦେଶ୍ୟ । ଏହା ସେମାନଙ୍କୁ ଜଣେ ଭଲ ଶିକ୍ଷାର୍ଥୀ ହେବାରେ ସାହାଯ୍ୟ କରିବା ସହ ସେମାନଙ୍କୁ ଭଲ ନାଗରିକ କରି ଗଢି ତୋଳିବାରେ ସହାୟକ ହେବ ।

ସାଧୁସନ୍ଥ ଓ ଗୁଣୀ ଜ୍ଞାନୀମାନଙ୍କ ମତରେ, ବେଦ ଅଧ୍ୟୟନ ଛାତ୍ରଜୀବନକୁ ଅନେକ ମାତ୍ରାରେ ସନ୍ତୁଳିତ କରିବାରେ ସହାୟକ ହୋଇଥାଏ । ବେଦରେ ଏପରି ଅନେକ ଉପାଦାନ ରହିଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ସାମଗ୍ରିକ ଆତ୍ମ–ବିକାଶ ପଥରେ ନେଇଯାଇପାରେ ଏବଂ ତାହା ଶିକ୍ଷାଗତ ଓ ବ୍ୟକ୍ତିଗତ ଉଭୟ କ୍ଷେତ୍ରରେ ସଫଳତା ପାଇଁ ପଥ ପ୍ରସ୍ତୁତ କରିପାରେ ।

ଏହାକୁ ଦୃଷ୍ଟିରେ ରଖି, ଏହି ନିଃଶୁଳ୍କ ବେଦ ଅଧ୍ୟୟନ କାର୍ଯ୍ୟକ୍ରମ ବେଦ ବିଦ୍ୟାଳୟ ଆନୁକୂଲ୍ୟରେ, ପାତ୍ରପଡ଼ା, କଲ୍ୟାଣୀ ପ୍ଲାଜା, ଦ୍ୱିତୀୟ ମହଲା ସ୍ଥିତ ସତ୍ୟଚେତନା,ଓଡିଶା କାର୍ଯ୍ୟାଳୟଠାରେ ଜୁନ୍ ମାସ ମଧ୍ୟଭାଗରୁ ଅନୁଷ୍ଠିତ ହେବ । ୯ ବର୍ଷରୁ ୧୫ ବର୍ଷ ବୟସର ଛାତ୍ରଛାତ୍ରୀ ପ୍ରତ୍ୟହ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହାର ସୁଯୋଗ ନେଇ ପାରିବେ । ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏହି ଶିକ୍ଷାଦାନ କରିବେ । ପ୍ରଥମ ପର୍ଯ୍ୟାୟରେ ମାତ୍ର ୮ ଜଣ ଶିକ୍ଷାର୍ଥୀଙ୍କୁ ଗ୍ରହଣ କରାଯିବ । ଇଚ୍ଛୁକ ଅଭିଭାବକମାନେ ଏଥିନିମନ୍ତେ ଅନୁଷ୍ଠାନର ସହାୟକ ଅଶୋକ କୁମାର ଗଜେନ୍ଦ୍ର (୯୯୩୮୭୪୭୯୨୮)ଙ୍କ ସହ ଯୋଗାଯୋଗ କରିବାକୁ ତାମିଲନାଡୁ ବେଦ ବିଦ୍ୟାଳୟ ଓ ସତ୍ୟଚେତନା, ଓଡ଼ିଶା ପକ୍ଷରୁ ଅନୁରୋଧ କରାଯାଇଛି ।

## ମଧ୍ୟବିତ୍ତଙ୍କ ସ୍ୱପ୍ନ ପୂରା କରିବେ ସରକାର

# ରାଜଧାନୀରେ ସୁଲଭ ମୂଲ୍ୟରେ ମିଳିବ ଘର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଭୁବନେଶ୍ୱରରେ ସୁଲଭ ଘର ଯୋଗାଇବାକୁ ଯୋଜନା କରିଛନ୍ତି । ଯେଉଁଠାରେ ୧୫ ଲକ୍ଷରୁ ୫୦ ଲକ୍ଷ ମୂଲ୍ୟ ମଧ୍ୟରେ ବାସସ୍ଥାନ ବିକଳ୍ପ ଉପଲବ୍ଧ ହେବ । ଆଗାମୀ ଯୋଜନା ଏମଆଇଜି, ଏଲଆଇଜି, ଏଲଆଇଜି–୧ ଓ ଏମଆଇଜି–୨ ସମେତ ବିଭିନ୍ନ ବର୍ଗର ନାଗରିକଙ୍କ ନିଜ ଘରର ସ୍ୱପ୍ନକୁ ପୂରଣ କରିବ ।



ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜଧାନୀ ଜନଗହଳିପୂର୍ଣ୍ଣ ହେବାରେ ଲାଗିଛି । ଲୋକମାନେ ଘର ପାଇଲେ ଭୁବନେଶ୍ୱର ସହର ବୃଦ୍ଧି ପାଇବ । ସରକାର ଘର ଯୋଗାଇବାକୁ ଯାଉଥିବାରୁ ଏହାଦ୍ୱାରା ସାଧାରଣ ଗରିବ ଏବଂ ମଧ୍ୟବିତ୍ତ ପରିବାରର ରାଜଧାନୀରେ ନିଜର ଘରର ସ୍ୱପ୍ନ ପୂରଣ ହେବ । ଲଟେରୀ ମାଧ୍ୟମରେ ଘର ଯୋଗାଇ ଦିଆଯିବ । କେଉଁ ବର୍ଗର ଲୋକମାନେ ଆବେଦନ କରିପାରିବେ ତାହାର ମାନଦଣ୍ଡ ମଧ୍ୟ ରହିବ । ଏଥିପାଇଁ ଧନୀ ଲୋକମାନେ ଆବେଦନ କରିପାରିବେ ନାହିଁ । ସରକାରଙ୍କ ଲକ୍ଷ୍ୟ ହେଉଛି ଉଚ୍ଚମାନର ଘର ଶସ୍ତାରେ ଯୋଗାଇବା । ସରକାର ପିପିପି ମୋଡ୍ରେ ଘର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଘର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ । ସରକାର ସମବାୟ ବ୍ୟାଙ୍କଗୁଡ଼ିକ ସହିତ ମଧ୍ୟ ଚୁକ୍ତି କରିବେ । ସମବାୟ ବ୍ୟାଙ୍କଗୁଡ଼ିକ ଘରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଏବଂ ଇଏମଆଇ ସଂଗ୍ରହ କରିବେ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି । ସରକାର ଭୁବନେଶ୍ୱରର ଉପକଣ୍ଠ ଅଞ୍ଚଳରେ ଏହି ଘରଗୁଡ଼ିକ ନିର୍ମାଣ କରିବେ । କଟକରେ ମଧ୍ୟ ଲୋକମାନେ ଘର ପାଇବେ । ସରକାର ପ୍ରଥମ ପର୍ଯ୍ୟାୟରେ ମହାନଗର ଅଞ୍ଚଳରେ ସୁଲଭ ଘର ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ଏହା ଦ୍ୱାରା ଭୁବନେଶ୍ୱର ସହରର ବିସ୍ତାର ହେବ । ଲୋକମାନଙ୍କୁ ଯୋଗାଯୋଗର ମଧ୍ୟ ସୁବିଧା ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ରାଜ୍ୟର ଅନ୍ୟାନ୍ୟ ପୌର ଅଞ୍ଚଳରେ ଆବଶ୍ୟକତା ଅନୁସାରେ ସୁଲଭ ଘର ଯୋଗାଇବେ । ସହରକୁ ବସ୍ତିମୁକ୍ତ କରିବା ପାଇଁ ସରକାର ଏକ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି । କାରଣ ଘର ଅଭାବ ହେଉଛି ବସ୍ତି ନିର୍ମାଣର ମୁଖ୍ୟ କାରଣ । ତେଣୁ, ସରକାର ସହର ଭିତରେ ଭଡା ଘର ନିର୍ମାଣ କରିବାକୁ ମଧ୍ୟ ଚିନ୍ତା କରୁଛନ୍ତି ।

**ସହରକୁ ବସ୍ତିମୁକ୍ତ କରିବାକୁ ପ୍ରସ୍ତୁତ ହେବ ଯୋଜନା**

ଏହା ସହିତ ସରକାର ସହର ଯୋଜନା ଏବଂ ଟିପି ସ୍କିମକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ପୁରୁଣା ଜମି ଥିବା ଲୋକମାନେ ଉଚିତ ମୂଲ୍ୟ ପାଉଛନ୍ତି । ସରକାର ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସ୍ୱରେଜ୍, ଡ୍ରେନେଜ୍, ରାସ୍ତା ଏବଂ ଲାଇଟ୍ ଭଳି ଆନୁଷଙ୍ଗିକ ସୁବିଧା ମଧ୍ୟ ଯୋଗାଇବେ । ଏହି ପ୍ରକ୍ରିୟା ଭୁବନେଶ୍ୱର ଏବଂ କଟକରେ ଆରମ୍ଭ ହୋଇଥିବାବେଳେ ସରକାର ଏହାକୁ ଶୀଘ୍ର ପୁରୀରେ କରିବାକୁ ଯୋଜନା କରୁଛନ୍ତି ।

ସୂନାଯୋଗ୍ୟ, ଜମି, ପ୍ଲଟ୍ ଏବଂ ଘରର ଆକାଶଛୁଆଁ ମୂଲ୍ୟ ଯୋଗୁ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ଓଡ଼ିଶାର ରାଜଧାନୀରେ ଘର କିମ୍ବା ଜମି କିଣିବା ଏକ ଦିବାସ୍ୱପ୍ନ ପାଲଟିଛି । ତେବେ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରର ମଧ୍ୟବିତ୍ତ ଆୟ ଗୋଷ୍ଠୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ ବୋଲି କୁହାଯାଉଛି ।




# ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ଶିଳ୍ପ ମନ୍ତ୍ରୀ

ପୁରୀ, (ସବ୍ୟୁ) : ସରକାରଙ୍କର ପ୍ରତିଟି ଯୋଜନା ସାଧାରଣ ଜନତାଙ୍କ ହିତ ପାଇଁ ଉଦିଷ୍ଟ । ଏହାର ସଫଳ ରୂପାୟନ ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମସ୍ତ ଯୋଜନା ଯେପରି ପହଞ୍ଚେ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଗୁରୁବାର ଅପରାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ । ସାଧାରଣ ଜନତା ଯେମିତି ମୌଳିକ ସୁବିଧା ସୁଯୋଗ ପାଆନ୍ତି ଓ କୌଣସି



ସମସ୍ୟା ପାଇଁ ଆଇନ ଅନୁଯାୟୀ ତ୍ୱରିତ ସେବା ପାଇବେ ସେଥି ପ୍ରତି ଯତ୍ନ ବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ରଥଯାତ୍ରା ଆସୁଥିବାରୁ ରାସ୍ତାଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ପରିମଳ,ଆଲୋକ ବ୍ୟବସ୍ଥା, ଆଇନଶୃଙ୍ଖଳା, ପରିବହନ ବ୍ୟବସ୍ଥା, ଗମନାଗମନ, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଜିଲ୍ଲା ରେ ଆରକ୍ଷୀ ବିଭାଗର ସ୍ଥିତି ଓ କାର୍ଯ୍ୟକାରିତା, ଆଇନ ଶୃଙ୍ଖଳା ପରିସ୍ଥିତି ଓ ରଥଯାତ୍ରା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । କୃଷି ଓ କୃଷକ ସଶକ୍ତୀକରଣ,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,ପୂର୍ତ୍ତ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପର୍ଯ୍ୟଟନ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି, ସମାଜ ମଙ୍ଗଳ, ସମାଜ କଲ୍ୟାଣ, ସୂଚନା ଓ ଲୋକ ସମ୍ପର୍କ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ଉଚ୍ଚ ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଓ ପଶୁ ସମ୍ପଦ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,କ୍ରୀଡା ଓ ଯୁବ ବ୍ୟାପାର ଇତ୍ୟାଦି ବିଭାଗର ସମୀକ୍ଷା କରାଯାଇଥିଲା ।

### କୃଷି ଶିକ୍ଷା ସଦନ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

# କୃଷି ସଂକଳ୍ପ ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପୁରୀର ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରୁ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନରେ ଓୟୁଏଟି, ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷକ ମାନଙ୍କ ସହିତ ଭେଟି ଆଗାମୀ ୧୫ ଦିନ ଧରି ଚାଲୁ ରହିବାକୁ ଥିବା ଏହି ଅଭିଯାନ ବିଷୟରେ ଆଲୋକପାତ କରିଥିଲେ । ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିକାଶ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସମର୍ଥନ କରିବା ପାଇଁ ଏକ ଅନନ୍ୟ ପ୍ରୟାସ । କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ଆଗେଇ ନେଉଥିବା କୃଷକମାନଙ୍କ ପ୍ରଗତି ପାଇଁ ଏହି ଅଭିଯାନ ନୂତନ ପଥ ଖୋଲିବ । ମୌସୁମୀ ଆସିବା ଏବଂ ଖରିଫ ଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହିତ, ଆଗାମୀ ୧୨ ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦ୍ୱାରା ଗଠିତ



୨୦୦୦ ଦଳ ୭୦୦ ରୁ ଅଧିକ ଜିଲ୍ଲା ଭ୍ରମଣ କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଚାଷୀଙ୍କ ନିକଟରେ ପହଞ୍ଚିବେ ।

ସେ ସମସ୍ତ ଚାଷୀ ଏବଂ ଏହି ଦଳରେ ଅଂଶଗ୍ରହଣକାରୀଙ୍କୁ ତାଙ୍କର ଶୁଭକାମନା ଜଣାଇ ଭାରତର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସେମାନଙ୍କ ପ୍ରତିବଦ୍ଧତା ବିଷୟରେ କହିଥିଲେ । ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ, ସମସ୍ତ ଚାଷୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ବୈଜ୍ଞାନିକ ଗବେଷଣା ଏବଂ ସଫଳ କୃଷି ପଦ୍ଧତିଗୁଡ଼ିକ ବ୍ୟାପକ ଚାଷୀ ସମାଜ ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ ଏବଂ ବର୍ତ୍ତମାନ ନୂତନ ଶକ୍ତି ଓ ଜ୍ଞାନକୌଶଳ ସହିତ ଏହି ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆଜିର ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ, ଜାତୀୟ ସ୍ତରର ଏକ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ । ଏହା ମାଧ୍ୟମରେ ଭାରତୀୟ କୃଷିର ଦୃଶ୍ୟପଟ ପରିବର୍ତ୍ତନ ହେବ । ବୈଜ୍ଞାନିକ ମାନଙ୍କ ଦ୍ୱାରା ସଠିକ୍ ବୈଷୟିକ ଜ୍ଞାନ କୌଶଳ କିପରି ଚାଷୀ ଭାଇମାନଙ୍କ ପାଖରେ ସିଧା ସଳଖ ପହଞ୍ଚିପାରିବ, ଏହି ଅଭିଯାନ ତାହାକୁ ସୁନିଶ୍ଚିତ କରିବା ସହ ଆମ କୃଷକମାନଙ୍କୁ ସମୃଦ୍ଧ, ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ସେମାନଙ୍କର ସ୍ୱୟଂସମ୍ପୂର୍ଣ୍ଣ ଭବିଷ୍ୟତ ଗଢିବାରେ ସହାୟକ ହେବ । ବୀରଗୋବିନ୍ଦପୁର ଠାରେ କୃଷକ ପଦଯାତ୍ରା, ସିଫାରେ କୃଷିଜୀବୀ ମହିଳା ସମ୍ମିଳନୀ, ସିଏଚ୍ଇଏସ୍ ରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଏବଂ ଓୟୁଏଟି ରେ ଏହି ପ୍ରମୁଖ କାର୍ଯ୍ୟକ୍ରମ, କୃଷି କ୍ଷେତ୍ରରେ ଏକ ନୂତନ ସୂର୍ଯ୍ୟୋଦୟର ଦୃଢ ସମ୍ଭାବନା ସୃଷ୍ଟି କରୁଛି । ଆଜି ଓଡିଶାର କୃଷକମାନେ, କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତିଛ ଆମର ଚାଷୀ ଭାଇମାନେ ପ୍ରତିକୂଳ ପରିସ୍ଥିତିରୁ ଆଗକୁ ଯାଇ ନିଜର ନୂଆ ପଦକ୍ଷେପ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ମନୋଭାବ ମାଧ୍ୟମରେ ଖାଦ୍ୟ ନିରାପତ୍ତା ଏବଂ ଗ୍ରାମୀଣ ବିକାଶରେ ନିଜର ବଳିଷ୍ଠ ଅବଦାନ ରଖିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଆମର ଏହି ପଦକ୍ଷେପ ସହିତ ଓୟୁଏଟି ଓ ଆଇସିଏଆର ଭଳି ଅନୁଷ୍ଠାନଗୁଡ଼ିକୁ ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ହେବ । ଅତ୍ୟାଧୁନିକ ଗବେଷଣା, ନୂତନ ଜ୍ଞାନ କୌଶଳ ସୃଷ୍ଟି, ସଂପ୍ରସାରଣ ତଥା କୃଷକର ଦକ୍ଷତା ବୃଦ୍ଧି କ୍ଷେତ୍ରରେ କାମ କଲେ, ବିକଶିତ କୃଷି ସଂକଳ୍ପ ଅଭିଯାନ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ସହ, ଜଳବାୟୁ-ପ୍ରତିରୋଧୀ ଏବଂ ବିବିଧ କୃଷିକୁ ପ୍ରୋତ୍ସାହିତ କରିବ । କୃଷି କ୍ଷେତ୍ରରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ।

କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍ କହିଥିଲେ, 'ଏହି ଅଭିଯାନ ଦ୍ୱିପାକ୍ଷିକ ଯୋଗାଯୋଗ ପଦ୍ଧତିରେ କାର୍ଯ୍ୟ କରିବ, ଗୋଟିଏ ପଟେ ବୈଜ୍ଞାନିକମାନେ କୃଷକମାନଙ୍କ ସହିତ ଗବେଷଣା ଏବଂ ବୈଷୟିକ ସୂଚନା ପ୍ରଦାନ କରିବେ, ଅନ୍ୟପଟେ ସେମାନେ କୃଷକମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ବିଷୟରେ ସୂଚନା ସଂଗ୍ରହ କରିବେ । 'ଲ୍ୟାବ ଟୁ ଲ୍ୟାଣ୍ଡ'କୁ ସଂଯୋଗ କରିବା ପାଇଁ, ଆମର ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଏହି ଅଭିଯାନରେ ଆମ କୃଷକ ଭାଇ ଭଉଣୀଙ୍କ ସହ ସହିତ ଜଡିତ ହେବେ । ଶ୍ରୀ ଚୌହାନ କହିଥିଲେ ଯେ ଏହି ଅଭିଯାନର କାର୍ଯ୍ୟକାରିତା ପାଇଁ ୧୬ ହଜାର ବୈଜ୍ଞାନିକଙ୍କ ଦଳ ଗଠନ କରାଯାଇଛି, ଯେଉଁମାନେ ଗାଁରୁ ଗାଁ ଯାଇ ଚାଷୀଙ୍କ ସହିତ ଯୋଗାଯୋଗ କରିବେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଏକ ବିକଶିତ ଭାରତ ପାଇଁ, ଭାରତୀୟ କୃଷିକୁ ମଧ୍ୟ ବିକାଶ କରିବାକୁ ପଡିବ ଏବଂ ଭାରତୀୟ କୃଷି, ଭାରତର ପ୍ରତ୍ୟେକ ଗାଁର ଆତ୍ମାରେ ଅଛି । ଏହି ଅଭିଯାନ ଦ୍ୱାରା ନିକଟ ଭବିଷ୍ୟତରେ କୃଷି କ୍ଷେତ୍ରରେ, ଆମ ରାଜ୍ୟରେ ନିଶ୍ଚିତ ରୂପେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ । ଏହି ଅବସରରେ ସମସ୍ତ ଅତିଥିଗଣଙ୍କ କର କମଳରେ କୃଷି ପରାମର୍ଶ ପୁସ୍ତିକା ଉନ୍ମୋଚନ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ, ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ସଚିବ ଦେବେଶ ଚତୁର୍ବେଦୀ, ଓୟୁଏଟିର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ, ଡେପୁଟି ଡାଇରେକ୍ଟର ଜେନେରାଲ୍ ରାଜବୀର ସିଂ, ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗୀ ଲାଲ୍ ଜାଟ୍ ପ୍ରମୁଖ ମଂଚାସୀନ ଥିଲେ ।

**'ଲ୍ୟାବ ଟୁ ଲ୍ୟାଣ୍ଡ'କୁ ସଂଯୋଗ ପାଇଁ ଏହି ଅଭିଯାନ ପ୍ରମୁଖ ମାଧ୍ୟମ : କେନ୍ଦ୍ର କୃଷିମନ୍ତ୍ରୀ**

# ଚାନ୍ଦିନୀଚୌକ ରଥଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

କଟକ, (ସବ୍ୟୁ)ଚଳିତ ବର୍ଷ ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମହୋତ୍ସବକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ସଭା ଜୁନ ୮ ତାରିଖ ରବିବାର ସନ୍ଧ୍ୟା ଘ. ୬:୩୦ ମି. ସମୟରେ ଚାନ୍ଦିନୀଚୌକ ମେଲଣ ପଡିଆସ୍ଥିତ ରାଧା-ଶାନ୍ତି ପ୍ୟାଲେସଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ପରିଚାଳନା ସମିତିର ଏକ ଜରୁରୀ ବୈଠକ କାର୍ଯ୍ୟକାରୀ ସଭାପତି ଭିକାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ପବିତ୍ର ରଥଯାତ୍ରା ମହୋତ୍ସବକୁ ଆଶାତୀତଭାବେ ସଫଳ କରିବାକୁ ଆୟୋଜିତ ହେବାକୁ ଥିବା ପ୍ରସ୍ତୁତି ସଭାରେ ସମସ୍ତ ନିର୍ବାଚିତ ଜନ-ପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ କଟକ ମହାନଗର ନିଗମର ଉଚ୍ଚ ପଦାଧିକାରୀ, ଶାନ୍ତି କମିଟି କର୍ମକର୍ତ୍ତା, ସହରର ବିଭିନ୍ନ ସାମାଜିକ ସଂଗଠନ, ରଥ ପରିକ୍ରମା କରୁଥିବା ଅଞ୍ଚଳର ସମସ୍ତ ପୂଜା କମିଟି ଓ ଧର୍ମାନୁଷ୍ଠାନର ପଦାଧିକାରୀ ଏବଂ ଚାନ୍ଦିନୀଚୌକ ଅଞ୍ଚଳର ସମସ୍ତ କ୍ଲବ ଓ ଧର୍ମାନୁଷ୍ଠାନର କର୍ମକର୍ତ୍ତାଙ୍କୁ ଏହି ପ୍ରସ୍ତୁତି ସଭାକୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଗଲା ପରିଚାଳନା ସମିତି ସଦସ୍ୟ ଭାବେ ଅସିତକୁମାର ମହାନ୍ତି ଓ ବିଜୟକୁମାର ପ୍ରଧାନଙ୍କୁ ମନୋନୀତ କରାଗଲା । ସମିତିର ସଦସ୍ୟ ବିଜୟକୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନୁଗୋଳ ଓ କୋଲାଡ ଟ୍ରକ ମାଲିକ ସଂଘ

# ପ୍ରତିନିଧିଦଳଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଆଲୋଚନା



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଦିଲ୍ଲୀ ଠାରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ଓ କୋଲାଡ ଟ୍ରକ ମାଲିକ ସଂଘର ପ୍ରତିନିଧିଦଳଙ୍କ ଉପସ୍ଥିତିରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କୁ ଭେଟିଛନ୍ତି । ଏହି ଆଲୋଚନାକାଳରେ ଟ୍ରକ ମାଲିକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା । ଟ୍ରକ୍ ମାଲିକ ଏବଂ ଚାଳକଙ୍କ କଲ୍ୟାଣ ସୁନିଶ୍ଚିତ କରିବା, ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ତଥା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସର୍ବାଙ୍ଗିନ ବିକାଶ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପ୍ରସଙ୍ଗଗୁଡ଼ିକ ସମ୍ଭାବ୍ୟ ସମାଧାନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଶ୍ରୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।


## ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦରଥାନା ଅନ୍ତର୍ଗତ ଓସିସି ଛକ ନିକଟ ଏକ କୃଷ୍ଣଚୁଡା ଗଛରୁ ଏକ ଝୁଲନ୍ତା ମୃତଦେହ କୁ ପୁଲିସ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ମିଳିନଥିବାବେଳେ ସେ ସ୍ଥାନୀୟ ଅଂଚଳରେ ଶ୍ରମିକଭାବେ କାମ କରୁଥିବା ପୁଲିସ ଅନୁମାନ କରୁଛି । ମୃତକ ଏକ ହାପ୍ ପ୍ୟାଂଟ ଓ ପିଙ୍କ ଚେକ୍ ସାର୍ଟ ପିନ୍ଧିଥିବାବେଳେ ଏକ ନୀଳ ଚେକ୍ ଲୁଙ୍ଗିରେ ସେ ଗଛରେ ଓହଳିଥିବା ଦେଖାଯାଇଛି । ଖବର ପାଇ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଛେଦ ପରେ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଶବ ଚିହ୍ନଟ ଲାଗି ସଂରକ୍ଷିତ ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

### ଲକ୍ଷପତି ଦିଦି ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ

# ରାଜ୍ୟର ମାଁ, ଭଉଣୀଙ୍କ ବିକାଶ ପ୍ରତି ତାଚ୍ଛଲ୍ୟ : ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ଏବଂ ବିଶେଷ ଭାବେ ମହିଳାଙ୍କ ବିକାଶ ପାଇଁ ଓଡିଶାବାସୀ ବିଜୁ ଜନତା ଦଳକୁ ଯଥେଷ୍ଟ ସମୟ ଦେଇଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷ ଧରି ବିଜେଡି ନେତାମାନେ ରାଜ୍ୟକୁ ବିକାଶ ପରିବର୍ତ୍ତେ ବିନାଶ ଆଡକୁ ନେଇଯାଇଥିଲେ । ବିଜେଡିର ଗର୍ବ ଓ ଅହଂକାରର ପତନ ଘଟାଇ ଗତ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ଶକ୍ତ ଜାବୁଡା ଦେବା ପରେ ବି ତାଙ୍କ ଦୋଷ ଯାଉନାହିଁ । ନିଜର ଶାସନ କାଳରେ ମହିଳାଙ୍କୁ କେବଳ ଭୋଟବ୍ୟାଂକ କରି ରାଜନୀତି କରୁଥିବା ବିଜେଡିର ଅସଲ ଚେହେରା ପଦାରେ ପଡିଯାଇଛି । ମହିଳା ସଶକ୍ତିକରଣ ବହୁ ଦୂର କଥା, ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହେବା କାରଣରୁ ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ଓଡିଶାର ସ୍ଥାନ ସମଗ୍ର ଦେଶରେ ପ୍ରଥମ ଥିଲା । ନାରୀ ନିର୍ଯ୍ୟାତନାର ଏକୁଡିଶାଳ ହେଉଛି ବିଜେଡି ବୋଲି କାହାକୁ ଅଛପା ନାହିଁ । ମହିଳା ସଶକ୍ତୀକରଣ କ୍ଷେତ୍ରରେ ନିଜ ଶାସନ କାଳରେ ବିଜେଡି ଯାହା କରିପାରିନଥିଲା, ତାହା ପ୍ରଥମ ଥର ପାଇଁ ସରକାର ଗଠନ କରିଥିବା ବିଜେପିର ମାତ୍ର ୧୧ ମାସ ଶାସନ କାଳରେ ସମ୍ଭବ ହୋଇଯାଉଥିବା ଦେଖି ବିଜେଡି ନେତ୍ରୀ ଆଜି ବିଲିବିଲେଇବା ଆରମ୍ଭ କରିଦେଇଛନ୍ତି, ଯାହାକି ବିଜେଡି ପାଇଁ ସ୍ୱାଭାବିକ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । କଥାରେ ଅଛି, ଯାହା ନହେଲା ବାଲ୍ୟକାଳେ, ତାହା କି ହେବ ବୃଦ୍ଧ କାଳେ ? ଜ୍ଞାନ ନଥାଇ, କିଛି ନ ଜାଣି, ଖାଲି ବଖାଣିବା ଏବଂ ମିଛଠାରେ ଚିତ୍କାର କରିବା ହେଉଛି ବିଜେଡି ନେତୃବୃନ୍ଦଙ୍କ ପୁରୁଣା ଅଭ୍ୟାସ । ବିନା କୌଣସି ତଥ୍ୟ ବା ସତ୍ୟ ଆଧାରରେ ଆକ୍ଷେପ କରିବା ହେଉଛି ବିଜେଡି ନେତା



ଓ ନେତ୍ରୀଙ୍କ ପୁରୁଣା ରୋଗ । ନୂଆ କରି ବିଜେଡିର ନେତ୍ରୀ ସାଜିଥିବା ଲେଖାଶ୍ରୀ ବା କେମିତି ଏଥିରୁ ବାଦ ପଡିବେ? ମହିଳାଙ୍କୁ ସବୁବେଳେ ପ୍ରତାରଣା, ପ୍ରବଂଚ୍ଛନା ଓ ଅସମ୍ମାନ କରିଆସୁଥିବା ବିଜେଡିର ନେତ୍ରୀ ଦୟାକରି ନିଜ ଅଭ୍ୟାସରୁ ନିବୃତ ରହି ମାଁ ଓ ଭଉଣୀଙ୍କୁ ସମ୍ମାନ ଦେବା ଶିଖନ୍ତୁ ବୋଲି ଡା.ବିଶ୍ୱାଳ କହିଛନ୍ତି । କେନ୍ଦ୍ର ସରକାରଙ୍କ ତଥ୍ୟ ଆଧାରରେ ଓଡିଶା ଆଜି ଧାର୍ଯ୍ୟ ଲକ୍ଷ୍ୟର ୯୩ ପ୍ରତିଶତ ହାସଲ କରି ଏକ ନମ୍ବର ସ୍ଥାନ ହାସଲ କରିଛି । ବାସ୍ତବରେ ବିଜେପି ସରକାରର ସଫଳତା ଏବଂ ମହିଳାଙ୍କ ବିକାଶ ପ୍ରତି ପ୍ରତିବଦ୍ଧତାକୁ ନେଇ ବିଜେଡି ନେତ୍ରୀ ଅସହିଷ୍ଣୁ ହୋଇପଡିଛନ୍ତି । ସମଗ୍ର ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଲକ୍ଷପତି ଦିଦି ଯୋଜନାର ସଫଳତା ଏବଂ ଓଡିଶାର ମାଁ ଓ ଭଉଣୀମାନେ ସର୍ବାଧିକ ଉପକୃତ ହୋଇଥିବାର ଜାଣି ବିଜେଡି ନେତ୍ରୀ ଇର୍ଷାନ୍ୱିତ ହୋଇପଡିଛନ୍ତି । ରାଜ୍ୟର ମାଁ ଓ ଭଉଣୀଙ୍କ ବିକାଶକୁ ସହି ପାରୁନାହାନ୍ତି । ବାସ୍ତବରେ ଲକ୍ଷପତି ଦିଦି ସଂପର୍କରେ ସବୁ ତଥ୍ୟ ଜାଣି ବି ଅଜଣା ହେବାର ନାଟକ ଲେଖାଶ୍ରୀ ଅତି ସୁନ୍ଦର ଭାବେ କରିପାରୁଛନ୍ତି । ଯାହାକି ରାଜ୍ୟର ମାଁ ଓ ଭଉଣୀଙ୍କ ବିକାଶ ପ୍ରତି କେବଳ ତାଚ୍ଛଲ୍ୟ ବୋଲି ଡା.ବିଶ୍ୱାଳ କହିଛନ୍ତି ।

## ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର

# ୨ ବିଜ୍ଞାନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

କଟକ, (ସବ୍ୟୁ) : ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀ ରେ ଅନେକ ପରିବର୍ତ୍ତନ ଆସିଛି । ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥୀମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇ ପାରିବେ । ସେଥିପାଇଁ ନିଜର ଅଧ୍ୟବସାୟ, ସାଙ୍ଗକୁ ବାତାନୁକୁଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର, ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପର ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।



ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଯୋଗ ଦେଇ ଉପରୋକ୍ତ ମତ ରଖିବା ସହ ଜିଲ୍ଲାପାଳ ନିଜର ଜୀବନଶୈଳୀ ଏବଂ କାର୍ଯ୍ୟକଳାପ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ସେ ନିଜେ ଏଠାରେ ମୁଖ୍ୟ ଅତିଥି ନୁହେଁ ବରଂ ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନକୁ ଗୌରବାନ୍ୱିତ କରିଥିବା ଛାତ୍ର ବିନୀତ ମହାନ୍ତି ଏଥିପାଇଁ ପ୍ରକୃତ ଯୋଗ୍ୟ ବୋଲି କହି ତାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଇଥିଲେ । ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ବିଜ୍ଞାନ ଟପ୍ପର ବିନିତ ମହାନ୍ତି ୯୭.୬୬ ପ୍ରତିଶତ ନଂ ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ୯୦ ପ୍ରତିଶତରୁ ଅଧିକ ଅଙ୍କ ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀ ମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ । ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ । କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଭାରତୀୟ ନୌସେନା ଓ ତଟରକ୍ଷୀ ସହ କିଟ୍‌ର ଦୁଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ମଧ୍ୟରେ ଦୁଇଟି ଅଲଗା ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ନୌସେନା ସ୍ତ୍ରୀ କଲ୍ୟାଣ ସଂଘର ସଭାପତି ଶଶି ତ୍ରିପାଠି ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡୋର ଏସଏମ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି । ଏହା ବୁଝାମଣାପତ୍ର ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁସନ୍ ଫି ଛାଡ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବଛ ସେମାନଙ୍କ ପିଲାଙ୍କ ପାଇଁ ଏମବିବିଏସ ପାଠ୍ୟକ୍ରମରେ ଦୁଇଟି ସିଟ୍ ପାଇଁ ୧୦ ପ୍ରତିଶତ ଟ୍ୟୁସନ୍ ଫି ଛାଡ, ବିଡିଏସ ଏବଂ ବିଏସସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବିଟେକ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁସଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ଏବଂ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାମାନଙ୍କ ପାଇଁ ଅନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ୫୦ ପ୍ରତିଶତ ଇନଷ୍ଟିଚ୍ୟୁସନାଲ୍ ଫି ଛାତ୍ରବୃତ୍ତି ସହ ସେମାନଙ୍କୁ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ ।



ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲଫେୟାର ଆଣ୍ଡ ୱେଲ୍ନେସ୍ ସଂଘ ମଧ୍ୟରେ ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀରେ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍ଷ୍ଟିଚ୍ୟୁସନାଲ୍ ଫି ଉପରେ ୧୦ ପ୍ରତିଶତ ବୃତ୍ତି ସହ ଏମ୍ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ । ଏହା ବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଓ ତତ୍ ସମ୍ପର୍କିତ ଅନ୍ୟାନ୍ୟ ବିଟେକ୍ ପାଠ୍ୟକ୍ରମରେ ୪ଟି ସିଟ୍ ସେମାନଙ୍କ ପାଇଁ ସଂରକ୍ଷିତ ରହିବଛ ଅନ୍ୟାନ୍ୟ ସମସ୍ତ ଅଣ-ଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍ଷ୍ଟିଚ୍ୟୁସନାଲ୍ ଫି ଉପରେ ୫୦ ପ୍ରତିଶତ ବୃତ୍ତି ପ୍ରଦାନ କରାଯିବ । ଏହି ସହଯୋଗ କିଟ୍‌ର ଜାତୀୟ ସେବା ଏବଂ ସାମାଜିକ ଦାୟିତ୍ୱବୋଧ ପ୍ରତି ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ପ୍ରତିପାଦିତ କରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି । ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପ୍ରତି ଶ୍ରଦ୍ଧାଞ୍ଜଳି ଓ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତିମୂଳକ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

### ଚୋରା ଖଣିଜ ଦ୍ରବ୍ୟ ବୋଝେଇ ବେଳେ ମାଡି ବସିଲାପୋଲିସ

# ୩ ଗାଡି ସହ ଜେସିବି ଜବତ, ଜଣେ ଗିରଫ

କେନ୍ଦୁଝର/ଯୋଡ଼ା (ସ୍ୱପ୍ର/ସବ୍ୟୁ): କନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନସ୍ଥ ଜୁରୁଡି ଗ୍ରାମ ଆନ୍ତ୍ରାମାନ୍ତ୍ରା ନିକଟରେ ଥିବା ଏକ ଖଣିରୁ ବୁଧବାର ରାତିରେ ଚୋରାରେ ଲୁହାପଥର ପରିବହନ ନିମନ୍ତେ ବୋଝେଇ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବାମେବାରୀ ପୋଲିସ ଘଟଣା ସ୍ଥଳରେ ପହଂଚି ବୋଝେଇ କରୁଥିବା ଗୋଟିଏ ଜେସିବି ମେସିନ ଓ ତିନୋଟି ଗାଡି ଜବତ କରିବା ସହ ଜଣକୁ ଗିରଫ କରିଥିବା ଜଣାପଡିଛି।ଗୁରୁବାର ସକାଳ ସମୟରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଏକ ସାମ୍ବାଦିକ ସମ୍ମିଳନୀ କରି ତଥ୍ୟ ପ୍ରଦାନ କରି କହିଛନ୍ତି ଯେ ଯୋଡ଼ା ଖଣି ଅଂଚଳରେ ଖଣିଜ ଚୋରି ହେଉଥିବା ଖବର ଜାଣି ପୋଲିସ ସର୍ବଦା ସକ୍ରିୟ ରହିଛି।ଏହି ଘଟଣାରେ ତିନୋଟି ଟ୍ରକ, ଗୋଟିଏ ଜେସିବି ମେସିନ ସହ ଲକ୍ଷାଧିକ ଟଙ୍କାର ଲୁହାପଥର ଜବତ ହେବା ସହ ଜଣକୁ ଗିରଫ କରାଯାଇଛି।ଗିରଫ ହୋଇଥିବା ଯୁବକ ଜଣକ ମୁନା ମହାନ୍ତ । ବାମେବାରୀ ଥାନା କେଶ ନମ୍ବର ୮୨/ ୨୦୨୫ ।ତେବେ ଏହି ଖଣିଜ ଚୋରି ଘଟଣା ରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ନେଇ ଏସଡ଼ିପିଓ ଶ୍ରୀ ପିଙ୍ଗୁଆ କହିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

## ବ୍ରହ୍ମପୁର ବ୍ୟବସାୟୀଙ୍କ ଘରେ ଇଡି ଚଢ଼ଉ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ ଜଣେ ବ୍ୟବସାୟୀଙ୍କ ଘରେ ଚଢଉ କରିଛନ୍ତି । ସ୍ଥାନୀୟ ବ୍ୟାଙ୍କ କଲୋନୀ ନିକଟ ସିଦ୍ଧାର୍ଥ ନଗରରେ ରହୁଥିବା ଜନୈକ ପ୍ଲଟ ବ୍ୟବସାୟୀ ମନୋରଞ୍ଜନ ପଣ୍ଡାଙ୍କ ଚାରି ମହଲା ଘରେ ଦିନତାମମ ଚଢଉ ଜାରି ରହିଛି । ତାଙ୍କର ଅର୍ଥ କାରବାର ଲିଙ୍କ ସମ୍ପର୍କରେ ଜେରା କରାଯାଉଥିବା ଜଣାପଡିଛି। ସହରରେ ତାଙ୍କର ଏକାଧିକ ବହୁ ମହଲା ଘର ରହିଥିବା ବେଳେ ଉକ୍ତ ଟିମ ସେନେଇ ପଚରାଉଚରା କରୁଛି। ସେହିପରି ଅନ୍ୟଏକ ଟିମ ଭଞ୍ଜନଗର ଚଢ଼େୟାପଲ୍ଲୀରେ ମଧ୍ୟ ଚଢଉ କରୁଛନ୍ତି। ଏସମ୍ପର୍କରେ ଟିମ କୌଣସି ତଥ୍ୟ ଦେବାକୁ ମନା କରିଛନ୍ତି। ବ୍ରହ୍ମପୁରରେ ଇଡ଼ି ଚଢଉକୁ ନେଇ ଅନେକ ବଡ ବଡ଼ିଆଙ୍କ ମନରେ ଛନକା ପଶିଛି ।

## ଲାଞ୍ଚ: ଭିଜିଲାନ୍ସ ପଞ୍ଝାରେ କ୍ଷୁଦ୍ର ଜଳସେଚନ ବିଭାଗର ଦୁଇ କର୍ମଚାରୀ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ ଜଣ କର୍ମଚାରୀ ୩୨ ଲକ୍ଷ ଟଙ୍କାର ରନିଙ୍ଗ ବିଲ୍ କରାଇ ଦେବା ପାଇଁ ଜନୈକ ଠିକାଦାରଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିବା ଜଣା ପଡ଼ିଛି ।

ଘଟଣାରୁ ପ୍ରକାଶ ଯେ, ଆଜି କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଆକାଉଟାଣ୍ଟ





ସୁରଜ ପ୍ରାସାଦ ଜସୁଆଲ ଓ କ୍ୟାସିୟର ନରେଶ ପଟ୍ଟନାୟକ ଠିକାଦାରଙ୍କ ୪ ଟି ବିଲ କରାଇ ଦେବାକୁ କହି ୧୫,୦୦୦ (ପନ୍ଦର ହଜାର ଟଙ୍କା) ଲେଖାଏ ପୃଥକ ଭାବେ ଦୁଇ ଜଣ ମୋଟ ୩୦ ହଜାର ଟଙ୍କା ଫୋନପେ ଦ୍ୱାରା ଲାଞ୍ଚ ନେଇଥିଲେ । ପୂର୍ବରୁ ସୂଚନା ପାଇ ଛକି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀ ଚଢ଼ାଉ କରି ଦୁଇ କର୍ମଚାରୀଙ୍କ ଠାରୁ ପୃଥକ ଭାବେ ୧୫ ହଜାର ଟଙ୍କା ଲେଖାଏଁ ମୋଟ ୩୦ ହଜାର ଟଙ୍କା ଫୋନପେ ଦ୍ୱାରା ଠିକାଦାର ପ୍ରଦାନ କରିଥିବା ଜାଣିଥିଲେ । ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । କ୍ୟାସିୟର ନରେଶ ପଟ୍ଟନାୟକଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି ।

## ହୋମଗାର୍ଡ ଦୌଡ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ
### ମୃତକ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ଘୋଷଣା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ହୋମଗାର୍ଡ ଇଣ୍ଟରଭ୍ୟୁ ସମୟରେ ଅଘଟଣ ଘଟିଛି । ଦୌଡ ପରୀକ୍ଷା ଚାଲିଥିବା ବେଳେ ଜଣେ ପରୀକ୍ଷାର୍ଥୀ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ଜରୁରୀ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି ।

ପ୍ରକାଶ ଯେ, ଗତ କିଛି ଦିନ ହେଲା ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ଠାରେ ହୋମଗାର୍ଡ ନିଯୁକ୍ତି ନିମନ୍ତେ ବିଭିନ୍ନ ପରୀକ୍ଷା ଚାଲୁ ରହିଛି । ଆଜି ଏହି ପରୀକ୍ଷା ନିମନ୍ତେ ୨ କିମି ଦୌଡ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ କିଛି ଜଣ ପରୀକ୍ଷାର୍ଥୀ ତଳେ ପଡି ଯାଇଥିଲେ। ଏମାନଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲାସ୍ତରୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ଡାକ୍ତର ଗୁରୁତରମାନଙ୍କୁ ଚିକିତ୍ସା ଆରମ୍ଭ କରିବା ସମୟରେ ଏହି ଜିଲ୍ଲାର ପରିସଲ ଗ୍ରାମର ଲାଦେନ ମିଶାଲଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ପି. ଶଙ୍କର ନାମକ ଅନ୍ୟ ଜଣେ ଗୁରୁତର ଥିବା ଯୋଗୁଁ ଜରୁରୀ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆଉ ୩ ଜଣ ପରୀକ୍ଷାର୍ଥୀଙ୍କୁ ପାରଳା ଡାକ୍ତରଖାନାରେ ଚିକିତ୍ସା ଚାଲିଛି । ଏମାନେ ବିପଦମୁକ୍ତ ଥିବା ସୂଚନା ମିଳିଛି । ହୋମଗାର୍ଡ ପରୀକ୍ଷା ବେଳେ ଏଭଳି ଭାବେ ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହେବା ନେଇ ସମସ୍ତ ପରୀକ୍ଷାର୍ଥୀ ଓ ଜିଲ୍ଲାବାସୀଙ୍କ ଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଓଡ଼ିଶା ବିଧାନସଭା କମିଟିର କନ୍ଧମାଳ ଜିଲ୍ଲା ଗସ୍ତ



ଫୁଲବାଣୀ, (ସବ୍ୟୁ): ଆଜି ଓଡିଶା ବିଧାନସଭାର ବିଭାଗ ସମ୍ବନ୍ଧିତ ପଞ୍ଚମ ସ୍ଥାୟୀ କମିଟି, ୨୦୨୫-୨୬ ବିଧାୟକ ବିଭୁତି ଭୁଷଣ ପ୍ରଧାନଙ୍କ ନେତୃତ୍ୱରେ ତିନି ଦିନିଆ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନରେ ଆସିଛନ୍ତି । ଏହି କ୍ରମରେ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖଜୁରୀପଡ଼ା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଦୁତିପଡ଼ା ଏବଂ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ ପରିଦର୍ଶନ କରି ଚିକିତ୍ସାଳୟ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଫିରିଙ୍ଗିଆ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୁଆଗାଁ ପରିଦର୍ଶନ କରି ଦାରିଙ୍ଗବାଡି ଯିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ବିଧାୟକା ଶ୍ରୀମତୀ ସୀମା ରାଣୀ ନାୟକ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଉମା ଚରଣ ମଲ୍ଲିକ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ହିମାଂଶୁ ଶେଖର ସାହୁ, ବିଧାୟକ ଡ଼ଃ ଫକିର ମୋହନ ନାଏକ, ବିଧାୟକ ଗୌତମ ବୁଦ୍ଧ ଦାସ, ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରକାରୀ କର୍ମଚାରୀ ଆଦି ଉପସ୍ଥିତ ଥିଲେ ।

## କେବେ ଘୁଞ୍ଚିବ ଦାଦନ ଦୁଃଖ...
# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, (ସବ୍ୟୁ): ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଦାଦନ ଖଟିବାକୁ ଯାଇଥିବା ଗଜପତି ଜିଲ୍ଲାର ଆଉ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ବୁଧବାର ଦିନ ମୃତ୍ୟୁ ହୋଇଥିବା ଜଣାପଡିଛି। ପରିବାର ଲୋକଙ୍କ ଉଦ୍ୟମ ଏବଂ ଅର୍ଥ ବ୍ୟୟ ଯୋଗୁଁ ସୁଦୂର ହାଇଦ୍ରାବାଦ ଠାରୁ ଏକ ଆମ୍ବୁଲାନ୍ସ ଦ୍ୱାରା ମୃତ ଦାଦନ ଶ୍ରମିକଙ୍କ ଶବ ଗୁରୁବାର ସକାଳ ସମୟରେ ତାଙ୍କ ଗ୍ରାମରେ ପହଞ୍ଚିଛି । ଅତ୍ୟନ୍ତ ଶୋକାକୁଳ ପରିବେଶରେ ଆଜି ମାଧାହ୍ନରେ ଶ୍ରମିକଙ୍କ ଶବ ସତ୍କାର ହୋଇଛି ।

ମୃତ ଶ୍ରମିକ ଜଣକ ହେଲେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଖ୍ରୀଷ୍ଟିଆନ ସାହିର ସୁମେଶ ଚନ୍ଦ୍ର ଲିମ୍ମା (୪୦)। କିଛି ବର୍ଷ ତଳେ ସୁମେଶ ପରିବାର ପରିପୋଷଣ ପାଇଁ ହାଇଦ୍ରାବାଦ ସହରର ଏକ ଘରୋଇ କମ୍ପାନୀରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ସୁମେଶ ବୁଧବାର ସକାଳ ସାଢ଼େ ଛଟା ବେଳେ ନିତ୍ୟକର୍ମ ସାରି ଓଦା ଗାମୁଛା ସୁଖାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜାଣିବା ପରେ ପଡୋଶୀ ଘର ଲୋକେ ହାଇଦ୍ରାବାଦ ପୋଲିସକୁ ସୂଚନା ଦେଇଥିଲେ। ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସୁମେଶଙ୍କ ମୃତ୍ୟ ଖବର ଜାଣିବା ପରେ ତାଙ୍କ ଗାଁରେ ଶୋକକଳ ପରିବେଶ ସୃଷ୍ଟି ହୋଇଥିଲା । ଗତକାଲି ମୃତ ଶ୍ରମିକଙ୍କ ପରିବାର ଲୋକଙ୍କ ଉଦ୍ୟମ ଓ ଅର୍ଥ ଯୋଗାଡ଼ ଯୋଗୁଁ ଏକ ଆମ୍ବୁଲାନ୍ସ ଦ୍ୱାରା ହାଇଦ୍ରାବାଦରୁ ଗଜପତି ଜିଲ୍ଲାର ତାଙ୍କ ଘରକୁ ଶବ ଆସି ପହଞ୍ଚି ଥିଲା। ପରିବାର କହିଲେ ପତ୍ନୀ ପେରିତା ଲିମ୍ମାଙ୍କ ସହ ଅନ୍ୟ ସଦସ୍ୟ ରହିଛନ୍ତି । ସୂଚନାଯୋଗ୍ୟଯେ, ପ୍ରାୟ ପ୍ରତ୍ୟେକ ସପ୍ତାହରେ ଗଜପତି ଜିଲ୍ଲାରେ କାମ ଧନ୍ଦା ନପାଇ ବହୁ ଶ୍ରମିକ ଦାଦନ ଭାବେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ଏହି ଦାଦନ ଶ୍ରମିକମାନେ କୌଣସି ନା କୌଣସି କାରଣରୁ ବାହାର ରାଜ୍ୟରେ ମୃତ୍ୟୁବରଣ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେରଙ୍ଗ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ୨୦ ବସ୍ତା କାଜୁ ଜବତ, ୪ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଜାମପଲ୍ଲୀ ଗାଁ ଛକସ୍ଥ ଏକ କାଜୁ ଫ୍ୟାକ୍ଟ୍ରିରୁ ୨୦ ବସ୍ତା କାଜୁ ଚୋରି ଅଭିଯୋଗରେ ପୋଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ଜେଏକ ଗ୍ରାମର ମହେଶ୍ୱର ଗୌଡ, ବସନ୍ତ ଗୌଡ, ରୋହିତ ସେଠୀ ଏବଂ କଣ୍ଟାବଣି ଗ୍ରାମର ଜଗନ୍ନାଥ ପ୍ରଧାନ । ଏନେଇ ପୋଲିସ ଥାନାରେ କେସ୍ ନଂ ୩୫୧/୨୫ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେଏକ ଗ୍ରାମର ନାରାୟଣ ନାୟକଙ୍କ ଜାମପଲ୍ଲୀ ଗ୍ରାମ ଛକରେ ଥିବା କାଜୁ ଫ୍ୟାକ୍ଟ୍ରିରୁ ଗତ ୨୭ ତାରିଖ ରାତିରେ ୧୦୦୦ କିଲୋଗ୍ରାମ ଓଜନର ୨୦ ବସ୍ତା କାଜୁ ଚୋରି ହୋଇଯାଇଥିଲା । ଏନେଇ ନାରାୟଣଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ ସହ ଚୋରି କାଜୁ ବସ୍ତାଗୁଡିକୁ ଜବତ କରିଥିବା ଜଣାଯାଇଛି ।

## ଡ୍ରିମ୍ସ ବିଟେକ୍ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

କଟକ, (ସ୍ୱପ୍ର): ଡ୍ରିମ୍ସ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜିର ୩୮ ଜଣ ଛାତ୍ରଛାତ୍ରୀ ଦେଶର ଅନ୍ୟତମ ପ୍ରତିଷ୍ଠିତ ଆଟି ଉଦ୍ୟୋଗ ଅଟୋଲିଭ୍ ଇଣ୍ଡିଆ ଲିମିଟେଡ୍‌ରେ ନିଯୁକ୍ତି ଲାଗି ମନୋନୀତ ହୋଇଛନ୍ତି । ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରିକାଲ, ମେକାନିକାଲ, ଇଏନ୍‌ଟିସି ଓ ଟ୍ରିପଲ ଇ ବିଭାଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ଜୁନ୍ ୨ତାରିଖରେ ମନୋନୀତ ଛାତ୍ରଛାତ୍ରୀ ନୂତନ ନିଯୁକ୍ତି କ୍ଷେତ୍ରରେ ଯୋଗଦେବେ ବୋଲି ଜଣାପଡିଛି । ଏହି ଉପଲକ୍ଷେ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ. ନୟନ ରଂଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ପ୍ରମୁଖ ନିଯୁକ୍ତି ସୁଯୋଗ ପାଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନେ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ ଆମ୍ବାସଡର ବୋଲି କହିଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ଡ. ଦେବଯାନୀ ମିଶ୍ର, ପ୍ରାଧ୍ୟାପକ ଡ.ବଜ୍ର ପଞ୍ଜର ମିଶ୍ର, ପ୍ରାଧ୍ୟାପକ ମହେଶ୍ୱର ମିଶ୍ର ଏବଂ କମ୍ପାନୀର ମାନବ ସମ୍ବଳ ବିଭାଗର ଅଧିକାରୀ ଚିତ୍ତରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ
# ଜିଲ୍ଲାରେ ଗଡ଼ିଲା ୨ କୃଷି ସଚେତନତା ରଥ

ଛତ୍ରପୁର, (ସବ୍ୟୁ): ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି । କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜିଠାରୁ ୧୨ ଜୁନ ପର୍ଯ୍ୟନ୍ତ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଅଭିଯାନ ମାଧ୍ୟମରେ ଚାଷୀଙ୍କ ନିକଟରେ ସରକାର ପହଞ୍ଚିବ ଏବଂ ନୂତନ କୃଷି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ବିଷୟରେ ସେମାନଙ୍କୁ ଅବଗତ କରାଇବ। ଏହି ଅବସରରେ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପରିସରରୁ ୨ ଟି କୃଷି ସଚେତନତା ରଥ ଶୁଭାରମ୍ଭ ହୋଇଛି । ଏହାକୁ ରାଜ୍ୟ ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି । ଏହି ପେରୀପ୍ରେକ୍ଷୀରେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶନୀ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପଜିଲ୍ଲାପାଳ ଦିନା ଦସ୍ତାଗିରି, ଜିଲ୍ଲା ମୁଖ୍ୟ କୃଷି ରବି ନାରାୟଣ ପଣ୍ଡା, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ ଏବଂ ଅନ୍ୟାନ୍ୟ ବିଭାଗରଅଧିକାରୀ ମାନେ ଉପସ୍ଥିତ ଥିଲେ। ଏଥି ସକାଶେ ଜିଲ୍ଲାରେ ଟିମ ଏ,ବି ଓ ସି ଗଠନ କରାଯାଇଛି। ଦୁଇଟି ରଥ ସହ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟ ବସ୍ତୁ ଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକମାନଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ଦୁଇଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନା ଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନ କୌଶଳର ପ୍ରୟୋଗାତ୍ମକ ଦିଗ ଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ। ଏନେଇ ଆଜି ଛତ୍ରପୁର ବ୍ଲକର ଲଣ୍ଡାବାଉଁଶ ଗ୍ରାମରେ ୨୫୦ ଚାଷୀଙ୍କୁ ନେଇ ଏକ ସଭା ହୋଇଥିଲା । ଏଥିରେ କୃଷି ବୈଜ୍ଞାନିକ ମାନେ ଯୋଗଦେଇ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୁସୁମଦେବୀ ମହିଳା ମହାବିଦ୍ୟାଳୟରେ ୭୫ଲକ୍ଷ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ



କଟକ,(ସ୍ୱପ୍ର): ସ୍ଥାନୀୟ ୫୩ନଂ ୱାର୍ଡ ଦରଖାପାଟଣା ସ୍ଥିତ କୁସୁମଦେବୀ ସତସଙ୍ଗ ମହିଳା ମହାବିଦ୍ୟାଳୟରେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଦ୍ୱାରା ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଗୃହ, ଅତିରିକ୍ତ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ, ଶୌଚାଳୟ, ପାନୀୟଜଳର ସୁବିଧା ଏବଂ ଖେଳପଡିଆର ଉନ୍ନତିକରଣ ସହ ପେଭରବ୍ଲକ ଦ୍ୱାରା ସୌନ୍ଦର୍ଯ୍ୟକରଣ ଆଦି ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ହୋଇଯାଇଛି । ଗୁରୁବାର ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ସୌଭିକ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ଯେପରି ସୃଷ୍ଟି ନହୁଏ ସେ ଦିଗରେ ଯାହା ଆବଶ୍ୟକ ତାହା କରିବା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି ବୋଲି ବିଧାୟକ ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ଯୁକ୍ତଦୁଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ସ୍ନେହଲତା ଜେନା, ଯୁକ୍ତତିନି ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଲୋପାମୁଦ୍ରା ଦାସନାୟକ ପ୍ରମୁଖ ଯୋଗ ଦେଇ କର୍ପୋରେଟର ଓ ବିଧାୟକଙ୍କ ଉଦ୍ୟମରେ ହୋଇଥିବା ଉନ୍ନତିକରଣ କାର୍ଯ୍ୟର ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭାପତି ସାରଙ୍ଗପାଣୀ ଷଡ଼ଙ୍ଗୀ, ସାହି ଅଧିକାରୀ ପ୍ରମୋଦ ଭୋଳ, ସାହିମୁରବୀ ସୁବାଷ ସାହୁ, ରଜନୀକାନ୍ତ ପରିଜା, ମନୋରଞ୍ଜନ ଗୋଛାୟତ, ଅମର ସାମନ୍ତରାୟ, ବ୍ୟୋମକେଶ କାନୁନଗୋ, ସରୋଜ ରାଉତ, ନଗେନ ଦାସ, ରାଜେନ୍ଦ୍ର ମହାପାତ୍ର, ଅଧିର ବେଉରା, ଲିବାସ ବେହେରା, ବିଦୁଲତା ସ୍ୱାଇଁ, ସୁଲୋଚନା ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଅଣସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ
# ଗ୍ରୀଷ୍ମକାଳୀନ ତାଲିମ ଶିବିର ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଣସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ୮ ମଇରୁ ୨୮ ମଇ ପର୍ଯ୍ୟନ୍ତ ଚାଲିଥିବା ଗ୍ରୀଷ୍ମକାଳୀନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ତଥା ବିଶ୍ୱବିଦ୍ୟାଳୟ ମାନବ ସମ୍ବଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ତିନି ସପ୍ତାହ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ତାଲିମ ଶିବିର ବିଷୟରେ ଛାତ୍ରଛାତ୍ରୀଙ୍କ ମତାମତ ଶୁଣିବା ପରେ ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଛାତ୍ରଛାତୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ବିଶ୍ୱବିଦ୍ୟାଳୟକୁ ନିକଟରୁ ଜାଣିବା, ପ୍ରାପ୍ତ ତାଲିମର ଲବଧ୍ ଜ୍ଞାନକୌଶଳ ଓ ଏଠାରେ ଗଢ଼ିଉଠିଥିବା ବନ୍ଧୁତା ଭବିଷ୍ୟତରେ ନିଶ୍ଚୟ ସହାୟକ ହେବ ବୋଲି ଦୃଢ଼ୋକ୍ତି କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ପାଇଁ ସେ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ନୂତନ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ସାଧିତ କରିବ ବୋଲି କହିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ମାନବସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ଛାତ୍ରଛାତ୍ରୀ ମାନଙ୍କ ଶୃଙ୍ଖଳିତ ଆଚରଣକୁ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ସେ ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଉପ-ନିର୍ଦ୍ଦେଶକ ଡଃ ପ୍ରତାପ କୁମାର ଜେନା ଏହି କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଆବାହିକା ଡଃ ବିଷ୍ଣୁପ୍ରିୟା ହାଁସଦାଃ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଷୟର କାର୍ଯ୍ୟକ୍ରମ-ସଂଯୋଜକ ଅଧ୍ୟାପକ ଅଧ୍ୟାପିକା ଗଣ ଛାତ୍ରଛାତ୍ରୀଙ୍କ ସହ ନିଜର ଶିକ୍ଷଣ ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଗ୍ରୀଷ୍ମକାଳୀନ ତାଲିମ ଶିବିରରେ ନୃତତ୍ତ୍ୱ ଓ ଜନଜାତି ଶିକ୍ଷା, ଅର୍ଥନୀତି, ଜୈବ-ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଓ ପ୍ରୟୋଗ, ମ୍ୟାନେଜ୍ ମେଣ୍ଟ, ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ଆଦି ୧୦ଟି ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ତାଲିମ ଶିବିରରେ ଭାଗନେବା ପାଇଁ ୨୯ଟି ମହାବିଦ୍ୟାଳୟର ୬୯୧ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଏବଂ ସେମଧ୍ୟରୁ ବିଶ୍ୱବିଦ୍ୟାଳୟର ୧୩ଟି ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକର ୯୨ଜଣ ଛାତ୍ରଛାତୀଙ୍କୁ ମେରିଟ୍ ଆଧାରରେ ଚୟନ କରାଯାଇଥିଲା ।

## ଏମ୍‌କେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟନିର୍ବାହୀ କମିଟିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ବାରିପଦା, (ସବ୍ୟୁ) : ଶତାୟୁ ବର୍ଷର ଊର୍ଦ୍ଧ୍ୱ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କାର୍ଯ୍ୟନିର୍ବାହୀ କମିଟିର ବୈଠକ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟର ସଭା ଗୃହରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ରଞ୍ଜନ ବାନାର୍ଜୀଙ୍କ ଦ୍ୱାରା ବିଗତ ଦିନର ସଂସଦର କାର୍ଯ୍ୟକଳାପ ସମ୍ପର୍କିତ ସଂକ୍ଷିପ୍ତ ବିବରଣୀ ପ୍ରଦାନ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୌଦ୍ଧିକ ତଥା ଶିକ୍ଷା ଆହରଣର ଗୁଣାତ୍ମକ ମାନର ଅଭିବୃଦ୍ଧି ନିମନ୍ତେ ବରିଷ୍ଠ ପୁରାତନ ସଦସ୍ୟ ମାନେ ବିସ୍ତୃତ ଭାବେ ଆଲୋଚନା ଜାରି ରଖି ଗଠନମୂଳକ ପ୍ରସ୍ତାବ ମାନ ଆଗତ କରିଥଲେ ।

ସର୍ବସମ୍ମତି କ୍ରମେ ନିଷ୍ପତି ଅନୁଯାୟୀ ଡଃ ସୁଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହିତ ନିରନ୍ତର ଭାବେ ସମନ୍ୱୟ ରଖି ଅଧ୍ୟୟନରତ ବିଦ୍ୟାର୍ଥୀ ମାନଙ୍କର ପ୍ରତିଭାର ବିକାଶ ନିମନ୍ତେ ଗୁଣାତ୍ମକ ଢ଼ଙ୍ଗରେ ଏକ ମଡେଲ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯିବ । କୀର୍ତ୍ତିରାଜି ଭରା ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଭଞ୍ଜ ବଂଶ ରାଜଦ୍ୱର ନବଯୁଗର ପ୍ରବର୍ତ୍ତକ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅମ୍ଳାନ ସ୍ମୃତିରେ ବିଦ୍ୟାଳୟର ଜୁନିଅର ଓ ସିନିଅର ବର୍ଗର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହି ବର୍ଷରୁ ସଂସଦର ସୌଜନ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଗୃହୀତ ହେଲା । ଏହି ବିଦ୍ୟାଳୟର ସର୍ବପୁରାତନ ପାଠାଗାରର କଳେବର ବୃଦ୍ଧି ପାଇଁ ମୂଲ୍ୟବାନ ପୁସ୍ତକ ପ୍ରଦାନ ଅଭିଯାନକୁ ସାକାର କରିବା ପାଇଁ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ ନିମନ୍ତେ ନିଷ୍ପତ୍ତି ନିଆଗଲା । ଅନ୍ୟ ଏକ ମୁଖ୍ୟ ନିଷ୍ପତି ଅନୁଯାୟୀ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅଭିଜ୍ଞ ଫୁଟବଲ୍ ତାରକା ପ୍ରଦୀପ କିଶୋର ମହାନ୍ତିଙ୍କୁ ଗୁରୁଦାୟିତ୍ୱ ଦିଆଯାଇ ଅତୀତର ଗୌରବମୟ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଜିଲ୍ଲାସ୍ତରରେ ଆନ୍ତଃ- ସ୍କୁଲ ଫୁଟବଲ ପ୍ରତିଯୋଗୀତା ପୁଣି ଆରମ୍ଭ କରିବା ପାଇଁ ଆୟୋଜନ କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିବା ଶ୍ରୀ ମହାନ୍ତି ଖେଳର ସୁପରିଚାଳନା ନିମନ୍ତେ ବିଭିନ୍ନ ସବ୍ କମିଟି ଗଠନ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ସେହି ଅନୁସାରେ ଶାରଦୀୟ ଦୁର୍ଗାପୂଜା ଅବକାଶ ପରେ ଜିଲ୍ଲାର ଚାରିଟି ଉପଖଣ୍ଡରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଫୁଟବଲ ଖେଳ ଆୟୋଜନ ହୋଇ ନଭେମ୍ବର ମାସର ପ୍ରଥମ ସପ୍ତାହରେ ଚୁଡାନ୍ତ ମ୍ୟାଚ ବାରିପଦାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପାଣିଗ୍ରାହୀ, ଉମେଶ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ସାହୁ, ସତ୍ୟବ୍ରତ ମହାନ୍ତି ଓ ସର୍ବତୋଷ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ବୈଠକ ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ ।

## ୫୦% ରିହାତି ଦରରେ ବାଛୁରୀ ଦାନା ବଣ୍ଟନ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଗୁରୁବାର ବୁଗୁଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଏବଂ ବୃହତ୍ତର ଗଞ୍ଜାମ ଓ ଗଜପତି ଦୁଗ୍ଧ ଉତ୍ପାଦକ ସଂଘ ସଭାପତି ଓ ସାଧାରଣ ପରିଚାଳକଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳକମାନଙ୍କୁ ମାଈ ବାଛୁରୀ ପାଳନ ପାଇଁ ୫୦ ପ୍ରତିଶତ ରିହାତି ଦରରେ ବାଛୁରୀ ଦାନା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ବୁଗୁଡା ବ୍ଲକର ୧୫ ଜଣ ଗୋପାଳକଙ୍କୁ ପ୍ରଥମ କିସ୍ତିରେ ସର୍ବମୋଟ ୧୫ କ୍ୱିଣ୍ଟାଲ୍ ଦାନା ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃତିମ ପ୍ରଜନନ ଦ୍ୱାରା ମାଈ ବାଛୁରୀ ଜନ୍ମ ହୋଇଥିବା ଆବଶ୍ୟକ ଏବଂ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ୮ଟି କିସ୍ତିରେ ୧୪ କ୍ୱିଣ୍ଟାଲ ଦାନା ଯୋଗାଣ ସହ ମାଗଣାରେ ବୀମାକରଣ, କୃମିନାଶକ ଓ ଟୀକାକରଣ କରାଯିବ ବୋଲି ପ୍ରାଣୀ ଚିକିତ୍ସାଧିକାରୀ ଶୁଭ୍ରାଂଶୁ ଶେଖର ରାଉତଙ୍କ ଠାରୁ ପ୍ରକାଶ ପାଇଛି ।

## ବୁଗୁଡ଼ାରେ ଆସୁନି ଜିଓ ନେଟୱର୍କ, ଗ୍ରାହକ ହନ୍ତସନ୍ତ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ସହର ତଥା ଆଖପାଖ ଅଞ୍ଚଳରେ ଜିଓ ଗ୍ରାହକ ସଂଖ୍ୟା ସର୍ବାଧିକ ଥିବାବେଳେ ନେଟୱର୍କ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ସହରର ଅଧିକାଂଶ ସ୍ଥାନରେ ଘର ଭିତରେ ନେଟୱର୍କ ଆସୁନଥିବାରୁ ପିଲାଙ୍କ ଅନଲାଇନ୍ ପାଠପଢା ସହ ଚାକିରିଆଙ୍କ ୱାର୍କଫ୍ରମ ହୋମ, ଅନଲାଇନ ଆବେଦନ ପ୍ରକ୍ରିୟା, ଅନଲାଇନ ମିଟିଂରେ ଯୋଗଦେବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ୟାହତ ହେଉଛି । ଏଥି ସହ କଲ୍‌ଡ୍ରପ ଓ ଓଟିପି ଆସିବାରେ ସମସ୍ୟା ମଧ୍ୟ ଲାଗି ରହୁଛି । ଫଳରେ ବର୍ଷକୁ ହଜାରହଜାର ଟଙ୍କା ଗଣି ଜିଓ ବ୍ୟବହାର କରୁଥିବା ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ବର୍ତ୍ତମାନ ସମୟରେ ଅଧିକାଂଶ କାର୍ଯ୍ୟ ପାଇଁ ଅନଲାଇନ ସେବା ଅପରିହାର୍ଯ୍ୟ ହୋଇ ପଡ଼ିଥିବାରୁ ଲୋକଙ୍କୁ ମୋବାଇଲ ନେଟୱର୍କ ଉପରେ ହିଁ ନିର୍ଭର କରିବାକୁ ପଡିଥାଏ । ବୁଗୁଡ଼ାରେ ବିଏସଏନଏଲ ନେଟୱର୍କ ଠିକ୍ ଭାବେ ଆସୁ ନଥିବାରୁ ଲୋକେ ଜିଓ ଉପରେ ଭରସା କରିଥିଲେ । ବର୍ତ୍ତମାନ ଜିଓ ମଧ୍ୟ ବିଏସଏନଏଲ ଠାରୁ ବଳି ଗଲାଣି । ଏପରିକି ଅଧିକ ଟଙ୍କା ଗଣି ଘରେ ଜିଓ ଫାଇଭର ଲଗାଇଥିବା ଗ୍ରାହକମାନେ ମଧ୍ୟ ବୀତସ୍ପୃହ ହୋଇ ପଡିଲେଣି। ଏନେଇ ଗ୍ରାହକମାନେ ଜିଓ କମ୍ପାନୀକୁ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳୁନି । ଜିଓ ପ୍ରତି ଅତିଷ୍ଠ ହୋଇ ପୋର୍ଟ କରିବା ପାଇଁ ଆବେଦନ କରୁଥିବା ଗ୍ରାହକଙ୍କୁ ଜିଓ ତରଫରୁ ପୋର୍ଟ ନକରିବା ପାଇଁ ଅନୁରୋଧ କରାଯାଇ ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ କୌଣସି ସମାଧାନ କରୁନଥିବାରୁ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।

## ଜୁନ୍ ୨ରେ ମଞ୍ଚସ୍ଥ ହେବ ନାଟକ 'ମହାକବି କାଳିଦାସ'

ବାରିପଦା, (ସବ୍ୟୁ) : ଆସନ୍ତା ଜୁନ୍ ମାସ ୨ତାରିଖ ଦିନ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ରାଉରକେଲାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା ସମ୍ପର୍କ ପରିବେଷଣ କରିବେ ନାଟକ 'ମହାକବି କାଳିଦାସ ଓ ନାଟ୍ୟକାର ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଭାସ୍କର ଚନ୍ଦ୍ର ମହାପାତ୍ର ଓ ବିଗତ କିଛି ମାସ ଧରି ବାରିପଦାର ବିଭିନ୍ନ ନାଟ୍ୟସଂସ୍ଥା ଶହୀଦ ଭବନରେ ନାଟକ ମଞ୍ଚସ୍ଥ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ଭୁବନେଶ୍ୱରର ନାଟ୍ୟସଂସ୍ଥା ଅଭିନନ୍ଦନ ଓ ବାରିପଦାର ରୂପାନ୍ତର ନାଟ୍ୟସଂସ୍ଥାର ମିଳିତ ସହଯୋଗରେ ନାଟକଟି ଉକ୍ତଦିନ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ବୋଲି ସଂସ୍ଥାର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ଜଣାଇଛନ୍ତି ଏବଂ ବହୁ ସଂଖ୍ୟାରେ ଉପସ୍ଥିତ ରହି ନାଟକଟିକୁ ଉପଭୋଗ କରିବାକୁ ରୂପାନ୍ତରର ଉପଧ୍ୟକ୍ଷା ଡଃ ଦମୟନ୍ତୀ ବେଶ୍ରା ଅନୁରୋଧ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଉଦ୍‌ଯାପିତ : ଟିମ୍-ସି ଚାମ୍ପିଅନ




ବାରିପଦା, (ସବ୍ୟୁ) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି, ଟିମ-ଡି କୁ ୫ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି ୧୫ ଓଭରରେ ୫ ୱିକେଟ୍ ହରାଇ ୫୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଗମ୍ଭୀର ପିଙ୍ଗୁଆ ୩୦ରନ କରିଥିବା ବେଳେ ବିପକ୍ଷ ଦଳର ରାଜିବ ଶଙ୍କର ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ୍-ଡି ୧୫ ଓଭରରେ ୮ଟି ୱିକେଟ ହରାଇ ୫୪ ରନ କରିପାରିଥିଲେ । ବିପକ୍ଷ ଦଳର ଗମ୍ଭୀର ପିଙ୍ଗୁଆ, ତାଜ ରୋଶନ ପରିଡା ଓ ମଦିରସ ବେହେରା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ଶ୍ରେଷ୍ଠ ଖେଳାଳି ଭାବେ ଗମ୍ଭୀର ପିଙ୍ଗୁଆଙ୍କୁ ଲଲାଟେନ୍ଦୁ ବେହେରା ଗୋଟିଏ ବେଟ ଦେଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ ଓ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାସ୍ତରୀୟ ବରିଷ୍ଠ ବର୍ଗ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ଭାବେ ମେରୀ ଲୋକନାଥ ଓ କନିଷ୍ଠ ବର୍ଗରେ ପ୍ରୀତପାଲ ସିଂହଙ୍କୁ ଏବଂ କଳାହାଣ୍ଡି କପ ଚମ୍ପିୟାନ ରାଇରଙ୍ଗପୁର ଦଳ, ରନର୍ସ ଅପ ଡିଆରକେ-ବି ଦଳକୁ ତଥା କନିଷ୍ଠ ବର୍ଗର ଚମ୍ପିୟାନ ବିସିଏ ଓ ରନର୍ସଅପ କରଞ୍ଜିଆ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା ପୁରସ୍କାର ବିତରଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ଓ ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବୋକ୍ସିଙ୍ଗ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଲଲହଡାରେ ମାତିଛନ୍ତି ସାଇବର ଲୁଟେରା

## ଆଧାର ଲିଙ୍କ୍ ନାଁରେ ଲକ୍ଷାଧିକ ଟଙ୍କା ଲୁଟ ଥାନାରେ ମାମଲା : ପ୍ରଶାସନ ଚୁପ



ପାଲଲହଡା, (ସବ୍ୟୁ) : ଶିଳ୍ପବିହୀନ ପାଲଲହଡା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବେଶ କିଛିଦିନ ହେବ ମାତିଛନ୍ତି ସାଇବର ଲୁଟେରା । ଶହ ଶହ ଗରିବ ଲୋକ ଏହି ଠକେଇର ଶିକାର ହେଲେଣି । ଏ ନେଇ ସ୍ଥାନୀୟ ଥାନାରେ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରୁ ନାହିଁ । ସାଇବର ଠକ ଆଧାର ଲିଙ୍କ କରାଇ ଦେବା ଆଳରେ ଗରିବ ଲୋକଙ୍କ ଆକାଉଣ୍ଟରୁ ଲୁଟି ନେଉଛନ୍ତି ଲକ୍ଷାଧିକ ଟଙ୍କା । ଏମିତି କିଛି ଖବର ଆସିଛି ପାଲଲହଡା ବ୍ଲକ ପେଚମୁଣ୍ଡି ପଂଚାୟତରୁ । ଦୀର୍ଘ ଦିନ ହେବ ସେହି ଗାଁ ର ଅଶ୍ବିନି ପଲେଇ ଓରଫ ଲିପୁ ନାମକ ଜନୈକ ଶିକ୍ଷକଙ୍କ ପୁତ୍ର ଏକ ଆଧାର କେନ୍ଦ୍ର ଖୋଲିଥିଲେ । ସେଠାରେ ଲୋକଙ୍କୁ ସେବା ଯୋଗାଇବା ଆଳରେ ତାଙ୍କ କେନ୍ଦ୍ରରେ ଅନେକ ଲୋକ ଲୁଟର ଶିକାର ହୋଇ ଆସୁଥିବାର ଖବର ଏବେ ସାମ୍ନାକୁ ଆସିଛି । ଅଭିଯୋଗ ଅନୁସାରେ ପେଚାମୁଣ୍ଡି ପଂଚାୟତ ଶିମିଳିପାଳ ଗାଁର କୁନି ମହା । ନ୍ତ ଓ କୈଳାସ ବାରିକଙ୍କ ଭଳି ଦୁଇଜଣ ଗରିବ ଲୋକ ଅଶ୍ବିନିଙ୍କ ଆଧାର କେନ୍ଦ୍ରକୁ ଆସି ନିଜ ଆଧାରରେ ମୋବାଇଲ ନମ୍ବର ଲିଙ୍କ କରାଇବା ପାଇଁ ଟିପ ଚିହ୍ନ ଦେବା ର ଏକ ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ କୈଳାସଙ୍କ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟ ରୁ ୨୭ ହଜାର ଟଙ୍କା ,ସେହିପରି କୁନି ମହାନ୍ତଙ୍କ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟରୁ ୧୨ ଟି ପର୍ଯ୍ୟାୟ ରେ ୯୮ ହଜାର ୯୦୦ ଟଙ୍କା ଉଠାଇ ନିଆ ଯାଇଛି । ଏ ନେଇ କୁନି ମହାନ୍ତ ଓ କୈଳାସ ବାରିକର ପରିବାର ପାସବୁକ ଅପଟୁଡେଟ କରି ଟଙ୍କା ହଡପ ହେବାର ଜାଣିବା ପରେ ପାଲଲହଡା ଥାନା ରେ ଚଳିତ ମାସ ୮ ତାରିଖରେ ମଧ୍ଯ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଆଳରେ ଅଶ୍ବିନି ପଲେଇକୁ ଥାନାକୁ ଡକାଇ ଆପୋଷ ସମାଧାନ ପାଇଁ ଚାପ ପକାଇ ଥିଲେ । ଅଶ୍ବିନି ମଧ୍ଯ ସମସ୍ତଙ୍କ ଉପସ୍ଥିତିରେ କୁନି ମହନ୍ତ ଓ କୈଳାସ ମହନ୍ତଙ୍କ ସମସ୍ତ ଟଙ୍କା ଚଳିତ ୨୫ ତାରିଖ ସୁଦ୍ଧା ଫେରାଇ ଦେବାର ଏକ ଲିଖିତ ଚୁକ୍ତନାମା କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟ ରେ ଟଙ୍କା ଫେରସ୍ତ କରିବ ନାହିଁ କହି ରୋକଠୋକ ଶୁଣାଇ ଥିଲେ ଅଶ୍ବିନୀ । ଏହା ମଧ୍ୟରେ କୁନି ମହନ୍ତ ଅନଗୁଳ ସାଇବର ଥାନାରେ ମଧ୍ଯ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି । ଉଭୟ ପାଲଲହଡା ପୋଲିସ ଓ ସାଇବରଥାନା ଏହାର ତଦନ୍ତ ଚଳାଇଛନ୍ତି । ଅନ୍ୟ ପଟେ ଲୁଟର ଶିକାର ହୋଇଥିବା କୁନି ମହନ୍ତ ଓ କୈଳାସ ବାରିକ ର ପରିବାର କୋହ ଭରା କଣ୍ଠରେ ନ୍ୟାୟ ପାଇଁ ପ୍ରଶାସନ ନିକଟରେ ଦାବୀ କରିଛନ୍ତି । ଏକ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ପାଲଲହଡା ଅଞ୍ଚଳର ନୂଆ ବସଷ୍ଟାଣ୍ଡରେ ଅଣସ୍ୱୀକୃତିପ୍ରାପ୍ତ ଆଧାର କେନ୍ଦ୍ରକୁ ଚଲାଇ ଆସୁଥିବା ଦୀନବନ୍ଧୁ ନାୟକ, ଟମ୍ପର ଗାଁ ର ବରୁଣ କୁମାର ପ୍ରଧାନ, ପେଚାମୁଣ୍ଡି ଗାଁ ର ଅଶ୍ୱିନି ପଲେଇ, ଝିମିରିପାଲି ଓ ବାଡିସୁଆ ପଂଚାୟତ ରେ ବିଭିନ୍ନ ସ୍ଥାନରେ ଆଧାର ଲିଙ୍କ କାର୍ଯ୍ୟ ଦୀର୍ଘଦିନ ହେବ ଚଲାଇ ଆସୁଛନ୍ତି । ମାତ୍ର ଏମାନେ ଓକାକ (କ୍ୱଇଅଇ) ଓଡିଶା ଅଧୀନରୁ ସରକାରୀ ସ୍ୱୀକୃତି ପ୍ରାପ୍ତର କୌଣସି ଆଧାର ଲିଙ୍କର ଆଇଡ଼ି ନ ଆଣି ପାଲଲହଡା ବାଲିମ ଗାଁ ର ଫିନୋ ପେମେଂଟ ବ୍ୟାଙ୍କର ଡିସଟ୍ରିବୁଟର ଈଶ୍ୱର ଚନ୍ଦ୍ର ମହାନ୍ତଙ୍କ ଠାରୁ ଡୁପ୍ଲିକେଟ ଆଇଡ଼ି ଆଣି ବ୍ୟବସାୟ ଚଳାଇ ଆସୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣା ପଡିଛି । ତେବେ ଅଭିଯୋଗ ଆଧାରରେ ପାଲଲହଡା ପୋଲିସ ଯଦି ଏହି ଘଟଣା କୁ ସଠିକ ଭାବେ ତଦନ୍ତ କରେ ହୁଏତ ଘଟଣାର ପର୍ଦାଫାଶ ହେବା ସହିତ ଏହି ରାକେଟକୁ ଚଳାଉଥିବା ମୁଖ୍ୟ କର୍ପୋତାଦରକୁ ମଧ୍ଯ ଗିରଫ କରିବାରେ ସଫଳ ହୋଇ ପାରନ୍ତା ଓ ଆଗାମୀ ଦିନରେ ଅନେକ ଗରିବ ଲୋକ ଲୁଟର ଶିକାରରୁ ବର୍ଞ୍ଚି ପାରନ୍ତେ ।

## ପୋଡ଼ାଗଡ଼ ଗାଁରେ ଝାଡାବାନ୍ତି

## ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ରେଙ୍ଗାଳି/କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ପୋଡ଼ାଗଡ଼ ଗ୍ରାମରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୪୦ ରୁ ଉର୍ଦ୍ଧ୍ୱ ଲୋକ କଣିହାଁ ଓ ଖମାର ମେଡିକାଲରେ ଚିକିତ୍ସା ହେଉଥିବା ଜଣାପଡିଛି । ଦୁଇଦିନ ହେଲା ଗ୍ରାମର ବିଜୁଳି ଥାପା, ମୀନାକ୍ଷୀ ଥାପା, ଚୁଇ ଥମ୍ପ, ଟୁନି ହେନ୍ତାଳ, ସନ୍ଧ୍ୟା ପରିଡା, ଶାନ୍ତି ପରିଡା, ବୀଣା ପରିଡା, ଶ୍ୟାମସୁନ୍ଦର ପରିଡା, ମୀରା ପରିଡା, ଜୟନ୍ତୀ ଥାପା ପ୍ରମୁଖ ୪୦ ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଗତକାଲି ୩୧ଜଣ ଆକ୍ରାନ୍ତ ହୋଇଥିବା ବେଳେ ଆଜି ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗ୍ରାମରେ ପହଞ୍ଚି ପାଣି ନମୁନା ସଂଗ୍ରହ କରିବା ସହ ଆଶା, ଏଏନଏମ କର୍ମୀମାନଙ୍କ ସହ ଝାଡାବାନ୍ତିରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛନ୍ତି। ଗ୍ରାମରେ ଖୋଲା ଓଭର ହେଡ ପାଣିଟାଙ୍କିରୁ ଜଳ ଯୋଗାଣ ହେଉଛି। ଏହି ପାନୀୟ ଜଳ ଦୂଷିତ କାରଣରୁ ଝାଡାବାନ୍ତି ବ୍ୟାପିଥିବା ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ କଣିହାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ମଧ ଏହା ଖରାପ ଜଳ ସେବନ ପାଇଁ ବ୍ୟାପୁଥିବା କହିଛନ୍ତି ।

## ଟ୍ରାନ୍ସଫର୍ମର ପୋଡି ଗାଁ ଅନ୍ଧାରରେ

ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତର ଘୋଡାବାନ୍ଧୁଣି ଗ୍ରାମର ସ୍କୁଲ ସାହିରେ ଲାଗିଥିବା ୧୦ କେଭି ଟ୍ରାନ୍ସ ଫର୍ମର ଟି ୧୫ ଦିନ ହେବ ପୋଡି ଯାଇଛି । ନୂତନ ଟ୍ରାନ୍ସ ଫର୍ମର ଲଗା ଯାଉ ନଥିବା ବେଳେ ଅଞ୍ଚଳ ବାସି ଅନ୍ଧାରରେ ଦିନ କାଟୁଛନ୍ତି । ଏ ନେଇ ବିଦୁ୍ୟତ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦୃଷ୍ଟି ଦେଉ ନଥିବା ଯୋଗୁଁ ଗୁରୁବାର ଦିନ ସ୍ଥାନୀୟ ଅଞ୍ଚଳ ବାସି ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଜେ ଉକ୍ତ ଅଞ୍ଚଳ ରେ ୨୨ ଜଣ ବିଦୁ୍ୟତ ଉପୋଭୋକ୍ତା ଥିବା ବେଳେ ସେମାନଙ୍କୁ ବିଦୁ୍ୟତ ସେବା ଯୋଗାଇ ଦେବା ପାଇଁ ୧୦ କେଭିର ଟ୍ରାନ୍ସ ଫର୍ମର ଲଗା ଯାଇଛି । ବହୁ ପୁରୁଣା ଟ୍ରାନ୍ସ ଫର୍ମର ହୋଇ ଯାଇଥିବା ଯୋଗୁଁ ୧୫ ଦିନ ତଳେ ପୋଡି ଯାଇଛି । ହେଲେ ଆଜି ସୁଦ୍ଧା ମଧ୍ୟ ଟ୍ରାନ୍ସ ଫର୍ମର ଲଗା ଯାଉ ନାହିଁ । ଫଳରେ ୨୨ ପରିବାର ଅନ୍ଧାର ରେ ଅଛନ୍ତି । ବର୍ଷା ଋତୁ ଥିବା ବେଳେ ଅନେକ ସମୟ ସାପ ମଧ୍ୟ ବାହାରୁଛନ୍ତି । ଲୋକେ ସନ୍ଧ୍ୟାରେ ଭୟରେ ଘରୁ ବାହାରୁ ନାହାନ୍ତି । ବିଜୁଳି ନଥିବା ଯୋଗୁଁ ଅଞ୍ଚଳ ବାସି ବହୁ ହଇରାଣ ହେଉଛନ୍ତି । ନୂତନ ଟ୍ରାନ୍ସ ଫର୍ମର ଲଗାଇବା ପାଇଁ ବହୁ ବାର ବଇଣ୍ଡା ବିଦୁ୍ୟତ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ତୁରନ୍ତ ଏଥି ପ୍ରତି ଜିଲ୍ଲା ପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମର ଖଗେଶ୍ୱର ପ୍ରଧାନ, ରଞ୍ଜନ ବେହେରା, ସନ୍ତୋଷ ପ୍ରଧାନ, ବାସୁ ଦେବ ପ୍ରଧାନ, ମଙ୍ଗୁଳ ମାଝୀ, ଦିଗନ୍ତ ପ୍ରଧାନ, ସତ୍ୟା ନନ୍ଦ ବେହେରା, ଦିଲ୍ଲୀପ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି । ଏ ନେଇ ବଇଣ୍ଡା ବିଦୁ୍ୟତ ବିଭାଗାର କନିଷ୍ଠ ଯନ୍ତ୍ରୀ ପଙ୍କଜ ଖିଲାର କୁହନ୍ତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

## ବଜ୍ରାଘାତରେ ୩ ଗୋରୁ ମୃତ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଓ କଙ୍କଡାହାଡ ବ୍ଲକରେ କାଳ ବୈଶାଖୀ ଅନୁଭୂତ ହୋଇଛି । ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ ସାଙ୍ଗକୁ ମଝିରେ ମଝିରେ କେଉଁଆଡେ ଝିପି ଝିପି ବର୍ଷା ହେଉଛି ତ ଆଉ କୁଆଡେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେଉଛି । ପୁଣି ଅନ୍ୟ କୁଆଡେ ଘଡଘଡି ସହ ବଜ୍ରାଘାତ ହେଲାଣି । ଏପରି ସ୍ଥଳେ ଅପରାହ୍ନ ସମୟରେ କଙ୍କଡାହାଡ ବ୍ଲକ ମହାବିରୋଡ ଥାନା ଅନ୍ତର୍ଗତ କୁଟୁରିଆ ପଞ୍ଚାୟତର ମଦରଙ୍ଗାମୁଣ୍ଡା ଗ୍ରାମରେ ହଠାତ୍ ବଜ୍ରାଘାତ ଘଟିଥିଲା । ଏହାର ପ୍ରଭାବରେ ଗ୍ରାମର ବାଉରୀ ଷଣ୍ଢ ଓ ସଞ୍ଜୁ ଷଣ୍ଢ ଏହି ଦୁଇ ପରିବାରଙ୍କର ଗୋରୁ ଗାଇ ବାହାରେ ବନ୍ଧା ହୋଇଥିଲେ । ଯାହା ଫଳରେ ବଜ୍ରାଘାତରେ ବାଉରୀଙ୍କର ଗୋଟିଏ ଗୋରୁ ଓ ସଞ୍ଜୁଙ୍କର ୨ ଟି ଗୋରୁ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଏତଦ୍ ବ୍ୟତୀତ ଅନ୍ୟ ଗାଇ ଗୋରୁ ଏଥିରେ ପ୍ରଭାବିତ ହୋଇଥିବା ବେଳେ ଗ୍ରାମର ଅଧିକାଂଶ ପରିବାରଙ୍କର ବିଦ୍ୟୁତ୍ ଚାଳିତ ସରଞ୍ଜାମ ଉପରେ ପ୍ରଭାବ ପଡିଥିବା ସୂଚନା ମିଳିଛି ।

## ମନ୍ଦିରରୁ ଦୁଇ ହୁଣ୍ଡି ଲୁଟି ଦୁର୍ବୃତ୍ତ ଫେରାର



ତାଳଚେର, (ସବ୍ୟୁ) : କୌଣସି ଗ୍ରାମାଚଂଳ ନୁହେଁ, ଖୋଦ୍ ତାଳଚେର ଟାଉନ ଥାନା ଠାରୁ ମାତ୍ର ଅଧା କିମି ଦୂର ନବମିଶ୍ର କଲୋନୀ ମଧ୍ୟରେ ଗାୟତ୍ରୀ ମନ୍ଦିର ସମେତ ମହାକାଳେଶ୍ୱର ମନ୍ଦିର ଓ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତି ମନ୍ଦିର ଅବସ୍ଥିତ। ଏହି ମନ୍ଦିରର କବାଟ ଭାଙ୍ଗି ଗତକାଲି ବିଳମ୍ବିତ ରାତ୍ରୀ ସମୟରେ ଦୁର୍ବୃତମାନେ ଭିତରକୁ ପଶି ସେଠାରେ ରହିଥିବା ଦୁଇଟି ହୁଣ୍ଡି ସହିତ ପୂଜାସାମାଗ୍ରୀ ଓ ବାସନକୁସନ ଲୁଟିନେଇ ଥିଲେ। ଆଜି ସକାଳୁ କଲୋନିବାସୀ ପୂଜା କରି ଆସିବା ବେଳେ ଦେଖନ୍ତି ତ ମନ୍ଦିର ପଛପାଖ ରହିଥିବା ରେଳଧାରଣା କଡ଼ରେ ଉକ୍ତ ହୁଣ୍ଡି ଦୁଇଟି ଭଙ୍ଗାରୁଜା ଅବସ୍ଥାରେ ପଡ଼ିଥିଲା। ଦୀର୍ଘ ୪ମାସ ହେବ ହୁଣ୍ଡି ଖୋଲା ଯାଇନଥିବାରୁ ସମ୍ଭବତଃ ଏହି ଦୁଇଟି ହୁଣ୍ଡି ମଧ୍ୟରେ ପ୍ରାୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଥାଇପାରେ ବୋଲି ମନ୍ଦିର କମିଟି ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାକୁ ନେଇ ମନ୍ଦିର କମିଟି ଓ କଲୋନୀବାସୀ ପକ୍ଷରୁ ତାଳଚେର ଟାଉନଥାନାରେ ଏକ ଲିଖିତ ଅଭିଯୋଗ ଦିଆଯିବାପରେ ପୋଲିସ୍ ଘଟଣା ସ୍ଥଳରେ ପଂହଚି ତଦନ୍ତ ଚଳାଇଥିବା ସହ ଅଧିକ ଛାନଭିନ କରିବା ନିମନ୍ତେ ସାଇଟିଫିକ୍ ଟିମକୁ ଡ଼କାଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ପୁନଶ୍ଚ ଏହି ଘଟଣା ଘଟିବାପରେ ପୂଜକ ବା କଲୋନବାସୀଙ୍କୁ ପୂଜା କରି ଯିବାକୁ ପୋଲିସ୍ ପକ୍ଷରୁ ବାରଣ କରାଯାଇଛି। ଏଘଟଣା ଘଟିବା ପରେ ଆଜି ଠାକୁରଙ୍କରଙ୍କ ଦୈନ୍ଦିନ ନୀତି ବନ୍ଦ ରହିଛି। ତେବେ ସମ୍ପୃକ୍ତ ଦୁର୍ବୃତ କେବେ ଧରା ପଡୁଛନ୍ତି ତାହା ଦେଖିବାକୁ କେବଳ ବାକି ରହିଛି।

## ଯୁବ ସାମ୍ବାଦିକଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର

ଅନୁଗୁଳ, (ସବ୍ୟୁ) : ଯୁବ ସାମ୍ବାଦିକ ସ୍ୱର୍ଗତ ରଘୁନାଥ ସାହୁଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ରକ୍ତିଦାନ ଭବନ ଠାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ବହୁ ସାମ୍ବାଦିକ, ସ୍ୱେଚ୍ଛାସେବୀ, ରକ୍ତ ଦାତା ଉପସ୍ଥିତ ରହିଥିବା ସହିତ ରକ୍ତଦାନ ମଧ କରିଥିଲେ। ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରତ୍ୟେକ ବର୍ଷ ସ୍ୱର୍ଗତ ସାମ୍ବାଦିକ ରଘୁନାଥଙ୍କ ସ୍ମୃତିରେ ଏହି ଶିବିର ଆୟୋଜନ କରା ଯାଇଥାଏ । ସମାଜସେବୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ବ୍ରହ୍ମଜ୍ୟୋତି ମିଶ୍ର, ଆଦ୍ୟାଶ୍ଳୋକ ମିଶ୍ର, ମହେଶ ଭୋମରାଜ, ଦେବରଞ୍ଜନ ସାମଲ ଆଦି ଏଜି ଶିବିରକୁ ଆୟୋଜନ କରିଥିଲେ। ରକ୍ତଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

## ବର୍ଷା ଜଳ ପଶିଲା ଘରେ, ସରୁନି ଡ୍ରେନ କାମ



ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ଛକ ଠାରେ ହେଉଥିବା ଡ୍ରେନ କାମ ସମାପ୍ତ ହେଉନାହିଁ । ଫଳରେ ଡ୍ରେନ କାମ ସରୁନଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ଲୋକଙ୍କ ଘରେ ପଶି ଯାଉଛି । ଗୁରୁବାର ଦିନ ଲଘୁଚାପ ବର୍ଷା ହୋଇଥିବା ବେଳେ ପାଣି ଗୁଡିକ ଡ୍ରେନରେ ନ ଯାଇ ଅନେକ ଲୋକଙ୍କ ଘରେ ପଶିଯାଇଥିଲା । ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଇଣ୍ଡା ଠାରେ ୪ ଲେନ ରାସ୍ତା ସହ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି । ଏ ପରିକି ରାସ୍ତାର ଦୁଇ ପାର୍ଶ୍ୱ ରେ ଡ୍ରେନ ନିର୍ମାଣ କାର୍ଯ ସମ୍ପୂର୍ଣ୍ଣ ହୋଇନଥିବା ଯୋଗୁଁ ରାସ୍ତାରେ ଆସୁଥିବା ପାଣି ଗୁଡିକ ନିଷ୍କାସନ ହୋଇ ପାରୁ ନାହି । ଏ ପରିକି ଫ୍ଲାଏ ଓଭର ବ୍ରିଜରୁ ମଧ ଆସୁଥିବା ସମସ୍ତ ବର୍ଷା ଜଳ ଗୁଡିକ ଡ୍ରେନରେ ଯାଇ ପାରୁ ନାହି । ବଇଣ୍ଡାରେ ୮୦ ପ୍ରତିଶତ ଡ୍ରେନ କାମ ସରିଥିବା ବେଳେ ଅନେକ ସ୍ଥାନରେ ଡ୍ରେନ ଗୁଡିକ ଭାଙ୍ଗି ଗଲାଣୀ । ଅତି ନିମ୍ନମାନର କାମ ହେଉଥିବା ଯୋଗୁଁ ଡ୍ରେନ ଗୁଡିକ ଭାଙ୍ଗି ଯାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେଇ ଡ୍ରେନ କାର୍ଯ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ବିଏଲ୍‌ସିଙ୍କ ମନମାନିରେ ଚାଲିଛି ମହିଳା ସଶକ୍ତିକରଣ !

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକର ବିଏଲ୍‌ସିଙ୍କ ମନମାନିରେ ଓଡାପଡା ମିଶନଶକ୍ତି ଚାଲିଥିବା କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଏହି ମିଶନଶକ୍ତି ବିଭାଗରେ ବଡ ଦୁର୍ନୀତି ହେଉଥିବା କେ ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡିଛି । ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କର ରୋଜଗାରର ବୃଦ୍ଧି କରିବା ଲକ୍ଷ୍ୟ ନେଇ ମହିଳା ସଶକ୍ତିକରଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । କିନ୍ତୁ ଏ ସବୁ ଯୋଜନାର ସୁଫଳ ମହିଳାମାନେ କେତେ ଉପକୃତ ହେଉଛନ୍ତି ତାହା କୌଣଶି ଅଧିକାରୀ ଦେଖିବାକୁ ଯାଆନ୍ତି ନାହିଁ । ଓଡାପଡା ବିଏଲ୍‌ସିଙ୍କ ମନମାନି ଯୋଗୁଁ ଅନେକ ସ୍ୱୟଂ ଶହାୟକ ଗୋଷ୍ଠୀର ମହିଳାମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇ ଆସୁଥିବା ଜଣପଡିଛି । ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ହାତ ଗୁଞ୍ଜା ଦେଇ ପାରୁନାହାନ୍ତି ସେମାନଙ୍କ ଗୃପକୁ ପଞ୍ଜିକୃତ କରାଯାଇନାହିଁ ବୋଲି ଅଭିଯୋଗ ଉଠିଛି । ଯେଉଁମାନେ କିଛି କରନ୍ତି ନାହିଁ ସେମାନେ ହାତଗୁଞ୍ଜାଦେଇ ସହାୟତା ହାତେଇ ନେଉଥିବା ଜଣାପଡିଛି । ଯେଉଁ ଗୋଷ୍ଠୀର ମହିଳାମାନେ ନିଜକୁ ସ୍ୱାବଲମ୍ବୀ କରିବା ସହିତ କିଛି ରୋଜଗାର ଲକ୍ଷ୍ୟ ନେଇ ଆଗକୁ ବଢିବା ପାଇଁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଓଡାପଡା ବ୍ଲକରେ ଥିବା ଅଧିକାରୀଙ୍କ ଠାରୁ ସହଯୋଗ ମିଳୁନଥିବା କାଣ୍ଡବିନ୍ଧା ପଞ୍ଚାୟତ ଅଧୀନ ତାମଣ୍ଡା ଗ୍ରାମର ପ୍ରତ୍ୟୁସର ଗୁପର ସଦସ୍ୟମାନେ ଅଭିଯୋଗ କରିଛନ୍ତି । ସେମାନେ ପ୍ରଡୁସର ଗ୍ରୁପ ଗଠନ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ମେଳା, ଉତ୍ସବ ମାନଙ୍କରେ ଷ୍ଟଲ ଖୋଲି ମହିଳାମାନେ ପ୍ରସ୍ତୁତ କରିଥଇବା ଖାଦ୍ୟ ସାମଗ୍ରୀ ଷ୍ଟଲମାନଙ୍କରେ ବିକ୍ରି କରିଥାନ୍ତି । ଦୀର୍ଘ ୭ ବର୍ଷ ଧରି ଏହିମହିଳାମାନେ ବ୍ୟବସାୟ କରି ଆସୁଛନ୍ତି । କିନ୍ତୁ ସେମାନଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଉନଥିବା ଗ୍ରୁପର ସଭାନେତ୍ରୀ ନିରୁପମା ନାୟକ ଅଭିଯୋଗ କରିଛନ୍ତି । ସେହିପରି ଏକଘରିଆ ଗ୍ରାମରେ ଥିବା ମା ତାରିଣୀ ଭେଜିଟେବୁଲ ପ୍ରଡୁସର ଗ୍ରୁପର ନବ ମନୋନୀତ ପରିଚାଳନା କମିଟିକୁ ଅନୁମୋଦନ କରିବା ପାଇଁ ସହଯୋଗ ନକରି ଓଡାପଡା ବିଏଲସି ପୂର୍ଣ୍ଣିମା ପାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କୁ ନାନା ଧମକ ଦେଇଥିବା ସମ୍ପର୍କରେ ପ୍ରଡୁସର ଗ୍ରୁପର ଉଦ୍ୟୋଗୀ ମିତ୍ର ସୁପ୍ରଢା ମଞ୍ଜରୀ ନାୟକ ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଧିକାଂଶ ସିଆରପି ସଦସ୍ୟାମାନେ ଦୀର୍ଘ ଦିନରୁ କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କ ପ୍ରାପ୍ୟ ପାଇନଥିବା ଅଭିଯୋଗ କରିବା ସହ ବିଏଲ୍‌ସି ମାଡାମ ଦୁଇଜଣ ଏମ୍‌ବିକେ ସଦସ୍ୟାଙ୍କ ଜରିଆରେ ହାତ ଗୁଞ୍ଜା ଆଦାୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଓଡାପଡା ବିଏଲ୍‌ସି ପୂର୍ଣ୍ଣିମା ପାତ୍ରଙ୍କୁ ପଚାରିବାରୁ ସେ ମହାଶୟା ଅଭିଯୋଗକୁ ହାଲୁକା ଭାବରେ ନେଇ ତାଙ୍କର କୌଣସି ଭୂମିକା ନାହିଁ ସେମାନଙ୍କର ସମସ୍ୟା ଜିଲ୍ଲା ସ୍ତରରେ ପହଞ୍ଚିଛି ବୋଲି କହିଥିଲେ ।

## ଜିଲ୍ଲା ଏଡସ୍ ନିୟନ୍ତ୍ରଣ କମିଟି ବୈଠକ

ଅନୁଗୋଳ, (ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଜିଲ୍ଲା ଏଡସ୍ ନିୟନ୍ତ୍ରଣ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ଏଚ୍ ଆଇ ଭି ଆକ୍ରାନ୍ତଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ଗୁଡିକର ସମିକ୍ଷା କରାଯାଇଥିଲା । ଏହା ସହ ଏଡସ୍ ରୋଗ ନିୟନ୍ତ୍ରଣ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଚ୍‌ଆଇଭି ଆକ୍ରାନ୍ତମାନେ ନିୟମିତ ଭାବରେ କିପରି ଔଷଧ ପାଇପାରିବେ, ସେଥିପାଇଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡ.ମାନସ ରଞ୍ଜନ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ କସ୍ତୁରୀ ସି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ଅନୁଗୋଳ, (ସବ୍ୟୁ) : ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତୀ ପାଳନ ଉପଲକ୍ଷେ ଜିଲ୍ଲା ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତୀ ପାଳନ କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୁ ପଦକ୍ଷେପ ଏବଂ ପ୍ରଣୀତ ବିବିଧ ଯୋଜନାଗୁଡିକର ଉଦେଶ୍ୟ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ । ବହୁବିଧ କଲ୍ୟାଣକାରୀ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ସାଧାରଣ ସଭା, ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ (ବିକାଶ ମେଳା), ଗୋଷ୍ଠୀଗତ ଆଲୋଚନା ଚକ୍ର ତଥା ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲ୍ଲା ଶିକ୍ଷା ଅଧିକାରୀ ଜିଭଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ ପୋଲିସ ସମିତି ବୈଠକ



ଖମାର, (ସବ୍ୟୁ) : ପାଲଲହଡା ବ୍ଲକ ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଇ ବୈଠକରେ ଖମାର ଆଖ ପାଖ ଅଞ୍ଚଳର ଯଥା- ମୁଣ୍ଡୁରିବେଡା, କୁଞ୍ଜାମ, ବଡସଡ଼ା, ଶଙ୍ଖପୁର, ଓଡ଼ଶ, ସତ୍ୟବନ୍ଧ, କଲଣ୍ଡା ଗ୍ରାମର ବରିଷ୍ଠ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିବା ସହିତ ଖମାର ସୁଲିଆ ବଜାର ସଭାପତି, ଏବଂ କ୍ୟାପିଟାଲ ବଜାର ସଭାପତି ଉପସ୍ଥିତ ଥିଲେ। ବଜାର ମଧ ଦେଇ ଜାତୀୟ ରାଜପଥ ୧୪୯ ଯାଇଥିବାରୁ ପ୍ରତେକ ଦିନ ଶହଶହ ଭାରୀଯାନ ସହିତ ଛୋଟ ଗାଡି ଅତି ଦ୍ରୁତଗତିରେ ଯାତାୟତ କରୁଅଛନ୍ତି । ସେଥି ନିମନ୍ତେ ଖମାର ଜେନାପଡା ଛକଠାରୁ ଆରମ୍ଭ କରି ଜଗନାଥ ମନ୍ଦିର ପର୍ଯ୍ୟନ୍ତ ସ୍ପିଡି ବ୍ରେକର ଲଗାଯିବା ପାଇଁ ସଭାରେ ନିଷ୍ପତି ନିଆଗଲା। ଏଥି ସହିତ ରେଙ୍ଗାଳି ଛକ ନିକଟରେ ତିନୋଟି ହମ୍ପସ କରାଯିବାର ମଧ ଉପସ୍ଥିତ ଥିବା ଅଞ୍ଚଳ ବାସି କହିଥିଲେ। ଖମାର ସପ୍ତାହିକ ହାଟ ରାସ୍ତା କଡରେ ହଉଥିବା ଯୋଗୁଁ ରାସ୍ତାରେ ଯିବା ଆସିବା ବହୁ ସମସ୍ୟା ହଉଥି ଯୋଗୁଁ ତାହା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କୁହାଯାଇଥିଲା। ସଭାରେ ଥାନା ଅଧିକାରୀଙ୍କ ସହିତ ଏଏସଆଇ ବିଦ୍ୟାଭୂଷଣ ବେହେରା, ଏଏସଆଇ ତ୍ରିନାଥ ବିଶ୍ୱାଳ, କନେଷ୍ଟବଳ, ନିରଞ୍ଜନ ନାୟକ, ବିଷ୍ଣୁ ଚରଣ ବେହେରା, ମୁନି ସେଠି, ଜାନକୀ ବେହେରା ଉପସ୍ଥିତ ଥିଲେ।

## ଢେଙ୍କାନାଳ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ



ଢେଙ୍କାନାଳ, (ସବ୍ୟୁ) : ଆନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲଠାରେ ଢେଙ୍କାନାଳ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ସମସ୍ତଙ୍କର ସହଯୋଗରେ ସମବାୟ ଆନ୍ଦୋଳନ ସଫଳ ହେବା ସହ ଆମେ କୃଷି କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହୋଇପାରିଛେ ବୋଲି ମତବ୍ୟକ୍ତ କରିଥିଲେ । ସମବାୟ ସମିତିର ପ୍ରତ୍ୟେକ କାର୍ଯ୍ୟକ୍ରମ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିଲେ କୃଷି ଓ ପଶୁପାଳନ ବ୍ୟାପକ ହୋଇପାରିବ ଓ ସମସ୍ତେ ପ୍ରକୃତ ସୁଫଳ ପାଇପାରିବେ ବୋଲି ସେ ପ୍ରକାଶ କରିଥିଲେ । ସମବାୟ ସମିତି ସହଯୋଗରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ, ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରମୁଖ ଉପସ୍ଥିତ ରହି ଅଗ୍ରହଣୀ ଚାଷୀ ଭାଇ ଭଉଣୀମାନଙ୍କୁ ଅବଗତ କରାଇଥିଲେ । ପ୍ରାରମ୍ଭରେ ସମବାୟ ସମିତିର ଉପ ନିବନ୍ଧକ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରି ସମବାୟ ଓ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ୧୧୬ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ରର ଆଧୁନୀକରଣ କରାଯାଇ ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କୁ ଗୋପାଳନ, କୁକୁଡା ଚାଷ, ମତ୍ସ୍ୟ ଚାଷ ଏବଂ ପନିପରିବା ଓ ଧାନଚାଷରୁ ଅଧିକ ଉତ୍ପାଦନ ହୋଇ ପାରିବ ସେ ସମ୍ପର୍କରେ ବୁଝାଇ କହିଥଇଲେ । ଏହି ଅବସରରେ ଜିଲ୍ଲା ଶ୍ରେଷ୍ଠ ସମବାୟ ସମିତି ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଉତ୍ସବ କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପରିଚାଳନା କରିଥଇଲେ । ଶେଷରେ ହିନ୍ଦୋଳ ସମବାୟ ସମିତିର ବରିଷ୍ଠ ସହକାରୀ ନିବନ୍ଧକ ବିରଜାନନ୍ଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଥା ଦେଇ କଥା ରଖିଲେ ମୋହନ ସରକାର

# ମହିମାଗାଦିର ବିକାଶ ଓ ଶୂନ୍ୟ ମଣ୍ଡପ ନିର୍ମାଣ ପାଇଁ ୧୭୧କୋଟି ଟଙ୍କା ମଞ୍ଜୁର

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ମହିମାଗାଦିର ବିକାଶ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ୧୭୧ କୋଟି ଟଙ୍କା ମଞ୍ଜୁରୀ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମାନ୍ୟବର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଦଳର ବରିଷ୍ଠ ନେତା ତଥା ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ଇତିଶ୍ରୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ସୁନିଲ୍ ଶର୍ମା, ନଗରପାଳିକା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ୍ ଅଧକ୍ଷା ରାନାରାଣୀ ଖଟୁଆ, ପରଜଙ୍ଗ ବ୍ଲକ୍ ଉପାଧକ୍ଷା ଯଶସ୍ୱିନୀ ରାଉତ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ମହିଳାମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ କୁମାର ମହାନ୍ତି, କୋଦଣ୍ଡଧର ସାହୁ, ସାଂସଦ ଓ ମନ୍ତ୍ରୀଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ରାଉତ, ନିରୋଦ କୁମାର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତା । ପ୍ରକାଶଥାଉକି, ଗତ ଫେବୃଆରୀ ମାସ ୨୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯୋରନ୍ଦାସ୍ଥିତ ମହିମାଗାଦି ଗସ୍ତ କରି ମହିମା ସମାଜର ସାଧୁମାନଙ୍କ ସହ ଆଲୋଚନା କରି ମହିମାଗାଦୀର ସାମଗ୍ରୀକ ଉନ୍ନତିକରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ଦୁଷ୍କର୍ମ ଉଦ୍ୟମ ପରେ ତୀର ମାରିବା ଘଟଣା : ଅଭିଯୁକ୍ତ ଗିରଫ



ଠାକୁରମୁଣ୍ଡା,(ସବ୍ୟୁ) :ଗତ ସୋମବାର ରାତିରେ ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ କରିବା ଉଦ୍ୟମ ବିଫଳ ହେବାରୁ ତାର ବାପାଙ୍କୁ ତୀର ମାରି ଜୀବନରୁ ମାରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତ ରାଧାଶ୍ୟାମ ବାନ୍ଦିଆକୁ ଠାକୁରମୁଣ୍ଡା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ହାତୀଗୋଡା ଗ୍ରାମର ବିଶ୍ୱା ବଡ୍ରାଙ୍କ ନାବାଳିକା ଝିଅ (୮)କୁ ସେହି ଗ୍ରାମର ବୟସ୍କ ରାଧାଶ୍ୟାମ ବାନ୍ଦିଆ ଅପରାହ୍ନ ସାଢ଼େ ୫ଟା ଦୁଷ୍କର୍ମ ଉଦ୍ୟମ କରିଥିଲା । ମା' ଝିଅକୁ ନଦେଖି ଖୋଜିବା ସମୟରେ ଝିଅର ମା'ଙ୍କୁ ଦେଖି ରାଧାଶ୍ୟାମ ଛାଡି ଚାଲିଯାଇଥିଲା । ମାତ୍ର ସନ୍ଧ୍ୟା ସାଢ଼େ ୭ଟାରେ ଧନୁ, ତୀର ନେଇ ପୁଣି ଆସି ଝିଅର ବାପା ବିଶ୍ୱା ବଡ୍ରାଙ୍କୁ ପାଇ ରାଧାଶ୍ୟାମ ତୀର ଚଳାଇଥିଲା । ପର ଦିନ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପରେ ଡାକ୍ତର ତୀର ବାହାର କରିଥିଲେ । ପରେ ଝିଅର ମା' ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ ସାବିତ୍ରୀ ଦଳେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ସେତେବେଳକୁ ରାଧାଶ୍ୟାମ ଫେରାର ହୋଇ ଭୁବନେଶ୍ୱର ଚାଲିଯାଇଥିବା ଜଣାପଡିଥିଲା । ପୋଲିସ ରାଧାଶ୍ୟାମର ପୁଅ ଜରିଆରେ ରାଧାଶ୍ୟାମକୁ ଆଣିବାରେ ସକ୍ଷମ ହୋଇଥିଲା । ରାଧାଶ୍ୟାମ ଗୁରୁବାର ସକାଳେ ଘରେ ପହଞ୍ଚିବା ପରେ ପୋଲିସ ତାକୁ ଗିରଫ କରି ବାରିପଦା ପୋକ୍ସୋ କୋର୍ଟରେ ହାଜର କରିଛି ।

## ଅଳତି : ବିଳମ୍ବିତ ରାତିରେ ୩ ଜଣଙ୍କ ଘରୁ ଲୁଟ୍

# ନେଇଗଲେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଅଲଙ୍କା, ନଗଦ ଟଙ୍କା

ଆନନ୍ଦପୁର ,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଳତି ଗାଁରେ ବୁଧବାର ବିଳମ୍ବିତ ରାତିରେ ବଡଧରଣର ଲୁଟ୍ ହୋଇଯାଇଛି ଜଣାପଡିଛି । ଗାଁର ମଦନମୋହନ ବରାଳ,ରାମଚନ୍ଦ୍ର ବରାଳ ସମେତ ବାମନ ସେଠୀଙ୍କ ଘରେ ବିଳମ୍ବିତ ରାତିରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଅର୍ଥ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ରାମଚନ୍ଦ୍ରପୁର ପୋଲିସ ।ସୂଚନା ଅନୁସାରେ, ମଦନମୋହନ ବରାଳ ପତ୍ନୀ ସୁକନ୍ତା ସାନପୁଅ ପ୍ରଶାନ୍ତ ଏବଂ ବୋହୂ ଚିନ୍ମୁ ନାତି ନାତୁଣୀ ସପରିବାରେ ବୁଧବାର ଦିନ ପୁରୀ ଯାଇଥିବା ବେଳେ ବଡପୁଅ ସଞ୍ଜୟ ବରାଳ ଏବଂ ବୋହୂ ଝୁମି ଗାଁରେ ରହିଥିଲେ । ଉଭୟ ରାତିରେ ଖାଇପିଇ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ କେହି ଲୁଟେରା ଘରେ ପଶି ସଂଜୟଙ୍କ ଶୋଇବା ଘରକୁ ବାହାର ପଟୁ ତାଲା ମାରି ଦେଇ ଅନ୍ୟ ତିନୋଟି ଘରର ତାଲା ଭାଙ୍ଗି ଆଲମିରା ଭିତରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ କରିନେଇଥିଲେ । ପୁଅ ସଂଜୟ ଭୋରରୁ କବାଟ ଖୋଲିବାକୁ ଚେଷ୍ଟା କରିବାରୁ କବାଟ ଖୋଲି ନହେବା, ପରେ ପଡୋଶିଙ୍କ ସହାୟତାରେ ଘରୁ ବାହାରି ଦେଖିଲେ । ଦେଖନ୍ତି ସବୁ ସରି ଯାଇଥିଲା ।ଘରର ସବୁଆଡେ ଆସବାବ ପତ୍ର ଫିଙ୍ଗା ଫେଫଡା ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ପୁଅ ସଂଜୟ ବାପା ବୋଉଙ୍କୁ ଜଣାଇବା ପରେ ପୁରୀରୁ ସପରିବାରରେ ଫେରି ଆସିଥିଲେ। ସକାଳୁ ଚୋରି ନେଇ ମଦନ ବରାଳ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।ଏଥିରେ ପ୍ରାୟ ସୁନା ଅଳଙ୍କାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ସେହିପରି ଅଳତି ଗାଁର ଲକ୍ଷଣ ବରାଳଙ୍କ ଘରୁ ମଧ୍ୟ ସମାନଭଳିରେ ଲୁଟ୍ ହୋଇଛି । ଲକ୍ଷଣ ବରାଳଙ୍କ ମାଆ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ଗୋଟିଏ ଆଟାଚ ସହ କିଛି ନଗଦ ଅର୍ଥ ଲୁଟି ନେଇଛନ୍ତି ଏହାଛଡ଼ା ବାମନ ସେଠୀଙ୍କ ଘର ଝରକା କଟରେ ଟଙ୍କା ହୋଇଥିବା ଏକ ଭ୍ୟାନିଟି ବ୍ୟାଗରୁ କେହି ଲୁଟେରା ଗତ ରାତିରେ ଦଶ ହଜାର ଟଙ୍କା ଲୁଟି ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା ,ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ଏବଂ ସାଇଣ୍ଟିଫିକ ଅଧିକାରୀ ସୁରେଶ ମାଝୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଲୁଟ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ବର୍ଜ୍ୟ ବସ୍ତୁର ସୁପରିଚାଳନା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ):ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ, ପୁଣ୍ୟଶ୍ଳୋକ ରଥଙ୍କ ତତ୍ତ୍ୱାବଧାନରେ ବର୍ଯ୍ୟବସ୍ତୁର ସୁପରିଚାଳନା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୁଣାବଜାର ନଗାମହଲାସ୍ଥିତ ଫେଲୋସିପ୍, ଶିଶୁ ଯତ୍ନଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ବିଭିନ୍ନ ବସ୍ତୁ ଯାହାକି ଆମେ ବାହାରେ ଫିଙ୍ଗିଦେଇଥାଉ ଅଥବା ପୋଡ଼ି ଦେଇଥାଉ ମାତ୍ର ସେହି ବର୍ଯ୍ୟବସ୍ତୁରୁ ବହୁତ ଗୁଡ଼ିଏ ସୁନ୍ଦର ପଦାର୍ଥ ଆମେ ତିଆରି କରି ପୁନଃ ଚକ୍ରିକରଣ ପ୍ରକ୍ରିୟା ମାଧ୍ୟମରେ ଆମେ ସେହିସବୁ ବର୍ଯ୍ୟବସ୍ତୁର ସୁପରିଚାଳନା କରିପାରିବା। ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ଏଲ୍.ଏ.ଡିସ୍.ଏସ୍. ସହାୟକ, ଭଦ୍ରକ,ଏସ୍.ଏମ୍. ଫାରୁକ୍, ସଂପାଦକ, ଫେଲୋସିପ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, ଫେଲୋସିପ୍, ଭଦ୍ରକ, ତାପସ କୁମାର ସାମଲ, କାର୍ଯ୍ୟକାରୀ ଅଧିକାରୀ, ଭଦ୍ରକ ମ୍ୟୁନିସ୍ପାଲିଟ, ଆଶିଷ କୁମାର ମହାପାତ୍ର, ବିଷ୍ଣୁପ୍ରସାଦ ବେହେରା, ବିକ୍ରମ ବଳ, ସାନିଟେସନ୍ ଅଧିକାରୀ ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର କର୍ମଚାରୀଗଣ ଏବଂ ପି.ଏଲ୍.ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳୀ ବେହେରା, ସସ୍ମିତା ବାରିକ୍, ଉର୍ମିଳା ପଣ୍ଡା, ମଧୁସ୍ମିତା ମଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାମାନେ ପୁରୁଣା ବର୍ଯ୍ୟବସ୍ତୁରୁ ବହୁତ ସୁନ୍ଦର ଜିନିଷମାନ ଯଥା ବିଞ୍ଚଣା, ଫୁଲଦାନି, ତୋରଣ ଭଳି ଜିନିଷ ତିଆରି କରିଛନ୍ତି ଯାହାକି ଅତ୍ୟନ୍ତ ଉତ୍ସାହ ଜନକ କାର୍ଯ୍ୟ ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଶେଷରେ ଫେଲୋସିପ୍‌ରେ ଥିବା ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ ଆରମ୍ଭ



ବାଲେଶ୍ୱର,(ସବ୍ୟୁ) :ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇଦିନିଆ ଜାତୀୟ ସେମିନାର ପଥରରୁ କାହାଣୀ ପର୍ଯ୍ୟନ୍ତ ପ୍ରାଚୀନ, ମଧ୍ୟଯୁଗୀନ ଓ ଆଧୁନିକ ଐତିହ୍ୟର ଦୃଷ୍ଟିକୋଣର ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଦୁଇଦିନିଆ ସମ୍ମିଳନୀଟି ଉଦଘାଟିତ ହୋଇଅଛି। ସେମିନାରର ଉଦ୍ଘାଟକ ଭାବେ ଆଇ.ଜି.ଏନ୍.ଟି.ୟୁ., ଅମରକଣ୍ଟକର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ ଭାରତ ଓ ଓଡ଼ିଶାର ଐତିହ୍ୟର ଅନ୍ତର୍ନିହିତ ତଥ୍ୟ ସହ ଅବଗତ କରାଇବା ସହ ତାହାର ଆଧୁନିକ ଉପାୟରେ ପୁନଃନିର୍ମାଣ ଓ ସଂରକ୍ଷଣ, ଜନ ସଚେତନତା, ଗବେଷଣା, ଗୋଷ୍ଠୀଗତ ସହଯୋଗ ଆଦି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ଉପରେ ଅନ୍ତର୍ଦୃଷ୍ଟି ଦେଇଥିଲେ। ଏହାସହିତ ମୁଖ୍ୟ ବକ୍ତା ଭାବେ ଡ଼କ୍ଟର ଜୀବନ କୁମାର ପଟ୍ଟନାୟକ, ପ୍ରତ୍ନତତ୍ତ୍ୱ ଖନନ ଶାଖା (ଖଣ୍ଡ - ୪), ଭୁବନେଶ୍ୱରର ବରିଷ୍ଠ ପ୍ରତ୍ନତତ୍ତ୍ୱବିତ୍ ଯୋଗଦେଇ, ଭାରତର ପୁରାତନ ତଥ୍ୟ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଆଇନ ଅଧିନିୟମ ଓ ପ୍ରତ୍ୟକ୍ଷ ଧାରୋହର ବିଷୟରେ ଗଭୀର ବିଶ୍ଳେଷଣ କରିଥିଲେ।ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ, ଓଡ଼ିଶା ତଥା ଭାରତୀୟ ଐତିହ୍ୟର ଦୂରଦୃଷ୍ଟି ସହ ଦୃଶ୍ୟମାନ ଓ ଅଦୃଶ୍ୟମାନ ସଂସ୍କୃତି ଐତିହ୍ୟ ପ୍ରତି ସୁରକ୍ଷାର ଆଭିମୁଖ୍ୟ, ଇତିହାସର ସଠିକ ଦସ୍ତାବେଜୀକରଣର ଗୁରୁତ୍ୱକୁ ଆଲୋକପାତ କରିବା ସହିତ ସମସ୍ତଙ୍କ ସାମୁହିକ ଦାୟିତ୍ୱ ନିର୍ବାହ ତଥା ଭବିଷ୍ୟତ ଉପରେ ପ୍ରଭାବ ବିଷୟକୁ ଧ୍ୟାନ ଦେଇଥିଲେ।ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଉଦବୋଧନରେ ସଂସ୍କୃତି ରକ୍ଷାରେ ବିଶ୍ୱବିଦ୍ୟାଳୟର ଭୂମିକା ଓ ଏହି ପ୍ରକାର ସେମିନାର ଆୟୋଜନର ଗୁରୁତ୍ୱ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ସମ୍ବୋଧନ ସମ୍ମିଳନୀର ସଂଯୋଜକ ଡ଼କ୍ଟର ପବିତ୍ରମୋହନ ନାୟକ ପ୍ରଦାନ କରିଥିଲେ।ସମ୍ମିଳନୀ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରି ସଂଯୋଜକା ଡ଼କ୍ଟର ଶିଖାଶ୍ରୀ ରାୟ ସେମିନାରର ଉଦ୍ଦେଶ୍ୟ, ବୈଜ୍ଞାନିକ ପ୍ରସଙ୍ଗ ଓ ମୁଖ୍ୟ ପ୍ରସଙ୍ଗ ବିଷୟରେ ଉପସ୍ଥାପନା କରିଥିଲେ।ବୈଷୟିକ ଅଧିବେଶନ ଗୁଡିକରେ ପୁରାତନ ଐତିହ୍ୟ, ପ୍ରତ୍ନତତ୍ତ୍ୱ , ଆଇକନୋଗ୍ରାଫି, ସ୍ଥାପତ୍ୟ, ଶିଳ୍ପ, ଭାଷା, ମଧ୍ୟଯୁଗୀନ ଐତିହ୍ୟର ସାମାଜିକ ପରମ୍ପରା, ଧର୍ମ ଓ କାହାଣୀ, ସାମନ୍ତ ଗଠନ, ପାଣ୍ଡୁଲିପି, ଶିଳ୍ପ, ସ୍ଥାପତ୍ୟ ତଥା ଆଧୁନିକ ଐତିହ୍ୟର ଉପନିବେଶିକ ଧାରା, ସ୍ୱାଧୀନତା ପରବର୍ତ୍ତୀ କାହାଣୀ, ଶିଳ୍ପ ଐତିହ୍ୟ, ପ୍ରବାସୀ ଓ ଜାତୀୟତାବାଦ ସହ ସାଂସ୍କୃତିକ ଐତିହ୍ୟର ମୌଖିକ ପରମ୍ପରା, ଗ୍ଲୋବାଲାଇଜେସନ ର ପ୍ରଭାବ ଏବଂ ଅଭିଲେଖାଗାର, ସଂଘାତ ଓ ଆପଦ ପରେ ଐତିହ୍ୟ, ଡିଜିଟାଲ ଓ ଆଭାସୀକ ଐତିହ୍ୟର ସଂରକ୍ଷଣ ଓ ସୁରକ୍ଷା ସଂପର୍କରେ ବିଷଦ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମକୁ ଡ଼କ୍ଟର ରାଜଶ୍ରୀ ଦତ୍ତ ସଂଚାଳନ କରିଥିଲେ ଓ ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଜଣାଇଥିଲେ।

# ଅସୀମିଳା ଛକରୁ ଲୁଟ ଘଟଣା ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ସୋର,(ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅସୀମିଳା ଛକ ନିକଟରୁ ବନ୍ଧୁକ, ଭୁଜାଲି, ଖଣ୍ଡା ଦେଖାଇ ଭୟଭୀତ କରି ଜଣେ ଯୁବକଙ୍କ ନିକଟରୁ ୪୦ ହଜାର ଟଙ୍କା ଲୁଟ ଘଟଣାରେ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଅଭିଯୁକ୍ତ ଜଣଙ୍କ ହେଉଛି ଖନ୍ତାପଡ଼ା ଥାନା ବାସୁଲିପୁର ଗ୍ରାମର ରୋହିତ ମହାନ୍ତି (୨୩)।ଅଭିଯୋଗ ଅନୁସାରେ ଗତ ୧୪ ତାରିଖରେ ଗୋବିନ୍ଦପୁର ଗ୍ରାମର ପ୍ରଦୀପ ମଲିକ ନୂଆ ବାଇକ କିଣିବା ପାଇଁ ୪୦ ହଜାର ଟଙ୍କା ନେଇ ତାଙ୍କ ସାଙ୍ଗ ବାଇକରେ ବାଲେଶ୍ୱର ଯାଉଥିଲେ। ଏହି ସମୟରେ ଅସୀମିଳା ଛକ ନିକଟରେ ଦୁଇଟି ବାଇକରେ ଛଅ ଜଣ ଯୁବକ ହାତରେ ଖଣ୍ଡା, ଭୁଜାଲି ଏବଂ ବନ୍ଧୁକ ଧରି ତାଙ୍କ ବାଇକ ସମ୍ମୁଖରେ ଆଡା ପକାଇଥିଲେ। ପରେ ଉଭୟଙ୍କୁ ଭୟଭୀତ କରି ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରଦୀପ ନିକଟରେ ଥିବା ୪୦ ହଜାର ଟଙ୍କା, ମୋବାଇଲ ଏବଂ ତାଙ୍କ ବାଇକ ଚାବି ନେଇ ଫେରାର ହୋଇଯାଇଥିଲେ। ଫଳରେ ପ୍ରଦୀପ ଏବଂ ତାଙ୍କ ସାଙ୍ଗ ସେଠାରୁ ଆସି ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଥାନାରେ କେଶ୍ ନମ୍ବର ୨୯୦/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।ତେବେ ପୁଲିସ ଏହି ଘଟଣାରେ ପୂର୍ବରୁ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।ରୋହିତ ଫେରାର ଥିବା ବେଳେ ଗତକାଲି ରାତିରେ ପୁଲିସ ତାକୁ ଗିରଫ କରିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ପିକ୍‌ଅପ୍ ଜବତ, ୭ ଗୋରୁ ଉଦ୍ଧାର

ଅସୁରାଳି,(ସବ୍ୟୁ):ବେଆଇନ ଭାବେ ଚାଲାଣ ହେବାକୁ ଯାଉଥିବା ଏକ ଗୋରୁ ବୋଝେଇ ପିକଅପକୁ ଧୂଷୁରୀ ଥାନା ପୁଲିସ ଜବତ କରିଛି। ଏଥିରୁ ୭ଟି ଗୋରୁ ଉଦ୍ଧାର କରାଯାଇଛି। ଗତକାଲି ରାତିରେ ଧୂଷୁରୀ ପୁଲିସର ଦୁଇ ଅଧିକାରୀ ଏଏସଆଇ ମନୋରଞ୍ଜନ ପାତ୍ର ଏବଂ ତ୍ରିନାଥ ଭୋଇ ପାଟ୍ରୋଲିଂ କରୁଥିବା ସମୟରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ପନ୍ଦରବାଟିଆ ଜଗନ୍ନାଥସାହି ନିକଟରେ ଏକ ପିକଅପ ଭ୍ୟାନ(ଓଡ଼ି-୨୨-ଏଚ-୫୧୩୭)କୁ ଦେଖିଥିଲେ। ଦୁଇ ଅଧିକାରୀ ଗାଡ଼ିରେ ଗୋରୁ ଥିବା ଦେଖି ଏହାକୁ ଧରିବା ସଂଗେ ସଂଗେ ଏଥିରୁ ୭ଟି ଗୋରୁଙ୍କୁ ଉଦ୍ଧାର କରିଥିଲେ। ପୁଲିସକୁ ଦେଖି ଏଠାରେ ଥିବା ବ୍ୟକ୍ତିମାନେ ଖସି ପଳାଇ ଯାଇଥିଲେ। ଧୂଷୁରୀ ଥାନାରେ ଏନେଇ କେସ ନମ୍ବର-୨୫୨/୨୫ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛଡା ଯାଇଛି।

# ୩୧ରୁ ଅପରାହ୍ନର ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର ଅପରାହ୍ନ ପକ୍ଷରୁ ଆସନ୍ତା ୩୧ ତାରିଖ ଶନିବାର ଓ ଜୁନ୍ ୧ ତାରିଖ ରବିବାର ୨ଦିନ ବ୍ୟାପୀ ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତାକୁମ୍ଭ -୨୦୨୫ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା ଓ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ ସୂଚନା ଦେଇଛନ୍ତି । ଏହି ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ୪୦୦ ଲେଖକ, ଲେଖିକା, ସାମ୍ବାଦିକ, ସମାଜସେବୀମାନଙ୍କ ସମେତ ରାଜ୍ୟ ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀଲିପ୍ତା ପ୍ରିଣ୍ଟ ମିଡ଼ିଆ ପକ୍ଷରୁ ୨୫ ଜଣ ଲେଖକ, କବିଙ୍କ ଦ୍ୱାରା ଲିଖିତ ୨୮ ଖଣ୍ଡ ପୁସ୍ତକର ଉନ୍ମୋଚନ କରାଯିବା ସହ ୩୦୦ ରୁ ଉର୍ଦ୍ଧ୍ୱ କବିମାନେ ସେମାନଙ୍କ ସ୍ୱରଚିତ କବିତା ପାଠ କରିବେ। ଏହି କବିତାକୁମ୍ଭରେ ପାଠ ହୋଇଥିବା କବିତାଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୨୦ଟି କବିତା ଚୟନ କରାଯିବ । ଏହି ଅବସରରେ ୧୨୦ଜଣ ବ୍ୟକ୍ତିତ୍ୱଙ୍କୁ ସୃଜନଶ୍ରୀ-୨୦୨୫ ସମ୍ମାନ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ବାଲେଶ୍ୱର ପ୍ରେସ୍ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ରଂଜନ ବାଗ ଉପସ୍ଥିତ ଥିଲେ ।

# ପୁଣି ରାସନ୍ କାର୍ଡ ଯନ୍ତ୍ରଣା ନାମ ଯୋଡ଼ିବାକୁ ରାତି ଅଧରୁ ଲମ୍ବାଲାଇନ

ଭଦ୍ରକ (ସବ୍ୟୁ):ରାସନ୍ କାର୍ଡରେ ପୁଣି ଯୋଡ଼ି ହେବା ପାଇଁ ହନ୍ତସନ୍ତ ହିତାଧିକାରୀ। ବ୍ଲକ ସମ୍ମୁଖରେ ରାତି ଅଧରୁ ଅଧିଆ ପଡ଼ିଛନ୍ତି। ବ୍ଲକ ସମ୍ମୁଖ ଗୋଟେ କିଲୋମିଟର ପର୍ଯ୍ୟନ୍ତ ଲାଗିଚି ଲମ୍ବା ଲାଇନ। ଭଦ୍ରକ ବ୍ଲକ ପରିସରରେ ଏମିତି ଭାବେ ହଜାର ହଜାର ସଂଖ୍ୟକ ହିତାଧିକାରୀଙ୍କ ଲମ୍ବା ଲାଇନ ଲାଗିଛି। ତେବେ ରାସନ୍ କାର୍ଡରେ କଟି ଯାଇଥିବା ହିତାଧିକାରୀ ନିଜ ନାମ ଯୋଡିବା ପାଇଁ ବ୍ଲକକୁ ରାତି ଅଧରୁ ଆସିଥିଲେ। କିନ୍ତୁ ମାତ୍ର ୧୨୦ଜଣଙ୍କୁ ଟୋକନ୍ ଦିଆଯିବ। କିନ୍ତୁ ପ୍ରାୟ ଦୁଇ ହଜାର ଭଳି ହିତାଧିକାରୀ ରାତିରୁ ଏବେ ପର୍ଯ୍ୟନ୍ତ ପ୍ରାୟ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଲାଇନ୍‌ରେ ରହିଛନ୍ତି।

# ବାପା-ମା' ଛେଉଣ୍ଡ ୩ ଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ସହାୟତା



କେନ୍ଦୁଝର, (ସବ୍ୟୁ) : ପ୍ରଥମେ ମା କୁ ହରାଇ ହତାଶ ହୋଇଥିବା ୩ ଭଉଣୀ ମାତୃ ବିୟୋଗର ଦୁଃଖରେ କାଳାତିପାତ କରୁଥିବା ବେଳେ ଏକମାତ୍ର ସାହାରା ବାପ ମଧ୍ୟ ହୃଦଘାତରେ କିଛି ଦିନ ତଳେ ଚାଲିଯିବା ପରେ ଭାଙ୍ଗି ପଡିଛନ୍ତି ତିନି ଭଉଣୀ। କେନ୍ଦୁଝର ସଦର ବ୍ଲକ ବାଲିଆଗୋଡା ଗ୍ରାମର ନରୋତମ ଜେନା ଅଟୋ ଚଳାଇ ପରିବାର ଚଳାଉଥିଲେ। କିନ୍ତୁ ହୁଏତ ମା କୁ ହରାଇବାର ଦୁଃଖ ପରେ ୩ଭଉଣୀଙ୍କ ଦୁଃଖ ସରିଲା ନାହିଁ ଯେ ଏକ ମାତ୍ର ରୋଜଗାର କ୍ଷମ ବାପାଙ୍କୁ ମଧ୍ୟ ନେଲା ଦଇବ।ବଡ ଝିଅ ବିବାହ ପରେ ସ୍ୱାମୀଙ୍କ ନିର୍ଯାତନା ସହି ନପାରି ସେମଧ ବାପଙ୍କ ଭରସାରେ ବାପଘରେ ରହିଆସୁଛନ୍ତି ।ଏଭଳି ଦୁଃଖଦ ପରିସ୍ଥିତିରେ ୩ ଭଉଣୀ ସହଯୋଗ ଆଶାରେ ଆସି ଥିଲେ କେନ୍ଦୁଝର, ମଣ୍ଡୁଆ ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ।ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ଅଭିଯୋଗ ଅଧିକାରୀ ଇଂ ହିମାଂଶୁ ଶେଖର ସାହୁ ୩ଭଉଣୀଙ୍କ ଦୁଃଖଦ କାହାଣୀ ଜାଣିବାପରେ ତୁରନ୍ତ କେନ୍ଦୁଝର ସହରର ଜଣେ ସ୍ୱେଚ୍ଛାସେବୀ ଶାନ୍ତିଲତା ଦେବୀଙ୍କ ସହଯୋଗରେ ୫ ହଜାର ଟଙ୍କାର ଚେକ ପ୍ରଦାନ କରିବା ସହିତ ଆଗକୁ ମଧ୍ୟ ସହଯୋଗ କରିବାପାଇଁ ପ୍ରତିଶୃତି ଦେଇଛନ୍ତି।

# ୩୨ ଗୋ-ଚାଷୀଙ୍କୁ ଉନ୍ନତ ପ୍ରଜାତିର ଗାଈ ବଣ୍ଟନ

କରଞ୍ଜିଆ, (ସବ୍ୟୁ) : ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ଗାଇ ବଣ୍ଟନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପାଞ୍ଚପୀଢ଼ ଉପଖଣ୍ଡର ୫ ଟି ବ୍ଲକରେ ବସବାସ କରୁଥିବା ଗୋ ଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ ଉନ୍ନତ ପ୍ରଜାତିର ଗାଇ ବଣ୍ଟନ କରିବାକୁ କେନ୍ଦ୍ର ସରକାରଙ୍କ ସିଦ୍ଧାନ୍ତ ଗ୍ରହଣ ସ୍ୱରୂପ ୨୫ ତାରିଖରେ ପାଞ୍ଚପୀଢ ଉପଖଣ୍ଡରେ ଗାଇ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ଦ୍ୱିତୀୟ ପର୍ଯ୍ୟାୟରେ କରଞ୍ଜିଆ ବ୍ଲକ କୁରୁଲିଆ ଠାରେ ଥିବା ପ୍ରତିପାଳନ ପଡ଼ିଆ ଠାରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦାନ କରିଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଜିଲ୍ଲା ସଂଯୋଜକ ପ୍ରକାଶ ଦେବତା,ବଳା ପଞ୍ଚାୟତ ସରପଞ୍ଚ ସ୍ମିତା ନାଏକ, ଗୋକୁଳ ମିଶନ ଯୋଜନା ସଂଯୋଜକ ଡଃ ଲିଙ୍ଗରାଜ ମହାନ୍ତ ଓ ଡଃ କୃଷ୍ଣଚନ୍ଦ୍ର ଟୁଡୁ, ଆଶିଷ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ମଦନମୋହନ ମହାନ୍ତ ଓ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆଞ୍ଚଳିକ ମୁଖ୍ୟ (ଦକ୍ଷିଣ) ଡଃ ହରିଶଙ୍କର ଓ ରାଜ୍ୟ ମୁଖ୍ୟ ଡଃ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଉପସ୍ଥିତିରେ ଉପଖଣ୍ଡର ୩୨ ଜଣ ଗୋ ଚାଷୀଙ୍କୁ ଗାଇ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ଉପଖଣ୍ଡର ୫୦୦ ଜଣ ଗୋ ଚାଷୀଙ୍କୁ ଗୁଜୁରାଟର ଆନନ୍ଦ ସହରରୁ ଆସିଥିବା ଉନ୍ନତ ପ୍ରଜାତୀର ଗିର ଓ ସାଇୱନ ଗାଇ ବଣ୍ଟନ କରାଯିବ। କରଞ୍ଜିଆ ବ୍ଲକ ପାଇଁ ୧୫୦, ଠାକୁରମୁଣ୍ଡା ବ୍ଲକ ପାଇଁ ୧୦୦, ଯଶିପୁର ବ୍ଲକ ପାଇଁ ୧୦୦, ରରୁଆଁ ବ୍ଲକ ପାଇଁ ୧୦୦ ଓ ଶୁକ୍ରୁଳି ବ୍ଲକ ପାଇଁ ୫୦ ଜଣ ଚାଷୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଗାଇ ପାଇବେ। ପ୍ରଥମ ପର୍ଯ୍ୟାୟରେ ୨୫ ଟି ଗାଇ ବଣ୍ଟନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୨ ଟି ଗାଇ ବଣ୍ଟନ ହୋଇଛି ।

**AFFIDAVIT**

By virtue of an affidavit sworn before Executive Magistrate Bhuban dated. 1354/29th May 2025 I, Puspita Pattanayak Address At : Kansaragoda, PO-Baruan (B) PS-Bhuban, Dist : Dhenkanal, Pin-755024 declare that I have change my name and address from Puspita Rana to Puspita pattanayak, Address from At/Po-Odisha, PS-Bhuban, Dist- Dhenkanal to At-Kansaragoda, PO-Baruan (B) PS-Bhuban, Dist-Dhenkanal, Pin-755024. Henceforth I shall be known as Puspita Pattanayak for all purposes.

**Puspita Pattanayak**

**ଓଡ଼ିଶା ସରକାର**

**କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**ଅଧିସୂଚନା**

**File No. 102 Date : 30.01.2025**

**IX-01:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ **କଳାହାଣ୍ଡି ଜିଲ୍ଲାରେ ଶହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ** ନିର୍ମାଣ ନିମନ୍ତେ ସରକାର **(Appropriate Government)** ସରକାରୀ ବ୍ୟୟରେ **ମୌଜା-ଭଙ୍ଗାବାରି, ଥାନା-ଭବାନୀପାଟଣା (ସଦର), ତହସିଲ-କଳାହାଣ୍ଡି, ଜିଲ୍ଲା-କଳାହାଣ୍ଡି**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୧.୩୧୭** ଡି ପରିମିତ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR & R Act.2013)** ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର **(Appropriate Government)** ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ଶହିଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ ନିର୍ମାଣ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, କଳାହାଣ୍ଡି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଏଥି ସହିତ ସଂଲଗ୍ନ କରାଯାଇଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଭବାନୀପାଟଣା, କଳାହାଣ୍ଡି ।
୬. ଜମିର ବିବରଣୀ

**ଜମିର ବିଶଦ ବିବରଣୀ**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୦୦ ଡି. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି**

**ପ୍ରକଳ୍ପ ପାଇଁ କଳାହାଣ୍ଡି ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ/ତଫସିଲ**

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ : ଶହୀଦ ରେଣ୍ଡୋ ମାଝୀ ସରକାରୀ ମେଡିକାଲ କଲେଜ ଓ ହସପିଟାଲ**

**ମୌଜା : ଭଙ୍ଗାବାରି, ଅଧିକୃତ ରକବା : ଏ. ୧.୩୧୭ ଡି, ଥାନା- ଭବାନୀପାଟଣା (ସଦର), ତହସିଲ : କଳାହାଣ୍ଡି, ଜିଲ୍ଲା-କଳାହାଣ୍ଡି**

| କ୍ର.ନଂ. | ଗ୍ରାମ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ଭଙ୍ଗାବାରି | ୨୮ | ୪୮୨ | ରାସ୍ତା | ୦.୧୧୦ | ୦.୧୧୦ | ଗଜ ରଣା, ପି-ନାଏକ ବୁଡା ରଣା |
| ୨ | | | ୪୮୪ | ମାଳ | ୧.୨୧୦ | ୦.୨୩୦ | |
| ୩ | | | ୪୮୫ | ରାସ୍ତା | ୦.୦୭୦ | ୦.୦୭୦ | |
| ୪ | | | ୪୮୬ | ଆଟ | ୦.୯୦୫ | ୦.୦୨୦ | |
| ୫ | | | ୬୯୧ | ରାସ୍ତା | ୦.୧୦୦ | ୦.୧୦୦ | |
| ୬ | | ୭୮ | ୪୮୧ | ଆଟ | ୦.୫୭୦ | ୦.୩୮୦ | ପରମାନନ୍ଦ ରଣା, ପି-ଧନେଶ୍ୱର ରଣା |
| ୭ | | | ୬୯୦ | ଆଟ | ୦.୨୮୦ | ୦.୦୯୦ | |
| ୮ | | ୧୩୧ | ୬୮୯ | ମାଳ | ୦.୫୨୦ | ୦.୦୨୦ | ଶେଷଦେବ ନାଏକ, ପି-ଧନେଶ୍ୱର ନାଏକ |
| ୯ | | ୧୩୪/୭୩ | ୪୮୬/୮୭୪ | ଆଟ | ୦.୦୧୦ | ୦.୦୧୦ | ପ୍ରମିଳା ରଣା, ପି-ପଦ୍ମଲୋଚନ ରଣା |
| ୧୦ | | ୧୩୪/୧୧୧ | ୪୮୬/୧୩୬୦ | ଘରବାରି | ୦.୦୪୦ | ୦.୦୪୦ | ଚିତ୍ରସେନ ରଣା, ପି- ଗଣପତି ରଣା |
| ୧୧ | | ୧୩୪/୪୫୮ | ୪୮୬/୧୫୪୬ | ଘରବାରି | ୦.୦୧୩ | ୦.୦୧୩ | ସାଲେହା ବେଗମ, ସ୍ୱା-ଲାଲ ମହମ୍ମଦ ଖାଁ |
| ୧୨ | | | ୪୮୬/୧୫୬୨ | ଘରବାରି | ୦.୦୧୪ | ୦.୦୧୪ | |
| ୧୩ | | ୧୩୪/୪୬୧ | ୬୯୦/୧୫୮୩ | ଆଟ | ୦.୧୦ | ୦.୧୧୦ | ଦୈତାରୀ ରଣା, ପି-ଧନେଶ୍ୱର ରଣା |
| ୧୪ | | ୧୩୪/୪୬୩ | ୬୯୦/୧୫୮୪ | ଆଟ | ୦.୧୧୦ | ୦.୧୧୦ | ପ୍ରେମଲାଲ ରଣା, ପି- ଧନେଶ୍ୱର ରଣା |
| | | | | | ମୋଟ | ୧.୩୧୭ | |

OIPR : 24180/14/0010/2526

**ସ୍ୱା/- ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି**

# ବୈତରଣୀ ନଦୀ ଜଳକୁ ଶୋଷୁଛନ୍ତି କମ୍ପାନୀ

କେନ୍ଦୁଝର (ରବିରାଜ): ଗ୍ରୀଷ୍ମ ଆରମ୍ଭରୁ ବୈତରଣୀ ନଦୀ ଶୁଖୁ ଆସୁଥିବାବେଳେ ଏଥିରୁ ବିଭିନ୍ନ କମ୍ପାନୀ ଚୁକ୍ତି ଉଲ୍ଲଙ୍ଘନ କରି ପାଣି ନେଉଛନ୍ତି । ଲୋକମାନେ ପିଇବା ଏବଂ ଚାଷ କରିବା ପାଇଁ ପାଣି ପାଉନଥିବାବେଳେ କମ୍ପାନୀମାନେ ଲୁହାପଥର ଗୁଣ୍ଡ ଧୋଇ ସ୍ଲରି ଯୋଗେ ପାଣି ନେଉଥିବା ଅଭିଯୋଗ ହେଉଛି । କମ୍ପାନୀମାନଙ୍କୁ କେଉଁ ସମୟରେ କେତେ ନଦୀ ଜଳ ବ୍ୟବହାର କରିପାରିବ ସେ ନେଇ ରାଜ୍ୟ ସରକାର ୱାଟର ପଲିସି କରିଥିଲେ ମଧ୍ୟ ତାହା ସଠିକ୍ ଅନୁପାଳନ ହେଉନାହିଁ । ଜଳସମ୍ପଦ ବିଭାଗ ଏହାର ସଠିକ୍ ତଦାରଖ କରୁ ନଥିବାରୁ ଖରା ଦିନରେ କଳକାରଖାନାରେ ବେଧଡକ ନଦୀଜଳ ବ୍ୟବହାର କରୁଛନ୍ତି । ଲୋକମାନେ ପିଇବାକୁ ପାଣି ପାଉନଥିବାବେଳେ ନଦୀ ଜଳକୁ ମିତ୍ତଲ କମ୍ପାନୀ ନିଜ କାମରେ ବ୍ୟବହାର କରିବାରେ ଲାଗିଛି । ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଝୁମ୍ପୁରା ବ୍ଲକ ବସନ୍ତପୁର ପଞ୍ଚାୟତ ଭାଲିଆକୁଦର ନିକଟରେ ନଦୀ ତଟରେ ଏକ ବିରାଟ ଇନଟେକ ୱେଲ କରି ନଦୀରୁ ଜଳ ଶୋଷୁଛି । ଚୁକ୍ତି ଖୁଲାପ କରି ବୈତରଣୀ ଉପରମୁଣ୍ଡରେ ପାଣି ଶୋଷିବା ଆର୍ସେଲର ମିତ୍ତଲ କମ୍ପାନୀ ବନ୍ଦ କରି ନାହିଁ । ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲି ୧୧.୭୭ କ୍ୟୁସେକ୍ ଜଳ ବ୍ୟବହାର କରିବାର ଏନ୍‌ଓସି ପାଇଥିବାବେଳେ ଖରା ଦିନରେ ବିଶେଷ କରି ମାର୍ଚ୍ଚ ' ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ନଦୀ ଜଳ ବ୍ୟବହାର ନ କରିବାକୁ ଚୁକ୍ତିରେ ଉଲ୍ଲେଖ ରହିଛି ।ମାତ୍ର ଏହି ନିୟମକୁ କମ୍ପାନୀ ଉଲ୍ଲଙ୍ଘନ କରୁଥିବା ବସନ୍ତପୁର ଗ୍ରାମବାସୀ କହିଛନ୍ତି । ନଦୀରେ ଏକ ଅସ୍ଥାୟୀ ଆଡିବନ୍ଧ କରି ନଦୀର ଜଳସ୍ରୋତକୁ ଅବରୋଧ କରି ମୋଟର ପମ୍ପ ଲଗାଇ ଇନଟେକ୍ ୱେଲକୁ ନଦୀ ଜଳ ନେଇ ୯ କିଲୋମିଟର ଦୂରରେ ଥିବା ଦୁବୁନା ସ୍ଥିତ ତାର ନିଜସ୍ କାରଖାନା ପର୍ଯ୍ୟନ୍ତ ସ୍ଲରୀ ପାଇପ ଯୋଗେ ନଦୀ ଜଳ ନେଉଛି । ବିଶେଷ କରି ରାତିରେ କମ୍ପାନୀ ନଦୀ ସ୍ରୋତକୁ ଅଟକାଇ ପାଣି ନେଉଛି ଛ ଫଳରେ ନଦୀର ତଳମୁଣ୍ଡରେ ଜଳସ୍ରୋତ କମିବାରେ ଲାଗିଛି। କମ୍ପାନୀ ସ୍ଲରି ପାଇପରେ ପାରାଦୀପକୁ ପାଣି ମିଶ୍ରିତ ଲୁହାପଥର ଗୁଣ୍ଡ ପରିବହନ ହେଉଥିବାରୁ ନଦୀର ତଳମୁଣ୍ଡରେ ଜଳସଙ୍କଟ ଦେଖାଦେଇଛି । ବୈତରଣୀ ନଦୀ ଜଳ ସହ ଲୁହାପଥର ଗୁଣ୍ଡ କେବଳ ଗୋଟିଏ ସ୍ଲରି ପାଇପରେ ୨୫୩ କିଲୋମିଟର ଯାଇ ଲୁହାପଥର ଗୁଣ୍ଡ ଛାଣି ହୋଇ ସାରିବା ପରେ ସେହି ପାଣିକୁ ପାରାଦୀପରେ ଥିବା ବେନିଫିକେସନ କାରଖାନାରେ ବ୍ୟବହାର ହେଉଛି । କିନ୍ତୁ ଆଉ ଗୋଟିଏ ପାଇପ ଦ୍ୱାରା ସେହି ଜଳକୁ କେନ୍ଦୁଝରକୁ ଫେରାଇ ଆଣିଲେ କିଛି ମାତ୍ରାରେ ଜଳସଙ୍କଟ ଦୂର ହୋଇପାରିବ ବୋଲି କହିଛନ୍ତି ଶ୍ରମିକ ନେତା ବହୁ ଜାମା। କିନ୍ତୁ ତାହା କମ୍ପାନୀ ତାହା କରିନାହିଁ ଔ କମ୍ପାନୀ ବର୍ଷା ଦିନରେ ଜଳ ଅମଳ ଏବଂ ଜଳ ସଂରକ୍ଷଣ ନ କରି କେବଳ ବୈତରଣୀ ନଦୀ ଉପରେ ବର୍ଷସାରା ନିର୍ଭର କରୁଥିବାରୁ ବୈତରଣୀରେ ଜଳ ସଙ୍କଟ ଦେଖାଦେଉଛି । କମ୍ପାନୀ ମନଇଚ୍ଛା ନଦୀ ଜଳ ବ୍ୟବହାର କରୁଥିବାରୁ ଗ୍ରୀଷ୍ମଋତୁରେ ଲୋକମାନେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତ। ନଦୀଧାର ଶୁଖିବାରେ ଲାଗିଥିବାରୁ ଜଳକଷ୍ଟ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ନଦୀ ଶୁଖିଲେ ଏହାର ଭୟଙ୍କର କୁପରିଣାମ ପରିବେଶ, ଜୀବ ଜଗତ ଓ ଜୀବନଜୀବିକା ତଥା ଜୈବ ବିବିଧତା ଉପରେ ପ୍ରତିଫଳିତ ହୋଇଛି । ସ୍ଲରି ପାଇପ ଲାଇନରେ କମ୍ପାନୀମାନେ ଲୁହାଗୁଣ୍ଡ ପରିବହନ ପାଇଁ ପାଣି ବ୍ୟବହାର କରିବା ଆଦିବାସୀ, ଜଙ୍ଗଲ, ଜମି, ନଦୀ ଓ ପ୍ରକୃତି ପ୍ରତି ଅନ୍ୟାୟ କରୁଛନ୍ତି ବୋଲି ଶ୍ରୀ ବଦ୍ରଜାମା କହିଛନ୍ତି ।ବୈତରଣୀ ନଦୀର ଜଳ ଉପରେ ଚାଷୀଙ୍କ ଅଧିକାର ରହିଛି ବୋଲି ସେ କହିଛନ୍ତି । ସ୍ଲରିରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସମୁଦ୍ର କିମ୍ବା ଅନ୍ୟ ପାଣିର ବ୍ୟବହାର କରାଯାଇପାରିବ । କିନ୍ତୁ ବୈତରଣୀ ନଦୀର ସ୍ୱଚ୍ଛ ପାଣିକୁ ପିଇବା ଏବଂ ଚାଷ ପାଇଁ ବ୍ୟବହାରରେ ଲଗା ନଯାଇ ସ୍ଲରି ଯୋଗେ ଲୁହାପଥର ଗୁଣ୍ଡ ପରିବହନରେ ବ୍ୟବହାର ହେଉଛି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।ଏହାଦ୍ୱାରା ନଦୀର ସଭ୍ୟତା ଏବଂ ସଂସ୍କୃତି ନଷ୍ଟ ହେଉଛି । ଆଗକୁ ଗ୍ରୀଷ୍ମ ପ୍ରକୋପ ବଢିବାକୁ ଥିବାବେଳେ ଏବେଠୁ ନଦୀ ଶୁଖୁଲା ପଡିବାକୁ ନେଇ ଲୋକେ ଛାନିଆ ହୋଇ ପଡିଛନ୍ତି। ବୈତରଣୀ ନଦୀରୁ ଲୋକମାନେ ଚାଷ କାର୍ଯ୍ୟ ବ୍ୟତୀତ ପିଇବା ପାଇଁ ବ୍ୟବହାର କରୁଥିଲେ । ବୈତରଣୀ ନଦୀ ଧିରେ ଧିରେ ଜଳଶୂନ୍ୟ ହେଉଥିବାରୁ ଜଙ୍ଗଲ ଜୀବଜନ୍ତୁ ମଧ୍ୟ ଏବେ ଠାରୁ ପାଣି ପାଇଁ ଗାଁ ମୁହାଁ ହେଲେଣିଛ ଚାଷ ଦୂରେ ଥାଉ, ଗୃହପାଳିତ ପ୍ରାଣୀଙ୍କ ପିଇବା ପାଇଁ ନଦୀରେ ପାଣି ମୁନ୍ଦାଏ ନଥିବାରୁ ଡହଳ ବିକଳ ହୋଇ ପଡିଛନ୍ତି ପଶୁପକ୍ଷୀ। ବୈତରଣୀ ନଦୀ ଜଳକୁ ୬ଟି କମ୍ପାନୀ ନେଉଥିବାବେଳେ ଏବେ ପୁଣି ଅନେକ ଶିଳ୍ପସଂସ୍ଥାମାନଙ୍କ ମଧ୍ୟରେ ଅଘୋଷିତ ପ୍ରତିଯୋଗିତା ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । କେନ୍ଦୁଝର ଜିଲ୍ଲାରେ ଗ୍ରୀଷ୍ମ ଋତୁ ସମେତ ଅନ୍ୟାନ୍ୟ ସମୟରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥାଏ ଛ ନଦୀ ଉପରେ ନିର୍ଭରଶୀଳ ହଜାର ହଜାର ଚାଷୀଙ୍କ ଚିନ୍ତା ବଢିଯାଇଛି ଛ ଅଧିକାଂଶ ଚାଷୀଙ୍କ ଫସଲ ପାଣି ଅଭାବରୁ ଉଜୁଡି ଯାଉଛି । ପାଣି ପାଇଁ ନଦୀ ପାର୍ଶ୍ୱର୍ବର୍ତ୍ତୀ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଦୀନାଳ ଶୁଖିଯାଇଥିବାରୁ ପାରମ୍ପରିକ କୃଷି କାର୍ଯ୍ୟ ଗୁରୁତର ପ୍ରଭାବିତ ହେଉଛି । ନଦୀ ପାର୍ଶ୍ୱରେ ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା କ୍ଷୁଦ୍ର ଚାଷୀମାନଙ୍କ ଚିନ୍ତା ବଢିଯାଇଛି । କେନ୍ଦୁଝର, ଯାଜପୁର ଏବଂ ଭଦ୍ରକ ଜିଲ୍ଲାର ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି । ନଦୀରେ ଜଳ ଶୁଷ୍କ ହୋଇଯାଇଥିବା ଯୋଗୁଁ ପାର୍ଶ୍ୱର୍ବର୍ତ୍ତୀ ଅଂଚଳର ଭୂତଳ ଜଳ କମିଯାଇଛି। ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ସାଧାରଣତଃ ନଦୀ କୂଳିଆ ଲୋକେ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି । ସ୍ନାନଠାରୁ ଆରମ୍ଭ କରି ଅନ୍ୟ ସମସ୍ତ କାର୍ଯ୍ୟ ନଦୀ ଉପରେ ନିର୍ଭର କରିଥାନ୍ତ। ଏବେ ନଦୀ ଶୁଖୁଲା ।ଯାହା ଫଳରେ ନଳକୂପ ଏବଂ କୂଅ, ପୋଖରୀ ଇତ୍ୟାଦିରେ ଜଳସ୍ତର ତଳକୁ ପଳାଇଛି । ଅନ୍ୟ ପକ୍ଷରେ ନଦୀ ଜଳକୁ ବ୍ୟବହାର କରି ନଦୀ କୂଳିଆ ଚାଷୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ କରୁଥିବାବେଳେ ଏବେ କିନ୍ତୁ ଜଳ ଅଭାବ ଯୋଗୁଁ ଚାଷରୁ ମୁହଁ ଫେରାଉଛନ୍ତି। ନଦୀ ପାର୍ଶ୍ୱରେ ଥିବା ଜମି ଏକ ପ୍ରକାର ପଡିଆ ପଡିଛି । ସେହିପରି ମତ୍ସ୍ୟଜୀବୀ ନଦୀରୁ ମାଛ ମାରି ନିଜର ପରିବାର ଭରଣ ପୋଷଣ କରୁଥିଲେ। ନଦୀ ଶୁଖିବା ଫଳରେ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଛି । ସରକାର ଏଭଳି କ୍ଷେତ୍ରରେ ନଦୀ ଓ ନାଳର ସୁରକ୍ଷା, ଜଳଧାରଣ କ୍ଷମତା ବୃଦ୍ଧି, ପ୍ରଦୂଷଣ ନିୟନ୍ତ୍ରଣ, ଅଧିକ ବୃଷ୍ଟିଜଳକୁ ବ୍ୟବହାର କରିବା ନେଇ ଦୂରଦର୍ଶୀ ଯୋଜନା ପ୍ରସ୍ତୁତ କରିବାକୁ ସେ ଦାବି କରିଛନ୍ତି । ଶାଳପଡା ବୈତରଣୀ ଡିଭିଜନର ଅଧକ୍ଷଣ ଯନ୍ତ୍ରୀ ଇଂ ଲକ୍ଷ୍ମଣ ମାରାଣ୍ଡିଙ୍କ ସହ ଯୋଗାଯୋଗ କରିବାରୁ ଏଗ୍ରିମେଣ୍ଟ ଉଲ୍ଲଙ୍ଘନ ହୋଇ ନଦୀ ଜଳ ବ୍ୟବହାର ହେଉଥିଲେ କମ୍ପାନୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

(ଶ୍ରୀମଭଗବଦ୍ ଗୀତା ୧୬/୦୩)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତିମାନିତା ।**
**ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ।।୩।।**

ଶ୍ରୀ ଭଗବାନ କହିଲେ-ହେ ଭାରତ ! ଅଭୟ, ଚିତ୍ତଶୁଦ୍ଧି, ଜ୍ଞାନଯୋଗରେ ଏକନିଷ୍ଠା, ଦାନ, ଦମ (ବାହ୍ୟେନ୍ଦ୍ରିୟସଂଯମ) ଯଜ୍ଞ, ସ୍ୱାଧ୍ୟାୟ (ବ୍ରହ୍ମଯଜ୍ଞାଦି), ତପ (ଜପଯଜ୍ଞ), ଆର୍ଜବ (ସରଳତା) ଅହିଂସା, ସତ୍ୟ, କ୍ରୋଧହୀନତା, ତ୍ୟାଗ, ଶାନ୍ତି, ଅପୈଶୁନ୍ୟ (ପରନିନ୍ଦାତ୍ୟାଗ), ଜୀବଗଣରେ ଦୟା, ଲୋଭହୀନତା, ମୃଦୁତା, ଅକାର୍ଯ୍ୟରେ ଲଜ୍ଜା, ଅଚାଞ୍ଚଲ୍ୟ, ତେଜ, କ୍ଷମା, ଧୈର୍ଯ୍ୟ, ବାହ୍ୟ ଓ ଆଭ୍ୟନ୍ତରିକ ଶୁଚି, ଦ୍ରୋହଶୂନ୍ୟତା, ନିରଭିମାନିତ୍ୱ, ଏହି ୨୬ଟି ଗୁଣ ଦୈବୀ ସମ୍ପଦ୍ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିଙ୍କର ହୋଇଥାଏ ।।୩।।

# ପାର୍ସଲ ବୋମା ବିଭୀଷିକା

**ସମ୍ପାଦକୀୟ**

ପାର୍ସଲ ବୋମା ତିଆରି କରି ଦୁଇଜଣ ନୀରିହ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ବଲାଙ୍ଗୀର ଅଞ୍ଚଳର ପୁଞ୍ଜିଲାଲ ମେହେର, ଅଧାପକଙ୍କୁ ଆଜୀବନ କାରାଦଣ୍ଡର ଆଦେଶ ଗତ ମେ ୨୮ (୨୦୨୫) ବୁଧବାରରେ ଅଦାଲତରେ ପ୍ରକାଶ ପାଇବା ଘଟଣା ସମସ୍ତ ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି । ଏ ଭଳି ଏକ ପୂର୍ବ କଳ୍ପିତ ଷଡ଼ଯନ୍ତ୍ର ଓ ହତ୍ୟାକାଣ୍ଡରେ ପୁଞ୍ଜିଲାଲକୁ ଫାଶୀ ଦଣ୍ଡାଦେଶ କାହିଁକି ନ ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି । ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ 'ଭାରତୀୟ ପିଙ୍ଗଳ କୋର୍ଡ' ବଦଳି ଯାଇ ଏବେ 'ଭାରତୀୟ ନ୍ୟାୟ ସଂହିତା' ହୋଇଛି । ଅଥଚ ଏପରି ଜଘନ୍ୟ ହତ୍ୟାକାଣ୍ଡ ଅତି ବିରଳ ହତ୍ୟାକାଣ୍ଡ ହୋଇଥିବା ସତ୍ତ୍ୱେ, ଏହା ବିରଳ ଘଟଣା ନୁହେଁ ବୋଲି ମାନ୍ୟବର ଅଦାଲତ ଦର୍ଶାଇବା, ଓଡ଼ିଶାର ଜନସାଧାରଣଙ୍କୁ କେବଳ ବ୍ୟଥିତ କରିନାହିଁ, ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିବାହର ପାଞ୍ଚଦିନ ମଧରେ ରିମାରାଣୀ ତାଙ୍କର ସ୍ୱାମୀ ସୌମ୍ୟଶେଖରଙ୍କୁ ହରାଇଲେ । ସେ ନିଜେ ମଧ ଆହତ ହେଲେ ଏହି ପାର୍ସଲ ବୋମାରେ । ତାଙ୍କ ପରିବାରର ଜଣେ ବରିଷ୍ଠ ମହିଳା ଜେମାମଣି (ଜେଜେମା') ମଧ ପ୍ରାଣ ହରାଇଲେ । ଏପରି ସ୍ପର୍ଶକାତର ଘଟଣାରେ କିପରି ଘାତକ ପୁଞ୍ଜିଲାଲକୁ ମୃତ୍ୟୁଦଣ୍ଡ ହେଲା ନାହିଁ ? ଭାରତୀୟ ନ୍ୟାୟ ସଂହିତାରେ ଏପରି ସଂଗଠିତ ଅପରାଧରେ ଦୋଷୀକୁ ମୃତ୍ୟୁଦଣ୍ଡ ମିଳିବା କଥା । କିନ୍ତୁ ମିଳିଲା ନାହିଁ । ତେଣୁ ଈଶ୍ୱର ତାଙ୍କର ପ୍ରକୃତ ଦଣ୍ଡ ବିଧାନ କରିବେ ବୋଲି ଆଶା କରାଯାଉଛି ।

ଆଇନ ବିଶେଷଜ୍ଞମାନଙ୍କ ଭାଷାରେ ଏହା ଏକ ଲୋମଟାଙ୍କୁରା ଘଟଣା ନ ଥିଲା କିମ୍ବା ଏହା ଏକ ବିରଳରୁ ବିରଳତମ ଘଟଣାରେ ଅନ୍ତର୍ଭୁକ୍ତ ହେବ ନାହିଁ ବୋଲି କୁହାଯିବା କିମ୍ବା କୌଣସି ପ୍ରତ୍ୟକ୍ଷଦର୍ଶୀ ଏହି ଘଟଣାର ସାକ୍ଷୀ ନ ଥିଲେ ବୋଲି କୁହାଯିବା ଆମ ଆଇନରେ ତ୍ରୁଟି ବୋଲି କୁହାଯାଇ ପାରିବ । ହତ୍ୟାକାରୀ ପୁଞ୍ଜିଲାଲ, ଏହି ରାୟର ଶୁଣାଣୀ ପରେ 'ମୋତେ ଫସାଇ ଦିଆଯାଇଛି' ବୋଲି କହିବା ଏକ ମିଥ୍ୟା କଥା । ଏହି ମିଥ୍ୟା ଯାହାକି ସରକାର ଓ ବିଚାର ବ୍ୟବସ୍ଥାକୁ ଚାଲେଞ୍ଜ କରିଥିଲା, ତାହା କ'ଣ ଦୋଷ ନୁହେଁ ? ଏହା ଉପରେ ଅଦାଲତ ବା ସରକାର କ'ଣ କିଛି ଅଧିକ ଦଣ୍ଡବିଧାନ କରିପାରି ନଥାନ୍ତେ ?

ଏପରି ଏକ ଷଡଯନ୍ତ୍ର ଭିଆଇଥିବା ପୁଞ୍ଜିଲାଲ ଜଘନ୍ୟ ଭାବେ ଦୁଇଜଣ ନୀରିହଙ୍କୁ ହତ୍ୟା କରିଥିଲେ ମଧ 'ଏହି ମାମଲା ବିଚାରାଳୟରେ ପ୍ରାୟ ସାତ ବର୍ଷ ଧରି ଚାଲିଥିଲା ଅଥଚ ବିଳମ୍ବରେ ମିଳିଥିବା ନ୍ୟାୟର ଅର୍ଥ କ'ଣ ଅନ୍ୟାୟ ନୁହେଁ ?ବିବାହର ପାଞ୍ଚଦିନ ପରେ ଯେଉଁ ଯୁବକ ଜଣକ କିମ୍ବା ବୟସ୍କ ମହିଳା ଜଣକ ପାର୍ସଲ ବୋମା ଯୋଗୁଁ ପ୍ରାଣ ହରାଇଲେ, ପତ୍ନୀ ମଧ ଆହତ ହେଲେ ସାରା ଓଡ଼ିଶାରେ ୨୦୧୮ ମସିହାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ମୃତକଙ୍କ ପରିବାର ଲୋକେ ଏହି ଆଜୀବନ କାରାଦଣ୍ଡ ରାୟ ଶୁଣିବା ପରେ, ସେମାନଙ୍କ ଆତ୍ମା ଶାନ୍ତି ପାଇବ ବୋଲି ପ୍ରକାଶ କରିଥିଲେ ।

ହତ୍ୟାକାରୀ ପୁଞ୍ଜିଲାଲର ଓକିଲ ମଧ ଏହି ରାୟ ଜାଣିବା ପରେ କହିଛନ୍ତି ଯେ ପୁଞ୍ଜିଲାଲ ଚାହିଁଲେ ସେ ଏପରି ଦଣ୍ଡ ବିରୋଧରେ ଉପର କୋର୍ଟରେ ଆବେଦନ କରିପାରିବ । ମାନବିକତା ଦୃଷ୍ଟିରୁ ହତ୍ୟାକାରୀ ପୁଞ୍ଜିଲାଲ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରି ଈଶ୍ୱରଙ୍କୁ କ୍ଷମା ମାଗି ପାରିଥା'ନ୍ତା । ମାତ୍ର ତା'ର କୌଣସି ଅନୁଶୋଚନାର ଲକ୍ଷଣ ମଧ ଏଥିପାଇଁ ନ ଥିଲା । ନିଜେ ଅଧକ୍ଷ ହେବାକୁ ଚାହିଁ ସେ ଏପରି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଲା । ଏହା ତାହାର ବିକୃତ ମାନସିକତା ବ୍ୟତିରେକେ ଆଉ କିଛି ନୁହେଁ । ପୁଞ୍ଜିଲାଲର ଆଜୀବନ କାରାଦଣ୍ଡାଦେଶକୁ କେତେକ ଓକିଲ କୋହଳ କରିବା ପାଇଁ ଉପର ଅଦାଲତରେ ଆବେଦନ ମଧ କରିପାରନ୍ତି । ମାତ୍ର ଏପରି ଜଣେ ହତ୍ୟାକାରୀକୁ ଓକିଲମାନେ ଅସହଯୋଗ କରିବା ଉଚିତ । ଫଳରେ ଏହାର ପ୍ରଭାବ ଆମ ସମାଜ ଉପରେ ପଡନ୍ତା ଓ ଭବିଷ୍ୟତରେ ଏପରି ଜଘନ୍ୟ କାର୍ଯ୍ୟ ଆଉ କେହି କରିବାକୁ ସାହସ କରନ୍ତେ ନାହିଁ ।

## ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଅଭୁଲା ଅତୀତ

# ସେହି ସବୁ ଦିନ ଶାନ୍ତିନିକେତନ-୨



ମନୋରମା ବିଶ୍ୱାଳ ମହାପାତ୍ର

ବିଶ୍ୱଭାରତୀ ଲାଇବ୍ରେରୀର ବିପୁଳ ଗ୍ରନ୍ଥ ଓ ପତ୍ରପତ୍ରିକାର ଭଣ୍ଡାର ଏକ ଆକର୍ଷଣୀୟ ସ୍ଥାନ ଥିଲା । ବିଭାଗୀୟ ସ୍ୱତନ୍ତ୍ର ଓଡ଼ିଆ ଗ୍ରନ୍ଥାଗାର ସହିତ ସାଧାରଣ ଗ୍ରନ୍ଥାଗାରରେ ପୂରି ରହିଥିଲା ନାନା ଭାଷାର ହଜାର ହଜାର ପୁସ୍ତକ ଓ ପତ୍ରିକା । କବି ରବୀନ୍ଦ୍ରନାଥ ବିଶ୍ୱର ବହୁ ଦେଶ ବୁଲି ଯେଉଁ ଗ୍ରନ୍ଥ ସବୁ ଆଣିଥିଲେ, ଅଥବା ଉପହାର ସ୍ୱରୂପ ପାଇଥିଲେ, ସେସବୁ ଅମୂଲ୍ୟ ଗ୍ରନ୍ଥମାନ ସେଠାରେ ସ୍ଥାନିତ ହୋଇଥିଲା । ଲାଇବ୍ରେରୀଆନ୍ ଥିଲେ ରବୀନ୍ଦ୍ର ଜୀବନୀର ବିଖ୍ୟାତ ଲେଖକ ପ୍ରଭାତ କୁମାର ମୁଖାର୍ଜୀ କେଉଁ ଗ୍ରନ୍ଥଟି ଲାଇବ୍ରେରୀରେ କେଉଁ ଥାକରେ ଅଛି, ତାହା ଥିଲା ତାଙ୍କ ନଖଦର୍ପଣରେ ! ଗ୍ରନ୍ଥ ଖୋଜିବା ଓ ପାଇବାରେ ସେ ବରାବର ଥିଲେ ଅକୃପଣ । ଲାଇବ୍ରେରୀର ବହି ଥାକ ମଝିରେ ମଝିରେ ବସିବା ସ୍ଥାନ ରହିଥିଲା । ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ ସେଠାରେ ବସି ଯେକୌଣସି ବହି ଚାହିଁବେ, ପଢ଼ି ପାରିବେ । ଛାତ୍ରଛାତ୍ରୀଙ୍କ ପକ୍ଷରେ ଲାଇବ୍ରେରୀ ବହିର ଏପରି ସହଜ ପ୍ରାପ୍ତି ଓଡ଼ିଶାର ବଡ଼ ବଡ଼ କଲେଜ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ଦେଖିବାକୁ ମିଳେନା । ସେତେବେଳେ ଲାଇବ୍ରେରୀ ମଧ୍ୟାହ୍ନ ଭୋଜନାଦି ପାଇଁ ଅଳ୍ପ କେଇ ଘଣ୍ଟା ବନ୍ଦ ରହୁଥିଲେ ହେଁ, ରିଡିଂ ରୁମ୍ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲା ରହୁଥିଲା । ରିଡିଂ ରୁମ୍‌କୁ ଓଡ଼ିଆ ପତ୍ର-ପତ୍ରିକା ସମେତ ବଙ୍ଗଳା, ହିନ୍ଦୀ ଆଦି ବିଭିନ୍ନ ଭାରତୀୟ ଭାଷାର ତଥା ଇଂରାଜୀ, ଫରାସୀ ଆଦି କେତେକ ବିଦେଶୀ ଭାଷାର ପତ୍ର-ପତ୍ରିକା ଆସୁଥିଲା ।

ବିଶ୍ୱଭାରତୀର ବିଦ୍ୟାଭବନରେ ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ବ୍ୟତୀତ ସେତେବେଳେ କଳା ଭବନରେ ବେଶି ଓଡ଼ିଆ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ସେମାନେ ସାଧାରଣତଃ ଓଡ଼ିଶା ସରକାରଙ୍କ ବୃତ୍ତି ପାଇ ସେଠାକୁ ଚିତ୍ରକଳା ଶିକ୍ଷା କରିବା ପାଇଁ ଯାଉଥିଲେ । ଆମ ରାଜ୍ୟରେ ଚିତ୍ରକଳାଦି ଶିକ୍ଷା ପାଇଁ ସେ ସମୟରେ କିଛି ସୁବିଧା ନ ଥିବାରୁ ସରକାରଙ୍କ ପକ୍ଷରୁ ଏପରି ବୃତ୍ତି ପ୍ରଦାନର ବ୍ୟବସ୍ଥା କରାଯାଇଥିଲା । ପରେ ଖଲିକୋଟ କଳା ବିଦ୍ୟାଳୟ (୧୯୫୭) ପ୍ରତିଷ୍ଠିତ ହେବାରୁ ଏ ବ୍ୟବସ୍ଥା ବନ୍ଦ ହୋଇଯାଇଛି । ତାହା ଫଳରେ କଳାଭବନକୁ ଏବେ ଆଉ ବେଶି ଛାତ୍ରଛାତ୍ରୀ ଯାଉନାହାନ୍ତି । ସେ ସମୟରେ କଳା ଭବନରେ ଶିକ୍ଷାଲାଭ କରୁଥିଲେ-ଶ୍ରୀ ରବିନାରାୟଣ ନାୟକ, ଶ୍ରୀମତୀ ଭକ୍ତିଲତା ବେହୁରିଆ, ଶ୍ରୀ ବିନୋଦ ରାଉତରାୟ, ଶ୍ରୀ ଜଗନ୍ନାଥ ଦାସ, ସ୍ୱର୍ଗୀୟ ଯଦୁନାଥ ସୂପକାର ପ୍ରମୁଖ ଶିଳ୍ପୀବୃନ୍ଦ । ସେଠାରେ ମଧ୍ୟ ଶ୍ରୀ ଅଜିତ କେଶରୀ ରାୟ, ସୋମ୍ ଦମ୍ପତ୍ତି ଗୌରାଙ୍ଗ ଓ ବୀଣା ପ୍ରମୁଖ ଏବର ଖ୍ୟାତନାମା ଶିଳ୍ପୀମାନେ ଅଧ୍ୟୟନ କରୁଥିଲେ । ସେହିପରି ସଙ୍ଗୀତ ଭବନରେ ନୃତ୍ୟ-ସଙ୍ଗୀତ ଶିଖୁଥିଲେ ଭଦ୍ରକର ବିଶିଷ୍ଟ ସଙ୍ଗୀତଜ୍ଞ ମନମୋହନ ସାବତଙ୍କ କନ୍ୟା ଶାନ୍ତିଲତା ସାବତ । ପରେ ବାରିପଦାର ବ୍ରତତୀ ମହାପାତ୍ର, ବ୍ରହ୍ମପୁରର ସରସ୍ୱତୀ ଗନ୍ତାୟତ ମଧ୍ୟ ସଙ୍ଗୀତ ଭବନରେ ଅଧ୍ୟୟନ କରିଥିଲେ । କନିକା ପ୍ରଜା ଆନ୍ଦୋଳନର ଅନ୍ୟତମ ନେତା ଶ୍ରୀ ଦିବାକର ଘଡ଼େଇଙ୍କ କନ୍ୟା ରତ୍ନମଞ୍ଜୁଳା ଘଡ଼େଇ ପାଠଭବନରେ ପଢ଼ିବା ସଂଗେ ସଂଗେ ନାଚଗୀତ ମଧ୍ୟ ଶିକ୍ଷା କରୁଥିଲେ । କବି ରବୀନ୍ଦ୍ରନାଥଙ୍କ ନୃତ୍ୟନାଟ୍ୟ ଚିତ୍ରାଙ୍ଗଦାରେ ସେ ସାଫଲ୍ୟର ସହ ଅଭିନୟ କରୁଥିଲେ ।

ଶାନ୍ତିନିକେତନ ଆଶ୍ରମର ସେତେବେଳେ ଏକ ଆକର୍ଷଣୀୟ କେନ୍ଦ୍ର ଥିଲା ସାଧାରଣ ଭୋଜନ-ଗୃହ । ସେଠାରେ ବିଶ୍ୱଭାରତୀର ପ୍ରାୟ ସମସ୍ତ ଭବନ ତଥା ବିଭାଗର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ର-ଛାତ୍ରୀଗଣ ଦିନକ ମଧ୍ୟରେ ପାଞ୍ଚଥର ଖିଆପିଆ ପାଇଁ ଏକତ୍ର ହେଉଥିଲେ । ବେଳେବେଳେ ବହିରାଗତ ବିଶ୍ୱଭାରତୀର ନିମନ୍ତ୍ରିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ସହିତ ସେହି ସାଧାରଣ ଭୋଜନ ଗୃହରେ ବସି ଏକତ୍ର ଭୋଜନ କରୁଥିଲେ । ୧୯୩୨ରୁ ୩୪ ଇନ୍ଦିରା ଗାନ୍ଧୀ ଏଠି ଛାତ୍ରୀ ଥିଲେ । ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ମଧ୍ୟ ଛାତ୍ର ଥିଲେ । ବିଶ୍ୱଭାରତୀର ଆଚାର୍ଯ୍ୟ ପଣ୍ଡିତ ନେହେରୁ କନ୍ୟା ଇନ୍ଦିରା ଗାନ୍ଧୀ ଅଧ୍ୟୟନ କରୁଥିବା ସମୟରେ ସେ ମଧ ଭୋଜନାଳୟରେ ଅନେକ ଥର ଭୋଜନ କରିଥିଲେ ।

ପ୍ରତି ଋତୁରେ 'ଋତୁ ଉତ୍ସବ' ପାଳନ କରି ପ୍ରାଚୀନ ଭାରତର କୃଷି ଓ ପଲ୍ଲୀଭିତ୍ତିକ ସଂସ୍କୃତିକୁ ଉଦ୍‌ଜୀବିତ ରଖିବାର ପରମ୍ପରା ସୃଷ୍ଟି କରାଯାଏ । ସେଠାରେ ଆରମ୍ଭ ହେଲା ଶରଦୋତ୍ସବ। ବିଭିନ୍ନ ବିଭାଗ ଓ ଭବନର ପୁଅଝିଅ ମିଶି ପ୍ରାୟ ତିନି ସପ୍ତାହ ଧରି ବହୁ ନାଟକ, ସଂଗୀତ ସମାରୋହ ଓ ନୃତ୍ୟନାଟିକା ମଞ୍ଚସ୍ଥ କରନ୍ତି । ହଳ ଚଳାଇ ଗ୍ରାମୀଣ କୃଷକ ଓ ସାନ୍ତାଳପଲ୍ଲୀର ଅଶିକ୍ଷିତ ଜନତାଙ୍କୁ ମାଟି ସହିତ ମମତା ବଢ଼ାଇବାକୁ ଆହ୍ୱାନ ଦେଉଥିଲେ । ଶୀତ ଋତୁରେ ପାଳନ ହୁଏ ପୌଷୋତ୍ସବ ଓ ମେଳା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଗୀତି ଓ ଲୋକସଂସ୍କୃତିକୁ ଉତ୍ସାହିତ କରାଯାଏ । ଧନୁଶର ଖେଳହୁଏ ସାନ୍ତାଳ ଯୁବକଙ୍କ ଭିତରେ । ବାଜେ ବାଉଲ । ଶେଷରେ ବସନ୍ତ ଋତୁରେ ପାଳିତ ହୁଏ 'ବସନ୍ତୋତ୍ସବ'। ଅଭିନୀତ ହୁଏ ଚିତ୍ରାଙ୍ଗଦା। ସକାଳୁ ଅବିର ଧରି ଧଳା ପାଇଜାମା ଓ ହଳଦିଆ କୁର୍ତ୍ତା ପିନ୍ଧି ହାତରେ ଫୁଲମାଳ ବାନ୍ଧି ପୁଅଝିଅ ସମସ୍ତେ ବସନ୍ତର ଜୟଗାନ କରନ୍ତି । 'ଆଜ ଫାଗୁନ ଲେଗେଛେ ବନେ ବନେ, ଆଜ ଆଗୁନ୍ ଲେଗେଛେ ମନେ ମନେ' ।

ଶିକ୍ଷାକୁ ଜୀବନଯାତ୍ରାର ଅଙ୍ଗ ରୂପେ ଗ୍ରହଣ କରିବା ହେଲା ଏଇ ବିଦ୍ୟାଳୟର ପ୍ରଧାନ ଲକ୍ଷ୍ୟ । ବିଶ୍ୱ ପ୍ରକୃତି ସହିତ ଏଠାରେ ଶିଶୁମାନଙ୍କର ଆନ୍ତରିକ ସଂଯୋଗ ସ୍ଥାପନ ହେଲା ସଂଗୀତ ମାଧମରେ । ପ୍ରକୃତି ସହିତ ମିଶି ଶିଶୁ ମନ ଅଧିକ ଆନନ୍ଦମୟ ହୋଇଉଠେ । ଛାତ୍ର ଓ ଶିକ୍ଷକ ମଧ୍ୟରେ ଯେଉଁ ସଂପର୍କ ତାହା କେବଳ ଶିକ୍ଷାଦାନର ସଂପର୍କ ନୁହେଁ, ଯଥାର୍ଥ ଆତ୍ମୀୟତାର ସମ୍ବନ୍ଧ ହେବା କାମ୍ୟ । ସାମାଜିକ ରୀତି ପାଳନରେ, ଅତିଥି ସେବା ଓ ଆଚାର ବ୍ୟବହାରରେ ଛାତ୍ରମାନଙ୍କର ମାର୍ଜିତ ଅଭ୍ୟାସ ଦୃଢ଼ ଭାବରେ ଗଠନ କରିବା କାମ୍ୟ । ସବୁ କାର୍ଯ୍ୟରେ ସମୟାନୁବର୍ତ୍ତିତା ଏବଂ ପୋଷାକ ପରିଚ୍ଛଦ, ଆହାର ବିହାର, ଗୃହ ପରିବେଶରେ ପରିଚ୍ଛନ୍ନତା – ସବୁ ହିଁ ଏଇ ମାର୍ଜିତ ରୁଚିର ଅଙ୍ଗ ।

**୧୯୧୨ ମସିହାରେ ଶିଳ୍ପୀ ରେଡ଼େନ୍ ଷ୍ଟାଇନ୍‌ଙ୍କ ସହାୟତାରେ କବି ରବୀନ୍ଦ୍ରନାଥଙ୍କର ଇଂରାଜୀ 'ଗୀତାଞ୍ଜଳି' ପ୍ରକାଶ ପାଇଲା । ୧୯୧୩ ମସିହାରେ କବିଙ୍କୁ ମିଳିଲା ନୋବେଲ୍ ପୁରସ୍କାର । ସମଗ୍ର ଇଉରୋପ ଏବଂ ଆମେରିକାରେ କବିଙ୍କୁ ସମ୍ବର୍ଦ୍ଧନା ଦିଆଗଲା । କିନ୍ତୁ କବି ବାରମ୍ବାର ଶାନ୍ତିନିକେତନକୁ ଫେରି ଆସୁଥିଲେ । ସେହି ସମୟରେ ଏହି କ୍ଷୁଦ୍ର ବିଦ୍ୟାଳୟଟିକୁ 'ବିଶ୍ୱ ବିଦ୍ୟା ତୀର୍ଥ ପ୍ରାଙ୍ଗଣ' ବିଶ୍ୱବିଦ୍ୟାଳୟ ରୂପ ଦେବାର କଳ୍ପନା ତାଙ୍କ ମନରେ ଜାଗ୍ରତ ହେଲା । ୧୯୨୧ ଡିସେମ୍ବରରେ ବିଶ୍ୱଭାରତୀର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଲା ଶାନ୍ତିନିକେତନର ଆମ୍ରକୁଞ୍ଜରେ । ଏହି ପ୍ରତିଷ୍ଠାନକୁ ସେ ସର୍ବସାଧାରଣଙ୍କୁ ଅର୍ପଣ କରି କବି ନିଜ କବିତା ବହିର ସ୍ୱତ୍ୱ ନୋବେଲ୍ ପୁରସ୍କାର ଅର୍ଥ, ଜମିଜମା, ଘର ସବୁକିଛି ବିଶ୍ୱଭାରତୀକୁ ଦାନ କଲେ ।**

ଆଚାର୍ଯ୍ୟ ବ୍ରଜେନ୍ଦ୍ରନାଥ କହିଥିଲେ : ଆମ୍ଭମାନଙ୍କ ଭିତରେ ବିଶ୍ୱକୁ ନ ପାଇଲେ ଆମେ ବିଶ୍ୱକୁ ପାଇ ପାରିବୁ ନାହିଁ । ତେଣୁ ବିଶ୍ୱରୂପକୁ ପ୍ରତିଷ୍ଠିତ କରି ଆମେ ଆତ୍ମପରିଚୟ ଲାଭ କରିବୁ ଏବଂ ଆମ୍ଭମାନଙ୍କର ବାଣୀ ବିଶ୍ୱକୁ ଦେବୁ । ବିଶ୍ୱଭାରତୀର ଆଦର୍ଶ ହେବ ସତ୍ୟକୁ ଉପଲବ୍ଧି କରିବା । ଏହାର ଆଦର୍ଶ ଓ ଲକ୍ଷ୍ୟ ନିଶ୍ଚିତ କରି ବୀଜମନ୍ତ୍ର ରଚିତ ହେଲା : 'ଅଥେୟଂ ବିଶ୍ୱଭାରତୀ ଯତ୍ର ବିଶ୍ୱ ଭବତ୍ୟେକନୀଡ଼ମ୍' -ବିଶ୍ୱଭାରତୀ ଏହିପରି ଏକ ସ୍ଥାନ ହେବ ଯେଉଁଠି ସମଗ୍ର ବିଶ୍ୱ ଗୋଟିଏ ନୀଡ଼ରେ ପରିଣତ ହେବ । ଏହି ଉତ୍ସବରେ କବି କହିଲେ : 'ବିଶ୍ୱଭାରତୀ ଗୋଟିଏ ପ୍ରକାଣ୍ଡ ଭାବ, କିନ୍ତୁ କ୍ଷୁଦ୍ର ଦେହ ନେଇ ଆମ ଆଶ୍ରମରେ ଉପସ୍ଥିତ ହୋଇଛୁଁ । ବିଶ୍ୱ ସହିତ ଭାରତର ଏକ ସତ୍ୟ ସମ୍ବନ୍ଧ ସ୍ଥାପନ କରିବାକୁ ହେବ । ବସ୍ତୁ ମାଧ୍ୟମରେ, ବିତ୍ତ ଓ ଶକ୍ତି ମାଧ୍ୟମରେ ଯେଉଁ ସମ୍ବନ୍ଧ ତାହା ବାହାରର ସମ୍ବନ୍ଧ । ଭାରତ ଗରିବ ଓ ପରାଧୀନ ଦେଶ । ତାହାର ସେ ବିତ୍ତ ସଂପଦ ନାହିଁ । ଯାହା ଅଛି ତାହା ହେଲା ଚିତ୍ତ ସଂପଦ । ଇତିହାସ-ବିଧାତାଙ୍କର କେଉଁ ଏକ ଗୂଢ଼ ଅଭିପ୍ରାୟରେ ଭାରତରେ ନାନା ଜାତି, ବର୍ଣ୍ଣ ଓ ଭାଷାର ସମାବେଶ ଘଟିଛି । ହିନ୍ଦୁ, ବୌଦ୍ଧ, ଜୈନ, ଶିଖ, ମୁସଲମାନ୍, ଖ୍ରୀଷ୍ଟିଆନ୍ – ଏଇ ସବୁ ନାନା ସାଧନାର ବିଚିତ୍ର ଧାରା ଆସି ମିଶିଛି ଭାରତର ମହାମାନବର ଅଖଣ୍ଡ ସମୁଦ୍ରରେ । (ଏଇ ଭାରତେର୍ ମହାମାନବେର୍ ସାଗର ତୀରେ) ମନୁଷ୍ୟର ସର୍ବାପେକ୍ଷା ବଡ଼ ପରିଚୟ ଏଇ ଯେ ସେ ସବୁକାଳର ସବୁ ଦେଶର ମଣିଷ । ପୂର୍ବ-ପଶ୍ଚିମ ନିର୍ବିଶେଷରେ ମନୁଷ୍ୟର ସତ୍ୟସାଧନା ଉପରେ ସବୁ ମନୁଷ୍ୟଙ୍କର ଜନ୍ମଗତ ଅଧିକାର । ବିଶ୍ୱ ସହିତ ଭାରତର ଏଇ ଯେ ସତ୍ୟ ସାଧନାର ଯୋଗ, ତାହାର ସାଧନା କ୍ଷେତ୍ର ହେବ ବିଶ୍ୱଭାରତୀ । ଏଠାରେ ମଣିଷ ମଣିଷଠାରୁ ବର ନେବ, ଅର୍ଘ୍ୟ ଦେବ ।' କ୍ରମଶଃ ବିଶ୍ୱଭାରତୀରେ ସମସ୍ତ ବିଦ୍ୟାର ଚର୍ଚ୍ଚା ହେବାକୁ ଲାଗିଲା। କବିଙ୍କର ଜୀବିତାବସ୍ଥାରେ ଗୋଟିକ ପରେ ଗୋଟିଏ ପ୍ରତିଷ୍ଠାନ ଗଢ଼ି ଉଠିଲା । ସେଗୁଡ଼ିକ ମଧ୍ୟରେ ବିଦ୍ୟାଭବନ (College of humanities) କଳା ଭବନ (College of fine Arts), ସଂଗୀତ ଭବନ (College of Music) ପ୍ରଧାନ । ବିଦ୍ୟାଭବନରେ ମୁଖ୍ୟତଃ ଭାରତୀୟ ଓ ବିଦେଶୀ ଭାଷା ବିଭାଗ, ଦର୍ଶନ, ଇତିହାସ, ଭୂଗୋଳ, ଅର୍ଥନୀତି ଓ ପ୍ରାଚୀନ ଭାରତ ବିଦ୍ୟା (Indology) ବିଭାଗ ଅନ୍ତର୍ଗତ ।

**ଚୀନ୍ ଦେଶ ସାହାଯ୍ୟରେ ୧୯୩୭ରେ ପ୍ରତିଷ୍ଠା ହୋଇଥିଲା ଚୀନାଭବନ । ଭାରତରେ ଚୀନ୍ ଭାଷା ସଂସ୍କୃତିର ପ୍ରବକ୍ତା ପ୍ରଫେସର ତାନ୍ ଆସି ଏଠି ଏକ ଅତି ମୂଲ୍ୟବାନ୍ ଚୀନ୍ ପାଣ୍ଡୁଲିପି ଓ ଗ୍ରନ୍ଥ ସମ୍ବଳିତ ଗ୍ରନ୍ଥାଗାର ପ୍ରତିଷ୍ଠା କରିଥିଲେ।** ପ୍ରାଚ୍ୟ ବିଦ୍ୟାର ଅଧ୍ୟୟନ ଓ ଗବେଷଣା ପାଇଁ ବହୁ ବିଖ୍ୟାତ ପଣ୍ଡିତ ଗବେଷକମାନେ ଅନେକ ସମୟରେ ଆସି ବିଭିନ୍ନ ପୋଥି ସଂପାଦନା ଓ ଗବେଷଣାରେ ଲିପ୍ତ ରହୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଫରାସୀ ଗବେଷକ ସିଲଭାନ୍ ଲେଭି, ନରୱେର ପଣ୍ଡିତ ଷ୍ଟେନ୍‌ନୋର୍, ଡକ୍ଟର ଲିମ୍, ପ୍ରଫେସର୍ ଏଫ୍. ବେନୋଟ୍, ଅଧ୍ୟାପକ ଉକିଲ୍, ଗବେଷକ ମରିସ୍ ୱିଣ୍ଟରନିଜ୍, ଅଧ୍ୟାପକ ଏଚ୍.ପି. ମୋରିସ୍, ରୁଷ୍ ଗବେଷକ ବଗଦାନଭ୍, ଇଟାଲୀୟ ଭାରତତତ୍ତ୍ୱବିତ୍ ଜୁସେପ୍ ଟୁଚି ଓ କାର୍ଲୋଫରିମିକି ପ୍ରଭୃତି । ଭାରତୀୟ ପଣ୍ଡିତଙ୍କ ଭିତରେ ସୁନୀତି କୁମାର ଚାଟାର୍ଜୀ, ସୁକୁମାର ସେନ୍, ଅଧ୍ୟାପକ ତାରାପୁରେୱାଲ୍, ରାମସ୍ୱାମୀ ଆୟେଙ୍ଗାର୍, ଆର୍.ଜି. ଭଣ୍ଡାର୍‌କର୍ ପ୍ରଭୃତି ପ୍ରାୟ ସମସ୍ତ ପ୍ରାଚ୍ୟ ବିଦ୍ୟାବିତ୍ ଶାନ୍ତିନିକେତନରେ ରହି ନିଜ ନିଜର ସାଧନାକୁ ପୁଷ୍ଟ କରିଛନ୍ତି । ବିଦ୍ୟାଭବନର ଅଧ୍ୟକ୍ଷ ଓ ଅଧ୍ୟାପକ ଭାବରେ ବିଭିନ୍ନ ସମୟରେ କାର୍ଯ୍ୟ କରିଥିବା ପ୍ରଥିତଯଶା ବ୍ୟକ୍ତିମାନଙ୍କ ମଧ୍ୟରେ ବିଧୁଶେଖର ଶାସ୍ତ୍ରୀ, କ୍ଷିତିମୋହନ ସେନ୍, ଦାର୍ଶନିକ କାଳିଦାସ ଭଟ୍ଟାଚାର୍ଯ୍ୟ, ପଣ୍ଡିତ ହଜାରୀ ପ୍ରସାଦ ଦ୍ୱିବେଦୀ, ହରିଚରଣ ବନ୍ଦୋପାଧ୍ୟାୟ, ସୁଧାକର ଚଟ୍ଟୋପାଧ୍ୟାୟ, ପ୍ରଫେସର୍ ତାନ୍-ୟୁନ୍-ସାନ୍, ଆବୁ ସୟିଦ୍ ଆୟୁବ୍, ପ୍ରବାସଜୀବନ ଚୌଧୁରୀ, ଶିଶିର କୁମାର ଘୋଷ ଓ ଓଡ଼ିଆ ବିଭାଗର ପ୍ରହଲ୍ଲାଦ ପ୍ରଧାନ ଓ କୁଞ୍ଜବିହାରୀ ଦାଶ ଅନ୍ୟତମ ଥିଲେ ।

*କ୍ରମଶଃ...*

*(ଅବଶିଷ୍ଟାଂଶ ଆସନ୍ତା କାଲି)*

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

# ପରାର୍ଥପରାୟଣ ପ୍ରଣମ୍ୟ ରବି ଲାବଣ୍ୟ



ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ

ସାଂପ୍ରତିକ ସମାଜରେ ପରୋପକାରୀ ମଣିଷ କ୍ୱଚିତ ଦେଖିବାକୁ ମିଳନ୍ତି । କୋଟିକରେ ଗୋଟିଏ ହେବେ କି କଣ । ସମସ୍ତେ ତ ସ୍ୱାର୍ଥ ସାଧନରେ ବ୍ୟସ୍ତ । ସ୍ୱାର୍ଥପର ମଣିଷଟିଏ ସମାଜସେବା, ଦେଶସେବା, ଜାତିସେବା କରିବାପାଇଁ ସବୁବେଳେ ଅସମର୍ଥ । ସ୍ୱାର୍ଥକୁ ସାରଥୀ କଲେ ଜାତି ନନ୍ଦିଘୋଷ ଆଗକୁ ଯିବା ଅସମ୍ଭବ । ଘୋଡ଼ା ମୁହଁରେ ଦାନା ପୁଳାଏ ବାନ୍ଧି ଦେଲେ, ଘୋଡ଼ାଟି ସବୁବେଳେ ଖାଇବାରେ ବ୍ୟସ୍ତ ରହିବ, ଗାଡ଼ି ଟାଣିବ କେମିତି ! ସେଇଥିପାଇଁ ଜାତିପ୍ରାଣ ମଧୁସୂଦନ ଦାସ ସେଦିନ ମନ୍ତବ୍ୟ ଦେଇଥିଲେ-

*'ଜାତି ନନ୍ଦିଘୋଷ ଚଳିବକି ଭାଇ*
*ସ୍ୱାର୍ଥକୁ ସାରଥୀ କଲେ*
*ଟାଣେ କିରେ ଗାଡ଼ି ଦାନାର ତୋବଡ଼ା*
*ଘୋଡ଼ା ମୁଖେ ବନ୍ଧା ଥିଲେ ?'*

ଆଜି ଏହି ସ୍ୱାର୍ଥପରତା ଆମ ସମାଜର ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବରେ ଠିଆ ହୋଇଛି । ଘରେ, ବାହାରେ ସବୁଠି ଏହାର ଯଥେଚ୍ଛାଚାର ଆଉ ଜୁଲମ୍ । ପ୍ରସରି ଯାଇଛି ଏହାର ଉଚ୍ଛୃଙ୍ଖଳତା ଓ ଉତ୍ପୀଡ଼ନର ଲମ୍ବା ହାତ ସବୁଆଡ଼କୁ । ମାତ୍ର ଏହି ସଂକୀର୍ଣ୍ଣ ସ୍ୱାର୍ଥପରାୟଣତାର ବହୁ ଊର୍ଦ୍ଧ୍ୱରେ ଥିଲେ ନିଃସ୍ୱାର୍ଥପର ନୀତିନିଷ୍ଠ ନିର୍ଭୀକ ପୁରୁଷ ସ୍ୱର୍ଗତ ରବି ଲାବଣ୍ୟ ।

ବାଲ୍ୟରୁ ବାର୍ଦ୍ଧକ୍ୟ ଯାଏ, ଜୀବନର ପ୍ରଶସ୍ତ ପ୍ରଲମ୍ବିତ ଯାତ୍ରାପଥରେ ସ୍ୱର୍ଗତ ଲାବଣ୍ୟ ଆଗେଇ ଚାଲିଥିଲେ ନିରନ୍ତର ନିରଳସ ପଥିକଟିଏ ପରି । ଥକି ପଡ଼ି ବସି ଯାଇନଥିଲେ କାହିଁ କେବେ କେଉଁ ଗଛ ମୂଳରେ କି ନଈ କୂଳରେ । ମୁଖ୍ୟ ଲକ୍ଷ୍ୟ ଥିଲା ସମାଜ ପାଇଁ କିଛି ଭଲ କାମ କରିବା, ଜନକଲ୍ୟାଣକର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା । ତାଙ୍କର ସଂକଳ୍ପିତ ମନ ଓ ସମର୍ପିତ ପ୍ରାଣ ଏ ଦିଗରେ ତାଙ୍କୁ ସବୁବେଳେ ସାହସ ଓ ସାମର୍ଥ୍ୟ ଆଣିଦେଉଥିଲା ଆଗକୁ ଯିବା ପାଇଁ । ପଦ୍ମୁ ପଛକେ ଯାତ୍ରା ପଥରେ ଯେତେ ପାହାଡ଼, ପର୍ବତ, ପାଚେରୀ ଓ ପାରାବାର, ସବୁ ପ୍ରତିବନ୍ଧକ ଓ ପ୍ରତିକୂଳତାକୁ ଅତିକ୍ରମ କରିବାର ଦୃଢ଼ ମାନସିକତା ତାଙ୍କର ଥିଲା ।

ତାଙ୍କର ଏହି ସେବା ଓ ସଂଗ୍ରାମୀ ମନୋଭାବର ପରିଚୟ ମିଳିଥିଲା ରେଭେନ୍ସା ଓ ଖ୍ରୀଷ୍ଟ ମହାବିଦ୍ୟାଳୟର ଛାତ୍ରସଂଘର ସଭାପତି ଥିବାବେଳେ । ପରବର୍ତ୍ତୀ ସମୟରେ ସେ ଯେତେବେଳେ ରାଜନୀତିରେ ପ୍ରବେଶ କଲେ ଜନସେବାପାଇଁ ସଂଗ୍ରାମ କରିବାର ପ୍ରତିବଦ୍ଧତା ତାଙ୍କ ଠାରେ ପ୍ରତ୍ୟକ୍ଷ ଭାବରେ ପ୍ରକାଶ ପାଇଥିଲା । ନିଜର ସୁଖ ସମୃଦ୍ଧି କଥା ସଂପୂର୍ଣ୍ଣ ଭାବରେ ଭୁଲି ଯାଇ ପରୋପକାରିତା ଉପରେ ସେ ସବୁବେଳେ ପ୍ରାଧାନ୍ୟ ଦେଉଥିଲେ । ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ଥିବାବେଳେ ଏବଂ ଧର୍ମଶାଳାର ବିଧାୟକ ଥିବାବେଳେ ଏହି ଅଂଚଳବାସୀଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସେ ସବୁପ୍ରକାର ସମ୍ଭାବ୍ୟ ପଦକ୍ଷେପ ନେଇଥିଲେ ।



ବିଧାୟକ ପଦରୁ ଯିବାପରେ ମୋ ଆୟବହିର୍ଭୂତ ସଂପତ୍ତି ସବୁ ସରକାର ନେଇଯାଉ ବୋଲି ଭିଜିଲାନ୍ସ ବିଭାଗକୁ ପତ୍ର ଲେଖି ନିଜକୁ ଜଣେ ଦୁର୍ନୀତିମୁକ୍ତ , ନିର୍ଲୋଭ ଓ ନୀତିନିଷ୍ଠ ରାଜନେତା ଭାବେ ପ୍ରମାଣିତ କରିଥିଲେ । ଉତ୍କଳ କଂଗ୍ରେସରୁ ବିଜୁ ଜନତା ଦଳ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ପ୍ରବାଦପୁରୁଷ ବିଜୁବାବୁ ଓ ତାଙ୍କ ସୁପୁତ୍ର ନବୀନ ବାବୁଙ୍କ ଦଳରେ ରହି, ଦଳ ବଦଳ ନକରି ନିଜର ମୂଲ୍ୟବୋଧ ରାଜନୀତିର ପରିଚୟ ଦେଇଥିଲେ ସେ ।

ଧର୍ମଶାଳା ବ୍ଲକ୍‌ର ମିର୍ଜାପୁରଠାରେ ଶ୍ୟାମସୁନ୍ଦର ମହିଳା ସଂଗଠନ ତାଙ୍କରି ପ୍ରଚେଷ୍ଟା ଓ ପ୍ରେରଣାରେ ଗଢ଼ି ଉଠିଥିଲା ଏବଂ ତାଙ୍କର ପ୍ରତ୍ୟକ୍ଷ ପରାମର୍ଶ ଓ ତତ୍ତ୍ୱାବଧାନରେ ମହିଳାମାନଙ୍କର ସର୍ବବିଧ କଲ୍ୟାଣକଳ୍ପେ ସକଳ କାର୍ଯ୍ୟ ସଫଳତା ସହ ସମାହିତ ହେଉଥିଲା । ସଂପ୍ରତି ଏହା ଆଗେଇ ଚାଲିଛି ଅଗ୍ରଗତି ପଥରେ । ସ୍ୱର୍ଗତ ଲାବଣ୍ୟଙ୍କୁ ହିଁ ଆଦର୍ଶ ଭାବରେ ଆଖି ଆଗରେ ରଖି ସଂଗଠନର ସଭ୍ୟାମାନେ ସବୁ କାର୍ଯ୍ୟରେ ସକ୍ରିୟ ଅଛନ୍ତି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କାଏମା ଗ୍ରାମରେ ସେ ସିଲେଇ କେନ୍ଦ୍ରଟିଏ ଖୋଲିଥିଲେ ଓ ତାହା କାର୍ଯ୍ୟକାରୀ କରାଯାଉଥିଲା ତାଙ୍କରି ନିର୍ଦ୍ଦେଶରେ । ଓଡ଼ିଶା ଖଦିବୋର୍ଡ଼ର ନିର୍ଦ୍ଦେଶକ ଥିବା ସମୟରେ ସେ ସଂପୃକ୍ତ କର୍ମଚାରୀମାନଙ୍କର ସର୍ବବିଧ ସମୃଦ୍ଧି ପାଇଁ ସବୁପ୍ରକାର ବ୍ୟବସ୍ଥା କରିଥିଲେ ।

ମିର୍ଜାପୁରର ଅରଙ୍ଗାବାଦଠାରେ ତାଙ୍କ ମାନସପ୍ରସୂତ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ଆନୁକୂଲ୍ୟରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ପାଳନ କରି ଓଡ଼ିଆ ଭାଷା, ସାହିତ୍ୟ , ସଂସ୍କୃତି, ସଂଗୀତ, କଳାର ପ୍ରଚାର ପ୍ରସାର ଓ ଜାତୀୟତାବାଦ ସୃଷ୍ଟି କରିବାରେ ରବି ଲାବଣ୍ୟଙ୍କର ଭୂମିକା ଯେ ଅନନ୍ୟ ଥିଲା- ଏହା ଅନସ୍ୱୀକାର୍ଯ୍ୟ।

ଜାରକାରେ ଫ୍ଲାଏ ଓଭର ବ୍ରିଜ୍‌ର ନିର୍ମାଣ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । ପବିତ୍ର ଗୋକର୍ଣ୍ଣେଶ୍ୱରଙ୍କ ମନ୍ଦିର ସମୀପବର୍ତ୍ତୀ ବ୍ରାହ୍ମଣୀ ନଦୀପଠାରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ପ୍ରତିଷ୍ଠା ତାଙ୍କର ଉଦ୍ୟମ ପ୍ରସୂତ । ଏ ସବୁ କାର୍ଯ୍ୟ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଧ୍ୟାନାକର୍ଷିତ କରି ତୁରନ୍ତ କାର୍ଯ୍ୟକାରୀ କରିବାର ବିହିତ ପଦକ୍ଷେପ ସେ ନେଉଥିଲେ । ଆବଶ୍ୟକ ହେଲେ ସଂପୃକ୍ତ ଶାସନ ସଚିବ ଏପରିକି ମନ୍ତ୍ରୀଙ୍କୁ ମଧ ସାକ୍ଷାତ୍ କରି ସବୁ କଥା କହୁଥିଲେ । ସବୁବେଳେ ପାଖେ ପାଖେ ରହି ତାଙ୍କୁ ସକଳ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଥିଲେ ତାଙ୍କର ସୁଯୋଗ୍ୟ ପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ । ଏବେ ବି ସେମାନେ ତାଙ୍କ ଦିବଂଗତ ବାପାଙ୍କ ସମ୍ମାନାର୍ଥେ ତାଙ୍କର ଶ୍ରଦ୍ଧୋତ୍ସବ ଓ ଜୟନ୍ତୀ ପାଳନ କରୁଛନ୍ତି ମହାସମାରୋହରେ ଐକାନ୍ତିକ ନିଷ୍ଠା ଓ ଅକୃତ୍ରିମ ଆନ୍ତରିକତାର ସହ । ଏହି ଅବସରରେ ପ୍ରକାଶ ପାଇ ଆସୁଛି 'ସ୍ୱାଭିମାନ' ଶୀର୍ଷକ ପତ୍ରିକାଟିଏ ସେହି ଦୁଇଭାଇଙ୍କ ପ୍ରଚେଷ୍ଟାରେ ।

ସ୍ୱର୍ଗତ ରବି ଲାବଣ୍ୟ ତାଙ୍କର ଅକୁଣ୍ଠ ଭଲପାଇବାର ବାସ୍ନା ବାଣ୍ଟି ଦେଉଥିଲେ ସମସ୍ତଙ୍କୁ ଦୂବରୁ ଦାରୁ ଯାଏଁ, ଭୂମିରୁ ଭୂମା ଯାଏଁ, ମୂଳିଆରୁ ମାଲିକ ଯାଏଁ, ରଙ୍କରୁ ରଜା ଯାଏଁ । କେହି ଜଣେ ସାହାଯ୍ୟାର୍ଥେ ତାଙ୍କ ପାଖରେ ପହଂଚିଲେ ସେ ତାଙ୍କୁ କେବେ ନିରାଶ କରୁ ନଥିଲେ । ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରୁଥିଲେ ଅକୁଣ୍ଠିତ ଚିତ୍ତରେ । 'ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍'- ଏହି ଆପ୍ତ ବାକ୍ୟଟି ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିବାର ପ୍ରମାଣ ମିଳି ଯାଇଥିଲା ତାଙ୍କ ପରୋପକାରିତା ଓ ପରାର୍ଥପରାୟଣତାରୁ । ଏଇଥିପାଇଁ ସେ ସମର୍ଥ ହୋଇ ପାରିଥିଲେ ସାଉଁଟିବାକୁ ଯଥେଷ୍ଟ ସୁନାମ, ସମ୍ମାନ । ପାଇପାରିଥିଲେ ପ୍ରଚୁର ପ୍ରତିଷ୍ଠା, ପ୍ରସିଦ୍ଧି ଓ ପ୍ରଶଂସା । ହୋଇପାରିଥିଲେ ସବୁରି ପ୍ରୀତିଭାଜନ, କେବଳ ଗ୍ରାମରେ ନୁହେଁ, ଧର୍ମଶାଳା ବ୍ଲକ୍‌ରେ, ଯାଜପୁର ଜିଲ୍ଲାରେ, ରାଜ୍ୟରେ, ଏପରିକି ରାଜ୍ୟ ବାହାରେ ମଧ ।

ଏଭଳି ଜଣେ ନିଃସ୍ୱାର୍ଥପର, ନିରହଂକାର ଜନ ସେବକ, ପରାର୍ଥପରାୟଣ ପ୍ରଣମ୍ୟ ପୁରୁଷ ପାଖରେ ସ୍ୱତଃ ମୁଣ୍ଡ ନଇଁ ଯାଉଥିଲା ତାଙ୍କୁ ଦେଖିଲା କ୍ଷଣି ତାଙ୍କ ଜୀବିତାବସ୍ଥାରେ । ଏବେ ମଧ ତାଙ୍କ ବହୁମୁଖୀ ପ୍ରତିଭାର ମହନୀୟତା, ତାଙ୍କ ସ୍ନେହ, ଶ୍ରଦ୍ଧା, ସଦିଚ୍ଛା, ଶୁଭେଚ୍ଛା, ଦୟା, କ୍ଷମା, ତିତିକ୍ଷା ଆଦି ସୁଗୁଣାବଳୀ ସଜଳ ସ୍ମୃତି ହୋଇ ଆମ ପାଖରେ ରହି ଯାଇଛି ଏବଂ ଆଗ ଭଳି ଆମକୁ ଅହରହ ଅନୁପ୍ରାଣିତ କରୁଛି ଆଲୋକ ପଥରେ ଆଗେଇ ଯିବାକୁ । ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ଉତ୍ସବ ଅବସରରେ ତାଙ୍କ ଅମର ଆତ୍ମାର ଶାନ୍ତି, ସଦ୍‌ଗତି କାମନା କରୁଛି ଓ ତାଙ୍କୁ ସଭକ୍ତି ପ୍ରଣାମ ଜଣାଉଛି ।

**ସାଧାରଣ ସଂପାଦକ,ଧର୍ମଶାଳା ସାହିତ୍ୟ ସମାଜ,ଜାରକା, ଯାଜପୁର**
**ମୋ-୯୪୩୭୮୭୩୨୨୧**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରୁ...

କୌଶଳର ପ୍ରୟୋଗାତ୍ମକ ଦିଗ ଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ ।

ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ପଦକ୍ଷେପ ମାନ ନିଆଯିବ । ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧୀ ଚାଷ ଆଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ଆମ ସରକାର, ରାଜ୍ୟର ଧାନଚାଷୀ ଭାଇ ଭଉଣୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ସେମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଐତିହାସିକ ପଦକ୍ଷେପ ନେଇଛନ୍ତି । ଏହା କେବଳ ସମ୍ଭବ ହୋଇପାରିଛି ଆମ ସରକାରର କୃଷକ ଭାଇଭଉଣୀମାନଙ୍କ ପାଇଁ ନୂଆ ନୂଆ ଯୋଜନା ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା ଭାବ ଯୋଗୁଁ ।

କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ, ଓଡ଼ିଶା ରାଜ୍ୟ, ଆଜି ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢ଼ିଲେ ଦେଶର ଆୟ ବଢ଼େ ।

କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁଁ ଆଜି ରାଜ୍ୟର ଅନେକ ମହିଳା ଲାଭାନ୍ୱିତ । ମହିଳାଙ୍କର ସଶକ୍ତିକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ମନ୍ତ୍ରୀ, କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସଫଳ ମାଧ୍ୟମ, କୃଷକ ମାନଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ । ଏହି ଅଭିଯାନ, ଓଡ଼ିଶାରୁ ଆରମ୍ଭ ହେଉଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପ୍ରମୁଖ ଶାସନ ସଚିବ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି, ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

ଉକ୍ତ କାର୍ଯ୍ୟକ୍ରମ ରେ ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ମଙ୍ଗିଲାଲ୍ ଜାଟ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ ।

### ଆତଙ୍କବାଦ...

ସିନ୍ଧୁ ଜଳ ଚୁକ୍ତି ସେତେଦିନ ପର୍ଯ୍ୟନ୍ତ ସ୍ଥଗିତ ରହିବ ଯେ ପର୍ଯ୍ୟନ୍ତ ସୀମାପାର ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନ ତା'ର ସମର୍ଥନ ପ୍ରତ୍ୟାହାର କରିନାହିଁ ।

### ସୁପ୍ରିମ୍‌କୋର୍ଟ...

ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଜଷ୍ଟିସ୍ ଏଏସ୍ ଚନ୍ଦୁରକର ବମ୍ବେ ହାଇକୋର୍ଟରେ ଜଜ୍ ଭାବେ କାର୍ଯ୍ୟରତ ଥିଲେ । ପ୍ରଧାନ ବିଚାରପତି ଭାବେ ବିଆର ଗଭାଇ ନିଯୁକ୍ତ ହେବାପରେ ମେ ୨୬ରେ ଅନୁଷ୍ଠିତ ୫ ଜଜ୍‌ଙ୍କ କଲେଜିୟମ୍ ବିଚାରପତିଙ୍କ ନିଯୁକ୍ତି ନିଷ୍ପତ୍ତି ନେଇଥିଲେ । ଏହି କଲେଜିୟମ୍‌ରେ ଜଷ୍ଟିସ୍ ବିଭି ନାଗରତ୍ନ ପ୍ରଥମ ଥର ଲାଗି ସାମିଲ ହୋଇଥିଲେ ।

### ୩ ମାସରେ...

କୋର୍ଟଚାଲାଣ କରାଯାଇଛି ।

ଖଣ୍ଡଗିରି ପୂର୍ବରୁ ରାଜଧାନୀ ଉପକଣ୍ଠ ରଘୁନାଥପୁରରେ ଆମ ବସ୍ ଦୁର୍ଘଟଣାରେ ରାସ୍ତା ପାର୍ ହେଉଥିବା ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା । ଖଣ୍ଡଗିରି ପରି ସେହି ନାବାଳିକାକୁ ମଧ୍ୟ କିଛି ବାଟ ବସ୍ ଘୋଷାରି ନେଇଥିଲା । ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତାରୋକ କରାଯାଇଥିଲା । ଏହିପରି ୩ ମାସ ମଧ୍ୟରେ ସହରରେ ୭ଜଣଙ୍କ ଜୀବନ ନେଲାଣି ଆମ ବସ୍ । ଆମ ବସ୍ କର୍ମଚାରୀମାନେ ଦକ୍ଷ ଓ ଅଭିଜ୍ଞ ହୋଇନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ମିଳିଥିବା ସୂଚନା ଆଧାରରେ ଭଡ଼ାଟିଆ ଦେଇ କେତେକ ଅଟୋ ଓ କାର୍ ଡ୍ରାଇଭର ମଧ୍ୟ ଆମ ବସ୍ ଚଳାଉଥିବା ଖବର ମିଳିଛି । ହେଭି ଲାଇସେନ୍ସ ପରିବର୍ତ୍ତେ ଲାଇଟ୍ ଲାଇସେନ୍ସଧାରୀଙ୍କୁ ଆମ ବସ୍ ଚଳାଇବା ସୁଯୋଗ ଦିଆଯାଉଥିବାରୁ ଦୁର୍ଘଟଣା ପରେ ଦୁର୍ଘଟଣା ଘଟିଚାଲିଛି । ୯୦ ଦିନରେ ୭୦ ଦୁର୍ଘଟଣା ଘଟିବାରୁ ପ୍ରମାଣିତ ହେଉଛି ଯେ, ଡ୍ରାଇଭରମାନେ କେତେ ଦକ୍ଷ । ୭୦ ଦୁର୍ଘଟଣାରେ ଅନେକ ଗୁରୁତର ଆହତ ହୋଇ ଅଙ୍ଗ ହରାଇଥିବା ବେଳେ ୭ଜଣଙ୍କ ଜୀବନ ଯାଇଛି ।

କେବଳ ରାଜଧାନୀ ନୁହେଁ ରାଜ୍ୟର ୮ଟି ସହରରେ ୩୭୫ଟି ଆମ ବସ୍ ଚାଲୁଛି । ସବୁଠି ଦୁର୍ଘଟଣାକୁ ନେଇ ଚାଳକଙ୍କ ଉପରେ ଲୋକମାନେ କ୍ଷୁବ୍ଧ ହେଉଛନ୍ତି । ବୁଧବାର ସତ୍ୟବାଦୀରେ ଆମ ବସ୍ ଦୁର୍ଘଟଣାରେ ୩ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ସେହି କ୍ରମରେ ଯାଉଥିବା ଆମ ବସ୍ କିଛିଦିନ ପୂର୍ବରୁ ଧଉଳି ନିକଟରେ ଦୁର୍ଘଟଣା ଘଟାଇବାରୁ ଜଣଙ୍କର ମୃତ୍ୟୁ ହୋଇଥିଲା । ଆମ ବସ୍ ଦୁର୍ଘଟଣାରେ ୮ ସହରରେ ବହୁ ମୃତାହତ ହେଉଥିବା ବେଳେ ରାଜଧାନୀ ଭୁବନେଶ୍ୱର କଥା ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଦୁର୍ଘଟଣା କମିବା ପାଇଁ କମିଶନରେଟ୍ ପୋଲିସ ଆମ ବସ୍ ଡ୍ରାଇଭରଙ୍କୁ କିଛିଦିନ ତଳେ ତାଲିମ୍ ମଧ୍ୟ ଦେଇଥିଲା । ପୋଲିସ ତାଲିମ୍ ଦେଲେ କ'ଣ ହେବ ସେମାନେ ହେଭିଲାଇସେନ୍ସଧାରୀ ହୋଇନଥିବାରୁ ସଚେତନତା କାମ ଦେଉନାହିଁ । ଆମ ବସ୍ ଡ୍ରାଇଭରଙ୍କ ପାଖରେ ୫/୩ବର୍ଷର ଅଭିଜ୍ଞତା ମଧ୍ୟ ନଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ନୂଆ ଡ୍ରାଇଭର ଗାଡ଼ି ଚଳାଇଲେ ଯେପରି ଦୁର୍ଘଟଣା ହୁଏ, ଆମ ବସ୍ ଡ୍ରାଇଭରମାନେ ସେହିପରି ଘଟଣା ଘଟାଉଛନ୍ତି ବୋଲି ଜଣେ ଅବସରପ୍ରାପ୍ତ ହେଭି ଲାଇସେନ୍ସପ୍ରାପ୍ତ ଡ୍ରାଇଭର ମତ ଦେଇଛନ୍ତି ।

### ଦୁର୍ଦ୍ଧାନ୍ତ...

୨ କି.ଗ୍ରା. ଗନ ପାଉଡର, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି ।

ଏସପି ଶ୍ରୀ ବର୍ମାଙ୍କ ସୂଚନା ପ୍ରକାରେ, ୨୮ ମେ, ୨୦୨୫ ରାତିରେ ବୈପାରୀଗୁଡ଼ା ଥାନା ଅଧୀନ ପେଟଗୁଡ଼ା ଗାଁ ନିକଟସ୍ଥ ଜଙ୍ଗଲରେ କିଛି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିଥିଲା । ଏସଡିପିଓ ଜୟପୁର ପାର୍ଥ କଶ୍ୟପଙ୍କ ନେତୃତ୍ୱରେ ଡିଭିଏଫ ଯବାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା । ଘଟଣା ସ୍ଥଳରେ ମାଓବାଦୀମାନେ ଖସି ପଳାଇବାକୁ ଉଦ୍ୟମ ଆରମ୍ଭ କରି ଡିଭିଏଫ ଟିମ ଉପରେ ଗୁଳି ଚଳାଇଥିଲେ । ଆତ୍ମରକ୍ଷା ପାଇଁ ଡିଭିଏଫ ଦଳ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ । ଘଟଣାସ୍ଥଳରୁ କିଛି ମାଓବାଦୀ ଖସି ପଳାଇଥିବା ବେଳେ ଦୁର୍ଦ୍ଧାନ୍ତ ମାଓବାଦୀ କୁଞ୍ଜାମ ହିଡମା ପୋଲିସ ହାତୁଡ଼ରେ ପଡ଼ିଯାଇଥିଲା ବୋଲି ଏସପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ରେ ଛତିଶଗଡର ଚାରମେଟା, ୨୦୨୩ରେ କୋଲେଙ୍ଗଡ଼ବା, ୨୦୨୦ରେ ଓଡ଼ିଶାର କୋଣ୍ଡାଗୁଡ଼ି, ଏବଂ ୨୦୨୧ରେ କୁମ୍ଭିଖରିରେ ହୋଇଥିବା ମାଓବାଦୀ ଘଟଣାରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିଲା । ଏହା ସହ ଓଡ଼ିଶାରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନାରେ ୪ଟି ମାମଲା, ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ୩ଟି ମାମଲା ରହିଛି । ଏହାବ୍ୟତୀତ ଏକାଧିକ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଘଟିଥିବା ଗୁଳି ବିନିମୟ ଘଟଣାରେ ହିଡମା ଜଡ଼ିତ ଥିବାର ପୋଲିସ ସୂଚନା ପାଇଛି । ମୋହନ ୨୦୦୭ ରେ ସିପିଆଇ(ମାଓବାଦୀ) ସଂଗଠନରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମାଓବାଦୀଙ୍କ ସାଂସ୍କୃତିକ ଶାଖା ବାଲ୍ ସଂଘମ୍ ଏବଂ ଜନନାଟ୍ୟ ମଣ୍ଡଳୀ (ଜେଏନଏମ) ରେ ସାମିଲ ହୋଇଥିଲେ । ୨୦୧୩ ରୁ ୨୦୧୫ ମଧ୍ୟରେ ସେ ଉତ୍ତର ଲୋକାଲ ଅର୍ଗାନାଇଜେସନ ସ୍କ୍ୱାଡ୍ (ଏଲଓଏସ) ଅଧୀନରେ ରେଞ୍ଜ ଦଳୀୟ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ ୨୦୧୬ରେ ସେ ଅନ୍ଧ୍ର-ଓଡ଼ିଶା ବର୍ଡର (ଏଓବି) ପ୍ଲାଟୁନରେ କାର୍ଯ୍ୟ କରିବା ସହ ୨୦୧୯ରେ ତାଙ୍କୁ ଏରିଏମ ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ୨୦୨୧ରୁ ୨୦୨୨ ପର୍ଯ୍ୟନ୍ତ ତାଙ୍କୁ ଏଓବି ପ୍ଲାଟୁନ୍ ସେକ୍ସନ୍ -୦୨ ରେ ନିଯୁକ୍ତି ଦିଆଯାଇଥିଲା । ୨୦୨୩ ମସିହାରେ ତାଙ୍କୁ ସୁକମା ଜିଲ୍ଲା ଅନ୍ତର୍ଗତ କେରଲାପାଲ ଅଞ୍ଚଳରେ ପ୍ଲାଟୁନ-୨୪କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ୨୦୨୪ ମସିହାରେ, ସେ ଅସ୍ଥାୟୀ ଭାବରେ ପ୍ଲାଟୁନ-୨୬କୁ ସ୍ଥାନାନ୍ତରିତ ହୋଇ ସୁକମାର ମାଲେନଗିରି ଅଞ୍ଚଳରେ କାର୍ଯ୍ୟ କରୁଥିଲେ । ସେ ୨୦୨୫ ମସିହା ମେ ମାସରେ ଏଓବିପ୍ଲାଟିନ୍‌କୁ ଫେରି ଆସି ଛତିଶଗଡ଼ର ଦକ୍ଷିଣ ବସ୍ତର ଏବଂ କେରଲାପାଲ ଅଞ୍ଚଳରେ ସୁରେଶ (ଏସଜେଡ଼ସିଏମ)ଙ୍କ ଅଧୀନରେ ଏସିଏମ ଭାବରେ କାର୍ଯ୍ୟ କରୁଥିଲେ ।

### ସିବିଆଇ...

ବେଆଇନ ସମ୍ପତ୍ତି ଠୁଳ କରିବାକୁ ନେଇ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । ସେହି ମର୍ମରେ ଖଣି ମାଲିକଙ୍କ ଘରେ ଇଡି ରେଡ୍ କରିଥିଲା । ସେହି ମାମଲାର ରଫାଦଫା ପାଇଁ ଚିନ୍ତନ ରଘୁବଂଶ ସହ ଖଣି ମାଲିକ ଆଲୋଚନା କରିବା ବେଳେ ସେ ଲାଞ୍ଚ ଦାବି କରିଥିଲେ । ସେ କହିବାନୁଯାୟୀ ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କା ଖଣି ମାଲିକ ଦେଇଥିଲେ ମଧ୍ୟ ପୁଣି ୫୦ଲକ୍ଷ ଟଙ୍କା ଦାବି କଲେ । ସିବିଆଇରେ ଖଣି ମାଲିକ ଅଭିଯୋଗ କରିବା ପରେ ଯୋଜନା ଅନୁଯାୟୀ ଗୁରୁବାର ରାତିରେ ୨୦ଲକ୍ଷ ଟଙ୍କା ଦେବାବେଳେ ସିବିଆଇ ଡେପୁଟି ଡାଇରେକ୍ଟରଙ୍କୁ ମାଡି ବସିଥିଲା । ଚିନ୍ତନ ରଘୁବଂଶୀ ୨୦୧୩ ଆଇଆର୍‌ଏସ୍ ବ୍ୟାଚ୍‌ର ଅଫିସର ବୋଲି ସୂଚନା ମିଳିଛି ।

## ଟିପିସିଓଡିଏଲ୍ ପକ୍ଷରୁ ମିସ୍‌ଡ କଲ୍ ସେବା'ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଟିପିସିଓଡିଏଲ୍ ପକ୍ଷରୁ ମିସ୍‌ଡ କଲ୍ ସେବା'ର ଶୁଭାରମ୍ଭ କରାଯାଇଛି । ଏହି (୯୧୨୨୭ ୭୪୮୧୨) ନମ୍ବର ଯୋଗେ ଉପଭୋକ୍ତାମାନେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସୂଚନା ପାଇପାରିବେ ଏବଂ ନୋ ପାୱାର ସପ୍ଲାଏ ବା ବିଦ୍ୟୁତ ଯୋଗାଣ ନଥିବା (ଏନ୍‌ପିଏସ) ଅଭିଯୋଗ ପଞ୍ଜୀକରଣ କରାଇପାରିବେ । ଏହି ସେବା ନବସୃଜନ, ପରିଚାଳନା ଉତ୍କର୍ଷ ଓ ଉନ୍ନତ ଗ୍ରାହକ ସୁବିଧା ପ୍ରତି ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି । ୧୯୧୨ ହେଲ୍ପ ଲାଇନ୍ ନମ୍ବରବ୍ୟତୀତ ଏହା ଅତିରିକ୍ତ ବିକଳ୍ପ ଭାବେ କାର୍ଯ୍ୟ କରିବ, ଯାହା ଗ୍ରାହକଙ୍କ ଅଭିଯୋଗ ପଞ୍ଜୀକରଣ ଓ ସୂଚନା ନିମନ୍ତେ ସହଜ ଓ ସୁବିଧାଜନକ ହେବ । ଏହି ମିସ୍‌ଡ କଲ୍ ସେବା ଜରିଆରେ ଗ୍ରାହକମାନେ ସହଜରେ ଟିପିସିଓଡିଏଲ୍ ଟିମ୍ ସହ ଯୋଡ଼ି ହୋଇପାରିବେ, ଯାହା ଡିଜିଟାଲ୍ ଟୁଲ୍ ବ୍ୟବହାରରେ ଉନ୍ନତ ଗ୍ରାହକ ସେବା ଦିଗରେ କାର୍ଯ୍ୟ କରିବ । ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି, ଟିପିସିଓଡିଏଲ୍‌ରେ ଆମ ପାଇଁ ଗ୍ରାହକଙ୍କ ସମୟ ଓ ବିଶ୍ୱାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମିସ୍‌ଡ କଲ୍ ସେବା ଶୁଭାରମ୍ଭ କରି ଆମେ ଆମ ଗ୍ରାହକମାନଙ୍କ ପାଇଁ କେବଳ ବିଦ୍ୟୁତ ବିଭ୍ରାଟର ସୂଚନା ଦେବା ଉପାୟର ସରଳୀକରଣ କରିନାହୁଁ ବରଂ ଆମ ପ୍ରତିକ୍ରିୟା ସମୟକୁ ମଧ୍ୟ ଅଧିକ ତ୍ୱରାନ୍ୱିତ କରିଛୁ । ଏକ ଅଧିକ ଭରସାଯୋଗ୍ୟ ଓ ପ୍ରତିକ୍ରିୟାଶୀଳ ବିଦ୍ୟୁତ୍ ବଣ୍ଟନ ନେଟ୍‌ୱର୍କପାଇଁ ଟେକ୍ନୋଲୋଜିର ବ୍ୟବହାର କରିବାରେ ଆମର ଜାରି ରହିଥିବା ପ୍ରତିବଦ୍ଧତାକୁ ଏହି ଅଭିଯାନ ପ୍ରତିଫଳିତ କରୁଛି ।'

## ଚାନ୍ଦିଖମଣ ଗାଁରେ ପହଞ୍ଚିଲା ପ୍ରଶାସନ

ଠାକୁରମୁଣ୍ଡା ,(ସବ୍ୟୁ) :ଠାକୁରମୁଣ୍ଡା ବ୍ଲକ ଚାନ୍ଦିଖମଣ ଗାଁରୁ ୪୫ ଜଣ ବୁଧବାର ବାରିପଦା ଯାଇ ଜିଲ୍ଲାପାଳଙ୍କୁ ନିଜ ଜମି ଅଧିକାର ପାଇଁ ନ୍ୟାୟ ଭିକ୍ଷା କରିବା ପରେ ଗୁରୁବାର ପ୍ରଶାସନ ଯାଇ ଚାନ୍ଦିଖମଣ ଗାଁରେ ପହଁଚିଛି । ପିଏ, ଆଇଟିଡ଼ିଏ ଚିତ୍ତରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର, ଏଏଚଓ ସୁଜନ କୁମାର ନରେନ୍ଦ୍ର, ଓରମାସ, କେଶଡିହା ସରପଞ୍ଚ ରଘୁନାଥ ନାୟକ, ଡେପୁଟି ସିଇଓ ଓରମାସ ବିମନ୍ ଏମଡି, ଜୀବନ ଜୀବିକାରୁ ମଧୁସ୍ମିତା ଭୂୟାଁ, ମନରେଗା ସଂଯୋଜକ ଜୁଲ୍ ଫୁଲର ଖାନ, ଏଇ ସୁରେନ୍ଦ୍ର ନାଥ କର , ସିଡିପିଓ ପ୍ରେମ ଲତା ସେଠୀ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପହଞ୍ଚି ସେମାନଙ୍କ ଜୀବନ ଜୀବିକା ବୃଦ୍ଧି ପାଇଁ ସହାୟତା ଯୋଗାଇବାକୁ ବ୍ୟବସ୍ଥା କରିଥିବା ସୂଚନା ଦେଇଛନ୍ତି । ଜମି ସମସ୍ୟା ସମ୍ପର୍କରେ ମୋକଦ୍ଦମା ହାଇକୋର୍ଟରେ ଥିବାରୁ କୋର୍ଟ ଯାହା ରାୟ ଦେବେ ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି । ପ୍ରକାଶଥାଉକି, ୨୦୦୦ ମସିହାରେ କେଶଡିହା ଗ୍ରାମର ଅଧିବାସୀ ଚାନ୍ଦିଖମଣ ସାହିରେ ଜଙ୍ଗଲ ସଫା କରି ଚାଷ ଜମି ତିଆରି କରିଥିଲେ ।ସେତେବେଳେ ଜଙ୍ଗଲ ବିଭାଗ ଗିରଫ କରି ୨୦ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା ।ସମ୍ପୃକ୍ତ କେଶ ୨୦୨୪ରେ ରାୟ ପ୍ରକାଶ ପାଇ ବିଜୟ ଲାଭ କରିବା ପରେ ପୁନର୍ବାର ଜମି ସଫା କରି ବସତି ସ୍ଥାପନ କରିଥିଲେ ।ସେତେବେଳେ କେଶଡିହା ଗ୍ରାମର ଚାନ୍ଦିଖମଣ ସାହିରେ ପୂର୍ବରୁ ରହି ଆସୁଥିବା ଲୋକ ଏହାକୁ ବିରୋଧ କରିଥିଲେ । କାରଣ ସେହି ଜମିର କିଛି ଅଂଶ ଚାନ୍ଦିଖମଣ ଲୋକ ଦଖଲ ଦେଖାଇ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଅଧିକାର ପତ୍ର ହାସଲ କରିଥିଲେ । ପ୍ରକୃତପକ୍ଷେ ସମ୍ପୃକ୍ତ ଜମିରେ ବିବାଦ ଥିବା ଅନେକ ସରକାରୀ ଅଧିକାରୀ ଜାଣିନଥିଲେ । ଚଞ୍ଚକତା କରି ଜମି ହାତେଇଥିବା ନେଇ କେଶରେ ଡିଗ୍ରୀ କରିଥିବା ମୁଳ ଅଧିବାସୀ ହାଇକୋର୍ଟର ଆଶ୍ରୟ ନେଇଛନ୍ତି ।ଏଣେ ଜମି ଦଖଲକୁ କେନ୍ଦ୍ର କରି ଚାନ୍ଦିଖମଣରେ ହତ୍ୟାକାଣ୍ଡ ମଧ୍ୟ ଘଟିଯାଇଛି । ଏଣେ ନିଜ ଜମିରେ ଚାଷ କରିପାରୁନଥିବା ଦର୍ଶାଇ ଚାନ୍ଦିଖମଣ ସାହିର ୪୫ ଜଣ ଲୋକ ବୁଧବାର ବାରିପଦା ଯାଇ ଅଭିନ ଉପାୟରେ ଜିଲ୍ଲାପାଳଙ୍କୁ ଦାବି ଜଣାଇଥିଲେ ।ଜମିଜମା ମାମଲା ଉଚ୍ଚ ନ୍ୟାୟାଳୟରେ ଥିବାରୁ ଚାନ୍ଦିଖମଣ ବାସୀ ନିଜସ୍ୱ ନିର୍ବିବାଦୀୟ ଜମିର ଉନ୍ନତି ସହିତ ଜୀବିକା ବିକାଶ ପାଇଁ ପ୍ରଶାସନ ପଦକ୍ଷେପ ନେଉଛି ବୋଲି ପିଏ ସୂଚନା ଦେଇଛନ୍ତି ।ଆସନ୍ତା ୩୧ ତାରିଖରେ ବ୍ଲକରେ ଗ୍ରାମବାସୀଙ୍କୁ ନେଇ ବୈଠକ ବସି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ସ୍ଥିର ହୋଇଛି ।

## ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ହେଉ : ଓୟୁଜେ

ବାଲେଶ୍ୱର,(ସବ୍ୟୁ) : ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ପ୍ରତିବାଦ ରେ ଓଡ଼ିଶା ସାମ୍ବାଦିକୟୁନିଅନ ପକ୍ଷରୁ ଆଜି ରାଜ୍ୟବ୍ୟାପୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି । ଏହି କ୍ରମରେ ଓଡ଼ିଶା ସାମ୍ବାଦିକୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବି ପ୍ରଦାନ ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସିତାଂଶୁ ଶେଖର ଦାସ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଏହି ଦାବି ପତ୍ରରେ ବଲାଙ୍ଗୀର ଜିଲ୍ଲାର ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ପ୍ରସଙ୍ଗ କୁ ଗୁରୁତ୍ୱ ଦିଆଯାଇଛି । ସାମ୍ବାଦିକଙ୍କ ଉପରେ ହେଉଥିବା ଏହି ଅମାନୁଷିକ ଆକ୍ରମଣ ଆମ ସମସ୍ତଙ୍କ ସୁରକ୍ଷା କୁ ବିପନ୍ନ କରିଛି ।ଏହି ନଗ୍ନ ଘଟଣା ରାଜ୍ୟର ଚର୍ଚ୍ଚାର ବିଷୟ ବସ୍ତୁ ହୋଇଥିବା ବେଳେ ସବୁ ମହଲରେ ପ୍ରତିବାଦ ଓ ନିନ୍ଦା କରାଯାଇଛି ।ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ଓୟୁଜେ ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଯାଇଥିବା ସଂଘର ପ୍ରତିନିଧି ଦଳରେ କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ,ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି,କହ୍ନେଇ ଚରଣ ପ୍ରଧାନ,ଚିତ୍ତ ରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


**AFFIDAVIT**

By virtue of an affidavit sworn before The Executive Magistrate, Angul, dated 29.05.2025, I, **Devashish Mishra**, aged about 48, S/o- Late Banshidhar Mishra, At/ P.O.: Mohanpur, Via: Binjharpur, Dist.: Kendrapara- 755004, Odisha, declare that I have changed my name from **Dinabandhu Mishra** to **Devashish Mishra**, Henceforth, I shall be known as **Devashish Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Angul, dated 29.05.2025, I, **Bijayaa Manjari Mishra, aged about 44, W/o- Dinabandhu Mishra, At/P.O.:** Mohanpur, Via: Binjharpur, Dist.: Kendrapara- 755004, Odisha, declare that I have changed my name from **Bijaya Manjari Mishra to Bijayaa Manjari Mishra,** Henceforth, I shall be known as **Bijayaa Manjari Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Angul, dated 29.05.2025, I, **Dinabandhu Mishra,** aged about 48, S/o- Late Banshidhar Mishra, At/P.O.: Mohanpur, Via: Binjharpur, Dist.: Kendrapara- 755004, Odisha, declare that I have changed my daughter from **Prangya Priyadarshini Mishra** to **Deetya Mishra,** Henceforth, I shall be known as **Deetya Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Angul, dated 29.05.2025, I, **Bhavya Mishra,** aged about 19years, D/o- Dinabandhu Mishra, At/P.O.: Mohanpur, Via: Binjharpur, Dist.: Kendrapara- 755004, Odisha, declare that I have changed my name from **Priyanka Priyadarshini Mishra** to **Bhavya Mishra,** Henceforth, I shall be known as **Bhavya Mishra** for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar dated. 28.05.25. I Muralidhar Malik resident of At/Po-Barada, PS/Via-Balichandrapur, District - Jajapur, Odisha, Pin-754205 declare that I have changed the name of my son from Dakshyaprakash Malik to Dakshyaprasad Malik. Henceforth he shall be known as Dakshyaprasad Malik for all purposes.

(Muralidhar Malik)

**AFFIDAVIT**

I ASHOK KUMAR SWAIN, S/O-DURYODHAN SWAIN, AT-PLOT NO-12/B, SATYA NAGAR, PS-SAHID NAGAR BHUBANESWAR - 751007, KHORDA, ODISHA DECLARE BY THIS AFFIDAVIT NO-12616 DATED - 28.05.2025 THAT NOW ONWARDS I SHALL BE KNOWN AS ASHOK SWAIN FOR ALL FUTURE PURPOSES.

**LOST**

By virtue of an affidavit before the Notary Public, Bhadrak, I **Smt. Saikamini Jena, Aged about 40 years, W/o: Debasis Jena, D/o: Bamadeb Jena, Caste: Khandayata, At: OR No.: E/07, Baramunda H.B. Colony, near Siba Temple, Bhubaneswar, Dist.: Khurda, PIN- 751003, Aadhar No.: 3438 0018 5873, at present Bonth Chhak, C/o: House owner, Nityananda Sir, Advocate, Po: Bhadrak, Ps: Bhadrak, (R), Dist.: Bhadrak, Odisha. I am the permanent inhabitant of as above noted address. Declared that, I have one original Sale Deed bearing Regd. No.: 3370 and Vol. No.: 232303375, dtd: 15.09.2023 has been missed from Bonth Chhak to Bhadrak Tahasil Office. I am trying and searching but I could not find out of the said original sale deed. If anyone find please return to me in above address, Contact No.: 8926053886, 9438734941**

**AFFIDAVIT**

I RAJ KISHOR BISWAL, S/O SAVAN CHANDRA BISWAL, AT-PLOT NO-44, NEAR EAST POINT PUBLIC SCHOOL, PO-RASULGARH, PS-SAHID NAGAR BHUBANESWAR - 751010, KHORDA, ODISHA DECLARE BY THIS AFFIDAVIT NO-12489 DATED - 27.05.2025 THAT NOW ONWARDS I SHALL BE KNOWN AS **RAJ KISHORE BISWAL** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Kendrapara, No-69AA845312, dated on 31.01.2025, I Smt. Namita Palai, W/o- Prafulla Palai, Vill/Po-Keyar Bank, Ps-Mahakalapada, Dist - Kendrapara, Pin-754224, do hereby solemnly affirm that in my daughters Adhar Card No. 485151839629, it has been wrongly mentioned as Nena Palai instead of Naina Palai, the above name Naina Palai and Nena Palai is one and same person. Henceforth she will be known as Naina Palai for all future.

Sd/- Namita Palai

**AFFIDAVIT**

By virtue of an affidavit sworn before Executive Magistrate, Cuttack, dated. 28th May 2025 I, PRADEEPTA KUMAR BEURA Address : R/O- SAILO, PO-RAHAMA, PS-TIRTOL, DIST-JAGATSINGHPUR, PIN-754140, Odisha declare that I have changed my son's name from S.B. SAI PRATYUSH BEURA to SAI PRATYUSH BEURA. Henceforth, he shall be known as SAI PRATYUSH BEURA for all purposes.

Sd/- (PRADEEPTA KUMAR BEURA)



**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. eT-M-ROH-PRDP-303-2025

କାର୍ଯ୍ୟର ନାମ : ଏକ ବର୍ଷ ସମୟାବଧି ନିମନ୍ତେ ROH ସେଡ୍, ପାରାଦୀପଠାରେ ନିୟମିତ ଓଭରହଲିଙ୍ଗ (Routine Overhauling) ସମୟରେ ୱାଗନଗୁଡ଼ିକର ମରାମତି ଏବଂ ପାରାଦୀପଠାରେ ସିକ୍ (Sick) ୱାଗନଗୁଡ଼ିକର ମରାମତି ସ୍ଥଳରେ ଉପସ୍ଥିତ ହେବା ।

ବିଜ୍ଞାପିତ ମୂଲ୍ୟ : ₹ 9,20,89,949.19, EMD : ₹ 6,10,500/-, ଶେଷ ହେବା ଅବଧି: 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା. 06.06.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2025ରିଖ 1530 ଘଣ୍ଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଛେ ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ୍

PR-178/O/25-26



**ଦ.ପୂ. ରେଳପଥ-ଟେଣ୍ଡର**

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନ ମତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଉନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. , ଟେଣ୍ଡର ନୋଟିସ୍ ନଂ, ଓ କାର୍ଯ୍ୟର ନାମ ନିମ୍ନରେ ଦିଆଯାଇଛି : ୧. ସିକେପି-ଟି-୨୦୦-ଆରସିଟେଲ୍ । ଚକ୍ରଧରପୁର ଡିଭିଜନରେ ରାଞ୍ଚି ୟାର୍ଡର ଉଭୟ ପଟରେ ଅତିରିକ୍ତ ପୂର୍ଣ୍ଣ ଦୀର୍ଘତାର ଲୋଡିଂ ଲାଇନ୍ ଏବଂ ସର୍କି ଟେଣ୍ଡର ସଂପ୍ରସାରଣ କାର୍ଯ୍ୟ ସକାଶେ ଓଏଚଇ/ପିଏସଆଇ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୧,୯୪,୧୨,୯୬୯.୪୧/- । ଇଏମଡି : ଟ. ୨,୪୭,୧୦୦/- । ୨. ସିକେପି-ଟି-୨୦୦-୦୫-ଙ୍କ ଏଟି । ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ୦୫ଟି ଏଲ୍‌ସି ଗେଟ୍ ଥାଇ ନିର୍ଦ୍ଦିଷ୍ଟ ଠାରୁ ବୃହତ୍ତର ୫୦୦୦୦ (ଏଲ୍‌ସି ନଂ. ଜିକେ-୩ (ସମାରିଆ-ତୀରଲାଲପୁର), ଟିଡି-୨ (ଟାଟାନଗର-ହାଲୁଦପୁକୁର) ଟିଡି-୫ (ଟାଟାନଗର-ହାଲୁଦପୁକୁର), ଟିଡି-୧୮ (ହାଲୁଦପୁକୁର-ବହଲଦା) ଏବଂ ଟିଡି-୫୩ (ରାଇରଙ୍ଗପୁର-ବୁଙ୍କଡିହା) ର ଇଣ୍ଟରଲକିଂ ସକାଶେ ସହାୟକ ଟ୍ରାନ୍ସଫର୍ମର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୧୯,୫୭,୩୯୩.୫୦ । ଇଏମଡି : ଟ. ୩୯,୨୦୦/- । ୩. ସିକେପି-ଟି-୬୬୨-ଏମସିଏଲ୍-ସାଇଡିଂ ମେଣ୍ଟେନାନ୍ସ । ଚକ୍ରଧରପୁର ଡିଭିଜନର ଝାରସୁଗୁଡ଼ା-ସରଡେଗା ସେକ୍ସନରେ ତିନି ବର୍ଷ ଲାଗି ଡେନେନ ୪୬.୧୦୬ କି.ମି.କୁ ସରଡେଗା ହେଡ୍ ଏଣ୍ଡ ଏମଏଫ୍‌ଏସରେ ଏମସିଏଲ୍ ସାଇଡିଂ ପର୍ଯ୍ୟନ୍ତ ଓଏଚଇ ରକ୍ଷଣାବେକ୍ଷଣ । ଟେଣ୍ଡର ମୂଲ୍ୟ : ଟ. ୮୨,୧୧,୭୦୯.୦୨ । ଇଏମଡି : ଟ. ୧,୬୪,୨୦୦/- । ସମାପ୍ତି ସମୟ : କ୍ର.ନଂ. ୧ ପାଇଁ ୧୮ ମାସ, କ୍ର.ନଂ. ୨ ପାଇଁ ୦୯ ମାସ ଏବଂ କ୍ର.ନଂ. ୩ ପାଇଁ ୩୬ ମାସ । ଇ-ଟେଣ୍ଡର ଖୋଲା ସ୍ଥାନ : ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୦.୦୬.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ ଓ ସମୟ : ୨୦.୦୬.୨୦୨୫ ଅପରାହ୍ନ ୧୫.୩୦ ଘଟିକା । ୱେବସାଇଟ http://www.ireps.gov.in ରେ ଇ-ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଅପଲୋଡ ହୋଇଥିବା ଆବଶ୍ୟକ । (PR-214)



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGPUR**
**UMERKOTE** E-mail:- eerwukt@gmail.com

O-222

**TENDER CANCELLATION NOTICE**

**No : 2054 Date : 28.05.2025**

The Tender Call Notice No. 01/RWD-UKT/2025-26 Dated : 02.04.2025 is hereby cancelled due to technical reasons.

Sd/- Executive Engineer
Rural Works Division-II
Nabarangpur, Umerkote

OIPR : 25103/11/0018/2526



**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, AT/POST BALIMELA. DIST. MALKANGIRI. PIN-764051 (ODISHA)
E-mail: unit head_balimela@yahoo.com/bhep-balimela@gmail.com

CAD-570

'e'-Procurement Notice

NOTICE INVITING TENDER NO. BHEP/16 /2025-26 DATED. 28.05.2025

The Unit Head, Balimela Hydro Electric Project, Balimela, Dist- Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price bid) for the work through e-procurement from eligible contractors as detailed in the table below.

| Sl. No. | Name of the Work | Approx. Estimated Cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| | Replacement of old GCI sheets of Sub-Division and Section office, 05 nos. store room including painting of switchyard control room, new switch gear building, store rooms and Lavatory room and some repair work of store and lavatory room at Switchyard, BHEP, Balimela | 9,24,236.00 | 9,500.00 | 'C & D' class Civil Contractors registered with the state Govt./Central Govt./MES/ Railways | 4,000/- + GST @ 18% = 4,720/- | 90 days |

Availability of bid document in the portal: From 10:00 Hrs of 31.05.2025 to 11.06.2025 (Up to 12:00 Hrs)
Last date & time of submission of bid Up to 12:00 Hrs of 11.06.2025
The date & Time of opening of the bid: 12:00 Hrs onwards of 12.06.2025 (Only Technical bid)
Further details can be seen from the e-procurement portal https/tendersodisha.gov in

OIPR : 04019/11/0093/2526 Unit Head, BHEP, Balimela



**GOVERNMENT OF ODISHA** Mail ID : - sepwdbalangir@gmail.com
**OFFICE OF THE CONSTRUCTION ENGINEER, BALANGIR (R&B) CIRCLE : BALANGIR**
**e-Procurement Notice**

B-152

**BID IDENTIFICATION No : CEE/(R&B) BGR/03/2025-26**
**Letter No. 998 // Dtd. 23.05.2025**

The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from "B" "A" & "Special" Class Contractors registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of work : Building work
2. No. of tender : Building work-3 Nos.
3. Tender Cost : Rs. 10,000/-
4. Class of Contractor : "B" "A" & "Special" Class
5. Date & Time of sale & Receipt of Bids : From Dt. 05.06.2025, 05.00 P.M. to Dt. 19.06.2025 upto 05.00 P.M.
6. Date of opening Bid : Dt. 20.06.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website : **http://tendersorissa.gov.in.** All future corrigendum will be available on ONLINE MODE only.

Sd/- Chief Construction Engineer,
Balangir (R&B) Circle, Balangir

OIPR : 34131/11/0011/2526



**DISTRICT PROJECT OFFICE**
**SAMAGRA SHIKSHA (S.S.), MALKANGIRI-764048**

Ph. (06861-230481 (Off)
E-mail : dpcmalkanssa.opepa@nic.in
stc-malkangiri@gmail.com

Letter No. 2255/Civil/2025 Date : 29.05.2025

**TENDER CALL NOTICE**

n-53 : Sealed tender in the prescribed form to be eventually drawn-up in PWD Form P-1 Percentage Rate Bids (Double cover system) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of Building works as mentioned below from eligible Contractors registered with the State Government and contractor of equivalent grade/class registered with Central Government/MES/Railways, having registration for Civil works on production of definite proof from the appropriate authority. The detailed of the works are available in the Website **https://malkangiri.odisha.gov.in** and Office Notice Board.

| | |
|---|---|
| Name of Work | Construction of Residential School Building & Residential KGBV Hostel Building of Malkangiri District under Samagra Shiksha 2024-25 |
| No. of Works | 09 Nos (Nine) Nos |
| Estimated Cost | As laid down in the DTCN |
| Amount put to Tender | As laid down in the DTCN |
| Tender Paper cost | As laid down in the DTCN |
| E.M.D Amount Required | 1% of the Amount put to tender (As laid down in the DTCN) |
| Period of completion | As laid down in the DTCN for each work |
| Date of sale of Tender papers | The Bid documents can be downloaded from the Govt. Web site https://malkangiri .odisha.gov.in only from 30.05.2025 to 16.06.2025 |
| Date of receipt of Tender paper | From 30.05.2025 to 16.06.2025 uo to 5.00 PM (in working days) through Registered Post/ Speed Post only. No tender paper will receive by hand or Courier services |
| Date of opening of Tender papers | At 11.00 A.M on 18.06.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

N.B - If the last date of sale receipt of tender paper turns out be a holiday, it will automatically be extended to next working day. The amendment in safe of corrigendum / addendum will be notified on website https:// malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

By order of Collector
Sd/- District Project Coordinator
Samagra Shiksha, Malkangiri

OIPR : 27141/11/0007/2526



**Government of Odisha**
**"e" procurement Notice**
**Bid Identification No. FE & CC-DFO(T) KJR-01/2025-26**
**No. 216 Dt. 28.05.2025**

MM-60

**e-mail : dfo.keonjhar@odisha.gov.in**

1. No. of the work : 17 Nos. Waterbody (Pond)
2. Estimated Csot : From Rs. 9.42 lakh to Rs. 7.50 Lakh
3. Period of Completion : 3 (Three) Calendar Months.
4. Date and Time of availability of Bid document in the portal : From 10.00 Hour of 02.06.2025 to 17.00 Hour of 11.06.2025
5. Last date / Time for receipt of bids in the portal : 17.00 Hour of 11.06.2025 10.00 Hour of 12.06.2025
6. Date of opening of Bid from Portal : 10.00 Hour of 12.06.2025
7. Name and address of the officer inviting Bid : Divisional Forest Officer, Keonjhar Division, Keonjhar

Further details can be seen from the e-procurement portal "**http://tendersodisha.gov.in**"

Sd/- Divisional Forest Officer
Keonjhar Division

OIPR : 08042/11/0037/2526



**ପୌର ପରିଷଦ କାର୍ଯ୍ୟାଳୟ : ବ୍ରଜରାଜନଗର**
**OFFICE OF MUNICIPAL COUNCIL: BRAJRAJNAGAR**
At/Po- Lamtibahal Dist- Jharsuguda, Odisha
Phone No- 8457812260, Mail- eobrjnmpl@gmail.com
Letter No. 2309 / BM. Dt. 28.05.2025

C-411

**Request for Proposal**

Brajrajnagar Municipality proposes to undertake "Road sweeping, cleaning of drains, bush cutting in Zone-2 and transportation of road sweeping waste to Identified site/Wealth Centre located within 08 K.M. radius distance from the town under Brajrajnagar Municipality & land filling".

Proposals are invited to conduct the assignment and submit the deliverables from the intending bidders who are sincere and dedicated in sanitation service having eligibility criteria as mentioned in detailed bid documents for the execution of work. The details may be accessed and the EOI/Application forms can be downloaded from the website https://jharsuguda.odisha.gov.in and http://brajrajnagarmunicipality.in/

The completed application as per the instructions in the EOI document, should reach the following address by Speed Post/ Registered Post/ by hand only by 5 pm on 17.06.2025.

Brajrajnagar Municipality reserves the sole right to accept or reject any or all proposals without assigning any reason whatsoever.

Sd/- Executive Officer
Brajrajnagar Municipality

OIPR : 13099/11/0054/2526

### ସରକାରୀ ନିଯୁକ୍ତି କ୍ଷେତ୍ରରେ ବୟସସୀମା ୪୨କୁ ବୃଦ୍ଧି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲେ ଯୁବ ସଙ୍ଗଠନ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ଅତିଥି ଭବନ ଠାରେ ଗୁରୁବାର ରାଜ୍ୟର ବିଭିନ୍ନ ଛାତ୍ର ଓ ଯୁବ ସଂଗଠନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଭିନ୍ନ ସରକାରୀ ପଦପଦବୀରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ପୂର୍ବରୁ ୩୨ ଥିବାବେଳେ, ଗତକାଲି କ୍ୟାବିନେଟରେ ଏହାକୁ ୪୨କୁ ବୃଦ୍ଧି କରାଯାଇଛି । କେବଳ ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ଇତ୍ୟାଦି ୟୁନିଫର୍ମ ସେବା (ଯେଉଁଠାରେ ଶାରୀରିକ ଦକ୍ଷତା ପରୀକ୍ଷା ଆବଶ୍ୟକ) କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ, ମହିଳା, ଭିନ୍ନକ୍ଷମ ବ୍ୟକ୍ତି ଓ ଅବସରପ୍ରାପ୍ତ ସେନିକଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ



ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସସୀମା କୋହଳ ହେବ । ପୂର୍ବରୁ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁଦିନରୁ ଦାବି ହୋଇ ଆସୁଥିଲା । କିନ୍ତୁ ପୂର୍ବ ସରକାର ଏହି ଦାବିକୁ ପୂରଣ କରି ନ ଥିଲେ । ଏକ ବର୍ଷ ପୂର୍ତ୍ତି ପୂର୍ବରୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି । ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ଓ ସଂଘର୍ଷକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ଯୁବ ବର୍ଗର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା ନିକଟସ୍ଥ ଆଡ଼ିଆ ପଂଚାୟତ କାର୍ଯ୍ୟାଳୟ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଭଦ୍ରକ,ରାଣୀତାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସଂଜୟ ମହାନ୍ତି,ଭୁବନେଶ୍ୱରସ୍ଥିତ ସିଆଇଡବ୍ଲ୍ୟୁଏ ବୈଜ୍ଞାନିକ ତନୁଜା ସୋମାରଂଜନ,ବନ ବିଜ୍ଞାନୀ ଡଃ.ଗୟାଧର ଶିଅଳ,ବିଡିଓ ସୀତାକାନ୍ତ ରାଉତ,ବନ୍ତ ବିଏଓ ତୁଷାରକାନ୍ତ ପତି,ଏଓ ବଳଭଦ୍ର ବାଡ଼ା,ଏଏଓ ସୁପ୍ରିୟା ମୁଦୁଲି,ଏଏଇଚଓ ପାୟଲ ଚୌଧୁରୀ,ଏଏଫଓ ଗୀତାଞ୍ଜଳୀ ବେହେରା,ସରପଂଚ ମୀନା କୁମାରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବଶଙ୍କର ମୁର୍ମୁ,ତପନ ସେଠୀ,ବିଦ୍ୟାଧର ସେଠୀ,ଦିପ୍ତି ରଂଜନ ନାୟକ,ଚିନ୍ମୟୀ ଜେନା,ନୀଳକଣ୍ଠ ବାରିକ,ମଦନ ମୋହନ ରାଉତ,ତାପସ ବେହେରା,ଅମ୍ଳାନ ମଲ୍ଲିକ,ସୁଭାଷ ଦାଶ ପ୍ରମୁଖ କୃଷି କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ସଂପାଦନ କରିଥିଲେ।

### ଉତ୍କଳ ହସ୍ପିଟାଲ ପକ୍ଷରୁ

## ଟୁ ମିନିଟ୍ ଆକ୍ସନ ଫର ଓରାଲ କ୍ୟାନସର ପ୍ରୋଟେକ୍ସନ କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ହସ୍ପିଟାଲ ପକ୍ଷରୁ ମର୍କ ସ୍ପେଶିଆଲିଟିଜ୍ ପ୍ରାଇଭେଟ ଲିମିଟେଡ ସହ ସହଭାଗିତାରେ ବିଶ୍ୱ ତମ୍ବାଖୁ ନିଷେଧ ଦିବସ ଅବସରରେ ହାସ୍ୟାଗ ଆକ୍ଟଏଗେନ୍ଷ୍ଟଓରାଲକ୍ୟାନସର ସହିତ 'ଟୁ-ମିନିଟ ଆକ୍ସନ ଫର୍ ଓରାଲ କ୍ୟାନ୍ସର ପ୍ରୋଟେକ୍ସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି । ଏହି ଜାତୀୟସ୍ତରୀୟ ପ୍ରୟାସ ଲୋକମାନଙ୍କୁ ଦର୍ପଣର ବ୍ୟବହାର କରି ନିଜ ପାଟିର ଏକ ସ୍ୱ-ପରୀକ୍ଷଣ କରିବା ପାଇଁ ପ୍ରୋତ୍ସାହିତ କରି ଚିନ୍ତାଜନକ ଭାବେ ବୃଦ୍ଧି ପାଉଥିବା ମୁଖ କର୍କଟ ମାମଲାର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ୟାମ୍ପେନ ମାଧ୍ୟମରେ ବିଶେଷଜ୍ଞମାନେ ଲୋକମାନଙ୍କୁ ପାଟିରେ ଧଳା କିମ୍ବା ଲାଲ ଦାଗ, ଶୁଖୁ ନଥିବା ଅଲ୍ସର କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ, ଲଗାତାର ଫୁଲା କିମ୍ବା ସ୍ୱର ପରିବର୍ତନ ଭଳି ଚେତାବନୀପୂର୍ଣ୍ଣ ସଙ୍କେତଗୁଡିକୁ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ ହସ୍ପିଟାଲ



ଯାଉଥିବା ରୋଗୀମାନେ ଏହି ସ୍ୱ-ପରୀକ୍ଷଣ କରିପାରିବେ ଯେଉଁଠାରେ ଦର୍ପଣଗୁଡିକୁ ହସ୍ପିଟାଲର ଅପେକ୍ଷା ସ୍ଥାନରେ ଚିନ୍ତାଶୀଳ ଭାବେ ସ୍ଥାପନ କରାଯାଇଛି। ଏହି କ୍ୟାମ୍ପେନର ଶୁଭାରମ୍ଭ ଅବସରରେ ରେଡିଏଶନ ଅଙ୍କୋଲୋଜି ବିଭାଗର ଡାଇରେକ୍ଟର ଓ ସିନିୟର କନ୍ସଲ୍ଟାଣ୍ଟ ଡା. ସୀବ କୁମାର ମିଶ୍ର, ମେଡିକାଲ ଅଙ୍କୋଲୋଜି ଆଣ୍ଡ ବିଏମ୍‌ଟିର କନ୍ସଲ୍ଟାଂଟ ଡା. ଚିନ୍ମୟ କୁମାର ପାଣି, ରେଡିଏଶନ ଅଙ୍କୋଲୋଜି- ଡାଇରେକ୍ଟର ଓ ସିନିୟର କନ୍ସଲଟାଣ୍ଟ ଡଃ. ସୟ କୁମାର ମିଶ୍ର ଏବଂ ମେଡିକାଲ ଷ୍ଟାଫମାନେ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ କେଲୁ ପଣ୍ଡାଙ୍କ ପରଲୋକ

ବନ୍ତ,(ସବ୍ୟୁ):ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସାହାଡାଗଡିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କେଲୁ ଚରଣ ପଣ୍ଡା(୮୦)ଙ୍କର ମଙ୍ଗଳବାର ପରଲୋକ ଘଟିଛି । ଗତ ୪ ଦିନ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ କଟକ ବଡ ମେଡିକାଲ ନିଆଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ର ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପରେ ତାଙ୍କ ମରଶରୀରକୁ ଶୋଭା ଯାତ୍ରାରେ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା । ମଧ୍ୟମ ପୁତ୍ର ବଳରାମ ମୁଖାଗ୍ନି ଦେଇଥିଲେ । ସେ କେନ୍ଦୁଝର ଜିଲା ହାଟଡିହି ବ୍ଲକ ବଞ୍ଚୋସ୍ଥିତ ବରାହୀ ଉଚ୍ଚ ବିଦ୍ୟାଳୟରେ ୧୯୭୨ ମସିହା ଠାରୁ ୨୦୦୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ଧରି ଚାକିରୀ ଜୀବନ ଅତିବାହିତ କରିଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ ଓ ଆଧ୍ୟାତ୍ମିକବାଦୀ ଶିକ୍ଷକ ଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସାହୁଙ୍କୁ ଦୁର୍ବ୍ୟବହାର ଘଟଣା

## ପୁରୀଘାଟ ଥାନାରେ ମାମଲା: ତଦନ୍ତ ଆରମ୍ଭ

କଟକ,(ସବ୍ୟୁ): ପୁରୀଘାଟ ଥାନା ଅନ୍ତର୍ଗତ ସିଏମ୍‌ସି ନିଗମ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସାହୁ'ଙ୍କୁ ଦୁର୍ବ୍ୟବହାର ଘଟଣାରେ ପୁରୀଘାଟ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିଏନଏସଏର ଦଫା ୨୯୬, ୩୫୧(୩), ୩(୫), ୧୩୮ରେ ମାମଲା(କେସ୍ ନଂ ୧୯୨) ରୁଜୁ ହୋଇଥିବା ବେଳେ ଘଟଣାରେ ସାକ୍ଷୀମାନଙ୍କର ବୟାନ ରେକର୍ଡ କରାଯାଇଛି ଛ ସେହି ଆଧାରରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକ କହିଛନ୍ତି । ଗତ ୨୭ ତାରିଖ ସନ୍ଧ୍ୟାରେ ବିଜୁ ଭବନସ୍ଥିତ ସିଏମ୍ସି କମିସନରଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଇଂଜିନିୟରିଂ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତି ଥିଲେ । ସଭା ଚାଲିଥିବା ବେଳେ ପ୍ରମୋଦ କୁମାର ସାହୁ ଓ ତାଙ୍କ ସହଯୋଗୀ ବିନା ଅନୁମତିରେ ସମ୍ମିଳନୀ କକ୍ଷରେ ପ୍ରବେଶ କରି ଶ୍ରୀମତି ସାହୁ ଙ୍କୁ ଧମକ ଦେବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହାକୁ ନେଇ ସମ୍ମିଳନୀ କକ୍ଷରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଏହି ଘଟଣାରେ ଶ୍ରୀମତି ସାହୁ ସିଏମ୍ସି କମିସନରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ଶ୍ରୀମତି ସାହୁ ପୁରୀଘାଟ ଥାନାରେ ଗାଳି ଗୁଲଜ, ଧମକ, ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ବାଧା ଦେବା ଭଳି ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## କାଳିପ୍ରସନ୍ନ ପରିଜାଙ୍କ ଶ୍ରାଦ୍ଧୋତ୍ସବ

କଟକ, (ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟିକ , ଭାଷାବିତ୍ ଝଙ୍କଡଶ୍ରୀ କାଳିପ୍ରସନ୍ନ ପରିଜା ବହୁମୂଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳି ସାହି ସ୍ଥିତ ମା ଶାରଳା ସଦନ ଠାରେ ଅନୁଷ୍ଠିତ ୬ ତମ ଶ୍ରାଦ୍ଧୋତ୍ସବ ରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତ ପ୍ରକାଶ କରିଛନ୍ତି ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ନାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ବିଶିଷ୍ଟ ସମାଜସେବୀ ବରଦା ପ୍ରସନ୍ନ ରାଉତ ଉଦ୍‌ଘାଟନ କରିଥିଲେ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ କାଳିପ୍ରସନ୍ନ ପରିଜାଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ କଟକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଜ୍ୟୋତିନ୍ଦ୍ରୀୟ ମହାନ୍ତି, ଆଇନୀଜୀବୀ ଆନନ୍ଦ ସାଗର ପାତ୍ର, ଭୁବନାନନ୍ଦ ମହାନ୍ତି , ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ବିଜ୍ଞାନ ରାଉତ , ଝଙ୍କଡ ସାହିତ୍ୟ ସଂସଦର ସଂଗଠନ ସମ୍ପାଦକ ବାସବ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ସଭାପତି ଶ୍ରୀ ଦାସ ସ୍ୱର୍ଗତ ପରିଜା ଉତ୍କଳ ସାହିତ୍ୟ ସମାଜ ଜଗତସିଂହପୁର ଶାଖାର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଥିଲେ ତାଙ୍କ ଗବେଷଣାତ୍ମକ ସାରସ୍ୱତ କୃତି ଚିର ଭାସ୍ୱର ବୋଲି କହିଥିଲେ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପ୍ରଧାପକ ଡ଼ ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଆଇନଜୀବୀ ରାଜ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମେଧା ସମ୍ମାନ ପ୍ରଦାନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ସଦ୍ୟ ପ୍ରକାଶିତ ୨ ବିଜ୍ଞାନ ପରୀକ୍ଷାରେ କୃତୀଛାତ୍ରଛାତ୍ରୀମାନଙ୍କ ସମ୍ମାନାର୍ଥେ ଏକ ସମ୍ବର୍ଦ୍ଧନା ସଭା କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ପରୀକ୍ଷା ହୋଇଥିବା ୧୨ ଜଣ ଛାତ୍ରଛାତ୍ରୀ ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିବା ବେଳେ ଅଭିଭାବକଙ୍କ ସମେତ ମେଧାଛାତ୍ରଛାତ୍ରୀମାନେ ଉକ୍ତ ସଭାରେ ନିଜ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ସର୍ବୋଚ୍ଚ ୯୫ ଶତକଡା ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ରଙ୍କ ନିରନ୍ତର ଉଦ୍ୟମ, ଉତ୍ସାହ, ଚରିତ୍ର ଗଠନ ରୂପକ ଉପଦେଶ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ତଥା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉଦ୍ୟମ ଆଜି ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବାରୁ ଆମେ ଆଜି ଗର୍ବିତ



ଦେଇଥିବା ୨୪୬ ଜଣ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଥିବା ବେଳେ ସମୁଦାୟ ୨୪୬ ଜଣଙ୍କ ମଧ୍ୟରୁ ୨୧୮ ଜଣ ପ୍ରଥମ ଶ୍ରେଣୀରେ, ୧୯ଜଣ ଦ୍ୱିତୀୟ ଶ୍ରେଣୀରେ ସଫଳତା ଲାଭ କରିଛନ୍ତି । ତନ୍ମଧ୍ୟରୁ ଶତକଡା ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ମାର୍କ ରଖି ପାଶ୍ କରିଥିବା ଶଶ୍ମିତା ମାଝି ନିଜ ବକ୍ତବ୍ୟରେ ଅନୁଷ୍ଠାନର ଚେୟାରମ୍ୟାନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏପରିକି ହଷ୍ଟେଲ୍‌ରେ ଥିବା ସମସ୍ତ କର୍ମଚାରୀ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଦାୟିତ୍ୱବୋଧତାକୁ ତାଙ୍କ ସଫଳତାର ଶ୍ରେୟ ଦେଇଥିଲେ । ବୋଲି ସେ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ବଡମଣିଷ ହେବାସହ ଭଲ ମଣିଷ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ଶ୍ରେଷ୍ଠ ୧୨ଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମରଣ ଚିହ୍ନ ପ୍ରଦାନ କରିଥିଲେ ।

## ଆର୍ଥିକ ସାକ୍ଷରତା ହେଉଛି ସଶକ୍ତିକରଣର ଚାବିକାଠି

ଭୁବନେଶ୍ୱର, (ସବ୍ୟୁ) : ଆର୍ଥିକ ସାକ୍ଷରତା ହେଉଛି ସଶକ୍ତିକରଣର ଚାବିକାଠି ବୋଲି କହିଛନ୍ତି ବିଶିଷ୍ଟ ତଥା ଅଭିଜ୍ଞ ଆର୍ଥିକ ବିଶାରଦ ତଥା ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଓ ଇଞ୍ଜିନୀୟର୍ସ ଲିମିଟେଡ୍ (ଜିଆର୍‌ଏସ୍‌ଇ)ର ନିର୍ଦ୍ଦେଶକ (ଅର୍ଥ) ଆର୍.କେ ଦାଶ । ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ତାଙ୍କର ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିନ୍ତାଧାରା ଏବଂ ପରିବର୍ତନଶୀଳ ଆର୍ଥିକ ରଣନୀତି ପାଇଁ ଜଣାଶୁଣା ସେ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ କେବଳ କର୍ପୋରେଟ୍ ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ମତରେ, ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ – ବ୍ୟକ୍ତିଗତ ଆର୍ଥିକ ପରିଚାଳନା । ଆର୍ଥିକ ଜ୍ଞାନର ଅଭାବ ଅନେକ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ, ଯାହା ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ସିଧାସଳଖ ପ୍ରଭାବିତ କରିଥାଏ । ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା।

### ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ

# ସୋଆକୁ ୮ଟି ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇଞ୍ଜିନିୟରିଂ, ଆଇନ୍ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନକୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷା କେନ୍ଦ୍ର ଭାବେ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଟାଇମ୍ସ ନାଓ ପକ୍ଷରୁ କୋଲକାତା ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଟାଇମ୍ସ ନାଓ ବିଜିନେସ୍ ଏକ୍ସିଲେନ୍ସ ଆୱାର୍ଡ – ଇଷ୍ଟ ୨୦୨୫ ଅବସରରେ ସୋଆର ୩ଟି ଶିକ୍ଷାନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର), ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ପୂର୍ବ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି ।




ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅଙ୍କୋଲୋଜି, କାର୍ଡିଓଲୋଜି ଆଣ୍ଡ କାର୍ଡିଆକ୍ ସର୍ଜରୀ, ୟୁରୋଲୋଜି, ନ୍ୟୁରୋଲୋଜି ଏବଂ ନେଫ୍ରୋଲୋଜି ବିଭାଗ ଗୁଡ଼ିକୁ ଓଡ଼ିଶାର ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ବିଭାଗ ଭାବେ ସମ୍ମାନ ପ୍ରଦାନ କରାଯାଇଛି । ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌର ଏହି ସମ୍ମାନଗୁଡ଼ିକୁ ପ୍ରଦାନ କରିଥିବା ବେଳେ ଏହି ଅବସରରେ ଟାଇମ୍‌ସ ନେଟୱର୍କ ଡିଜିଟାଲ୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ପୂଜା ସେଠୀ, ବଲିଉଡ୍ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପରମବ୍ରତ ଚାଟାର୍ଜୀ, ଚଳଚ୍ଚିତ୍ର ନିର୍ମାତା ଶ୍ରୀମତି ନନ୍ଦିତା ରାୟ, ଶିବ ପ୍ରସାଦ ମୁଖାର୍ଜୀ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ରହି ସୋଆର ଏହି ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରିଥିଲେ । ଏହି ଅବସରରେ ଟାଇମ୍ସ ନେଟୱାର୍କର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ବିମାନ ଦତ ଉପସ୍ଥିତ ଥିଲେ। ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ କର୍ପୋରେଟ ରିଲେସନ୍ସ ଓ ଇଣ୍ଡଷ୍ଟ୍ରୀ ଏନ୍‌ଗେଜମେଂଟ ଦୀପ୍ତି ରଞ୍ଜନ ଦାଶ ଏବଂ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଅତିଥିମାନଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

### ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ

# ଡ୍ରାଇଭରଙ୍କ ପାଇଁ ମାଗଣା ଚକ୍ଷୁ ସ୍କ୍ରିନିଂ ଶିବିର

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଝାରସୁଗୁଡା କାର୍ଯ୍ୟରେ ବାଣିଜ୍ୟିକ ଏବଂ ବୈଷୟିକ ଯାନବାହାନ ଚାଳକମାନଙ୍କ ପାଇଁ ଏକ ମାଗଣା ଚକ୍ଷୁ ସ୍କ୍ରିନିଂ ଶିବିର ଆୟୋଜନ କରିଥିଲା । ତ୍ରିଲୋଚନ ନେତ୍ରାଳୟର ସହଯୋଗରେ ଆୟୋଜିତ ଏହି ବ୍ୟାପକ ପଦକ୍ଷେପ କମ୍ପାନୀର କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା । ଏହି ପଦକ୍ଷେପ ମାଧ୍ୟମରେ, ପ୍ଲାଣ୍ଟ ଅଂଚଳର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ୧,୫୦୦ ରୁ ଅଧିକ ଡ୍ରାଇଭରଙ୍କୁ ସମ୍ଭାବ୍ୟ ଦୃଷ୍ଟି-ସମ୍ବନ୍ଧୀୟ ସମସ୍ୟା ଚିହ୍ନଟ ପାଇଁ ସ୍କ୍ରିନିଂ କରାଯାଇଛି। ଦୃଷ୍ଟି ବାଧା ଥିବା ବ୍ୟକ୍ତିମାନଙ୍କୁ ମାଗଣାରେ ବିଶେଷଜ୍ଞ ଡାକ୍ତରୀ ପରାମର୍ଶ ଏବଂ ସଂଶୋଧନାତ୍ମକ ଚଷମା ପ୍ରଦାନ କରାଯାଇଥିଲା, ଯାହା ଦୃଷ୍ଟି-ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କରିବାରେ ଏବଂ ସର୍ବାଧିକ ସୁରକ୍ଷା ଏବଂ ଆତ୍ମବିଶ୍ୱାସ ସହିତ କାମ କରିବାର କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା।

ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଦୀର୍ଘକାଳୀନ ଚକ୍ଷୁ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା, ରାସ୍ତା ସୁରକ୍ଷା ବୃଦ୍ଧି କରିବା ଏବଂ ପ୍ଲାଂଟରେ ବିଭିନ୍ନ ଭୂମିକାରେ ନିଯୁକ୍ତ ଡ୍ରାଇଭରମାନଙ୍କ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା । ଏହି ଅଂଚଳରେ ମୌସୁମୀ ଋତୁ ଆରମ୍ଭ ହେବା ସହିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆୟୋଜିତ ହୋଇଥିଲା । ପ୍ରବଳ ବର୍ଷା ଏବଂ ପବନ, ଗାଡ଼ି ଚଲାଇବା ସମୟରେ ଅନିଶ୍ଚିତ ପରିସ୍ଥିତିର ସମ୍ଭାବନାକୁ ବୃଦ୍ଧି କରୁଥିବାରୁ, ଚକ୍ଷୁ ଶିବିର ଡ୍ରାଇଭରମାନଙ୍କୁ ସୁରକ୍ଷିତ ଭାବରେ ସେମାନଙ୍କର କର୍ତବ୍ୟ ଗ୍ରହଣ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତରେ, ଆମେ ଆମର କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ଆମର କାର୍ଯ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ବିବେଚନା କରୁ। ଆମର ସାରଥି – ଆମ ଯୋଗାଣ ଶୃଙ୍ଖଳାକୁ ସୁଗମ ଏବଂ ନିର୍ବିଘ୍ନ ରଖିବାରେ ସାହାଯ୍ୟ କରୁଥିବା ଉତ୍ସର୍ଗୀକୃତ ଡ୍ରାଇଭରମାନେ – ଆମର ପ୍ରଗତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ପଦକ୍ଷେପ ସେମାନଙ୍କର ସମ୍ପୂର୍ଣ୍ଣ ସୁସ୍ଥତାକୁ ସୁନିଶ୍ଚିତ କରିବା ତଥା ସଂସ୍କୃତି ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପୂରଣ କରୁଛି ।



କମ୍ପାନୀର କାର୍ଯ୍ୟରେ ଡ୍ରାଇଭର ଗଙ୍ଗାଧର ଲୁହାର ତାଙ୍କ କୃତଜ୍ଞତା ପ୍ରକାଶ କରି କହିଛନ୍ତି, 'ଦୀର୍ଘ ଘଂଟା ଧରି ଗାଡ଼ି ଚଲାଇବା ପରେ ମୁଁ ଦୃଷ୍ଟି ସମସ୍ୟା ସହିତ ସଂଘର୍ଷ କରୁଥିଲି। ଶିବିରରେ ସମ୍ପୂର୍ଣ୍ଣ ଚକ୍ଷୁ ପରୀକ୍ଷା ଏକ ଛୋଟ ଦୃଷ୍ଟି ସମସ୍ୟା ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥିଲା, ଏବଂ ମୁଁ ପାଇଥିବା ସଂଶୋଧନ ଚଷମା ଏକ ବଡ଼ ପରିବର୍ତନ ଆଣିଛି। ଏବେ, ମୁଁ ସ୍ପଷ୍ଟ ଦୃଷ୍ଟି ଏବଂ ହ୍ରାସିତ ଆଖି ଚାପ ସହିତ ଆତ୍ମବିଶ୍ୱାସର ସହିତ ଗାଡ଼ି ଚଲାଇପାରୁଛି । ଏହାର କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ସମର୍ଥନ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ ଭାବରେ, ବେଦା' ଝାରସୁଗୁଡ଼ା ସ୍ୱାସ୍ଥ୍ୟ ଶିବିର, ସଚେତନତା କାର୍ଯ୍ୟକ୍ରମ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଆବଶ୍ୟକତା ଅନୁଯାୟୀ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସକ୍ରିୟ ଭାବରେ ଆୟୋଜନ କରୁଛି। ଏଥିମଧ୍ୟରୁ ଏକ ପ୍ରମୁଖ ପଦକ୍ଷେପ ହେଉଛି ସୁରକ୍ଷା ସାରଥି, ବେଦାନ୍ତର କାର୍ଯ୍ୟରେ ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିବା ଡ୍ରାଇଭରମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ରାସ୍ତା ଏବଂ ବୃତିଗତ ସୁରକ୍ଷାରେ ସର୍ବୋତମ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିବା । ପୂର୍ବରୁ, କମ୍ପାନୀ ଏହାର ମେଗା ଆଲୁମିନିୟମ ପ୍ଲାଂଟରେ କାର୍ଯ୍ୟରତ ଡ୍ରାଇଭରମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ହାଲୁକା ମୋଟର ଯାନ (ଏଲଏମଭି) ଏବଂ ଭାରୀ ମୋଟର ଯାନ (ଏଚଏମଭି) ସିମୁଲେସନ୍ ତାଲିମ କେନ୍ଦ୍ର ଆରମ୍ଭ କରିଛି। ଏହି ପଦକ୍ଷେପଗୁଡ଼ିକ ଏହାର କାର୍ଯ୍ୟକୁ ସୁଗମ ଭାବରେ ଚଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଡ୍ରାଇଭରମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସହାୟକ ପରିବେଶ ସୃଷ୍ଟି କରିବା ଉପରେ ବେଦାନ୍ତର ଧ୍ୟାନକୁ ପ୍ରତିଫଳିତ କରେ।

## ଡକ୍ଟର ପ୍ରଭୁ ଚରଣ ମହାନ୍ତିଙ୍କୁ 'ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ସମ୍ମାନ

କଟକ,(ସବ୍ୟୁ): ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ସର ନିର୍ଦ୍ଦେଶକ ଡକ୍ଟର ପ୍ରଭୁ ଚରଣ ମହାନ୍ତିଙ୍କୁ ଦି ଟାଇମ୍ସ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ମଲ୍ଟିସିଟି ସ୍କୁଲ ଶିକ୍ଷା ନେଟୱାର୍କରେ ଉତ୍କର୍ଷତା ପାଇଁ ମର୍ଯ୍ୟାଦାଜନକ 'ଟାଇମ୍ସ ଆଇକନ୍ସ ଅଫ୍ ଓଡ଼ିଶା ' ସମ୍ମାନରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନଶୀଳ ନେତୃତ୍ୱ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷାର୍ଥୀମାନଙ୍କୁ ଅଧିକ ଜ୍ଞାନୀ ଗୁଣୀ କରିଇବା ପାଇଁ ତାଙ୍କର ସ୍ଥାୟୀ ନିଷ୍ଠାପରତା ଯୋଗୁଁ ଡକ୍ଟର ମହାନ୍ତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ତାଙ୍କର ଭିନ୍ନ ଦୃଷ୍ଟିକୋଣ ଯୋଗୁଁ ୬୭ ଟି ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଏବଂ କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ର ନେତୃତ୍ୱ ନେଇ ସେ ମେଧାବୀ ବିଦ୍ୟାର୍ଥୀ ସୃଷ୍ଟି କରି ଚାଲିଛନ୍ତି । ଏହି ବିଦ୍ୟାଳୟ ଗୁଡ଼ିକ ଶୈକ୍ଷିକ ପଦ୍ଧତି , ସାଂସ୍କୃତିକ ମୂଲ୍ୟବୋଧ ଏବଂ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେବା ନେଇ ବେଶ୍ ଜଣାଶୁଣା । ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ବ୍ୟତୀତ, ଡକ୍ଟର ମହାନ୍ତି ଜଣେ ସମାଜ ସଂସ୍କାରକ ଏବଂ ଉଦ୍ଭାବକ ମଧ୍ୟ । ତାଙ୍କର ମାନସ ସନ୍ତାନ ଏସଏସ ଆସୋସିଏଟ୍ସ ଇନୋଭେସନ୍ ଲ୍ୟାବ୍ସ ପ୍ରାଇଭେଟ୍



ଲିମିଟେଡ୍ ଏବଂ ଡମ୍ବରୁ ଲର୍ଣ୍ଣିଂ ପ୍ରାଇଭେଟ୍ ଲିମିଟେଡ୍ ର ଅଧକ୍ଷ ଭାବେ ଏବେବି ସେ କାର୍ଯ୍ୟରତ । ଏତଦ ବ୍ୟତୀତ ସମାଜ ସଂସ୍କାରକ ଭାବେ ପାରିବାରିକ ମୂଲ୍ୟବୋଧକୁ ଉପଲବ୍ଧ କରି ଆଜିକାଲି ପିଲାମାନେ ଯେଉଁ ପିତାଙ୍କ ଠାରୁ ଦିନେ ସ୍ନେହ ପ୍ରେମ ଆଦର ପାଇ ନିଜକୁ ସମାଜରେ ପ୍ରତିଷ୍ଠିତ କରାଇ ପାରିଛନ୍ତି ସେମାନେ ବଡ଼ ହେଲାପରେ କିପରି ନିଜେ ସଂସାର କରି ପରିବାର ଠାରୁ ଦୂରେଇ ଯାଉଛନ୍ତି ଏ ସଂକ୍ରାନ୍ତରେ ସଚେତନ କରିବାକୁ 'ବାପା 'ସଂଗଠନ ପ୍ରତିଷ୍ଠା କରି ଏ ସବୁର ସମାଧାନ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଡକ୍ଟର ମହାନ୍ତିଙ୍କ ଏଭଳି ବହୁମୂଖୀ ପ୍ରତିଭାକୁ ସମ୍ମାନ ଦେଇ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

# ଟ୍ରମ୍ପ ପ୍ରଶାସନରୁ ଇସ୍ତଫା ଦେଲେ ଏଲନ ମସ୍କ



**ୱାଶିଂଟନ୍:** ଆମେରିକା ସରକାରରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି ଏଲନ ମସ୍କ । ଟ୍ରମ୍ପ ସରକାରରେ ଡିଓଜିଇ ମୁଖ୍ୟ ଭାବେ ଦାୟିତ୍ୱସମ୍ଭାଳୁଥିବା ମସ୍କ ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଏନେଇ ନିଜ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଛନ୍ତି ମସ୍କ ।

ସେ କହିଛନ୍ତି, ଆମେରିକା ସରକାରରେ ବିଶେଷ କର୍ମଚାରୀ ଭାବେ ମୋର କାର୍ଯ୍ୟକାଳ ଶେଷ ହୋଇଛି । ଅଯଥା ଖର୍ଚ୍ଚ କମାଇବାକୁ ସୁଯୋଗ ଦେଇଥିବାରୁ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ସମୟ ସହ ଡିଓଜିଇ ବିଭାଗ ଆହୁରି ଶକ୍ତିଶାଳୀ ହେବ ।ତେବେ ଟ୍ରମ୍ପ ଦ୍ୱିତୀୟଥର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏଲନ ମସ୍କଙ୍କୁ ଡିଓଜିଇର ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ । ଏହି ବିଭାଗର କାର୍ଯ୍ୟ ଥିଲା ସରକାରୀ ଖର୍ଚ୍ଚ ଅର୍ଥ କମ କରିବା ଏବଂ ଅଯଥା ନିଯୁକ୍ତିକୁ କମାଇବା । ମସ୍କ ଏହି ବିଭାଗର ଦାୟିତ୍ୱ ନେବା ପରେ ଅନେକ ବିଭାଗରୁ ଛଟେଇ କରାଯାଇଥିବା ବେଳେ ସରକାରୀ ଖର୍ଚ୍ଚ କାଟ କରାଯାଇଥିଲା । ହେଲେ ଏବେ ଉକ୍ତ ପଦବିକୁ ବାଏ ବାଏ କରିଛନ୍ତି ମସ୍କ ।କୁହାଯାଉଛି, ଟ୍ରମ୍ପଙ୍କର ମନଇଚ୍ଛା ନିଷ୍ପତ୍ତି ଏହା ପଛର ବଡ଼ କାରଣ । ଗତ କିଛି ଦିନ ହେବ ଟ୍ରମ୍ପ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ବେଶ ବିବାଦୀୟ ହେଉଛି । ଆଉ ଏହି କାରଣରୁ ମସ୍କ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି ।

# ମମତା ସରକାର ଉପରେ ବର୍ଷିଲେ ମୋଦି

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମମତା ବାନାର୍ଜୀ ସରକାରଙ୍କୁ କଡ଼ା ଟାର୍ଗେଟ କରିଥିଲେ । ଆଲିପୁରଦ୍ୱାରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ମୁର୍ଶିଦାବାଦ ଏବଂ ମାଲଦାର କଥା ଉଠାଇ କହିଥିଲେ ଯେ ପଶ୍ଚିମବଙ୍ଗରେ ଗୁଣ୍ଡାଗିରିକୁ ସମର୍ଥନ କରାଯାଉଛି । ସେ କହିଥିଲେ ଯେ ଏଠାରେ ଯାହା ଘଟିଲା ତାହା ରାଜ୍ୟର ଟିଏମସି ସରକାରଙ୍କ ନିଷ୍ଠୁରତାର ଏକ ଉଦାହରଣ । ମମତା ସରକାରଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀକହିଛନ୍ତି, ଆଜି ପଶ୍ଚିମବଙ୍ଗ ଏକକାଳୀନ ଅନେକ ସଙ୍କଟରେ ଘେରି ରହିଛି । ପ୍ରଥମ ସଙ୍କଟ ହେଉଛି ସମାଜରେ ହିଂସା ଏବଂ ଅରାଜକତା ବ୍ୟାପିବା, ଦ୍ୱିତୀୟ ସଙ୍କଟ ହେଉଛି ମା' ଏବଂ ଭଉଣୀମାନଙ୍କ ପାଇଁ ସୁରକ୍ଷାର ଅଭାବ, ସେମାନଙ୍କ ବିରୁଦ୍ଧରେ ଘଟୁଥିବା ଜଘନ୍ୟ ଅପରାଧ । ତୃତୀୟ ସଙ୍କଟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ବ୍ୟାପକ ବେକାରୀ । ଚତୁର୍ଥ ସଙ୍କଟ ହେଉଛି ବ୍ୟାପକ ଦୁର୍ନୀତି, ଏଠାରେ ବ୍ୟବସ୍ଥା ଉପରେ କ୍ରମାଗତ ଭାବରେ ହ୍ରାସ ପାଉଥିବା ଜନସାଧାରଣଙ୍କ ବିଶ୍ୱାସ । ପଞ୍ଚମ ସଙ୍କଟ ହେଉଛି ଶାସକ ଦଳର ସ୍ୱାର୍ଥପର ରାଜନୀତି ଯାହା ଗରିବଙ୍କ ଅଧିକାରକୁ ଛଡ଼ାଇ ନେଉଛି ।ଆୟୁଷ୍ମାନ ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ସାରା ଦେଶରେ କୋଟି କୋଟି ଲୋକ ମାଗଣା ଚିକିତ୍ସା ପାଉଛନ୍ତି, ଯେଉଁଥିରେ ୭୦ ବର୍ଷରୁ ଅଧିକ ବୟସ୍କ ବୃଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ । କିନ୍ତୁ ପଶ୍ଚିମବଙ୍ଗର ଟିଏମସି ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦେଇ ନଥିଲେ, ଯାହା ଫଳରେ ରାଜ୍ୟର ଲୋକମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି ।ବିଶ୍ୱକର୍ମା



ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି ଯୋଜନା ଅଧୀନରେ, ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ ତାଲିମ ଏବଂ ଆର୍ଥିକ ସହାୟତା ଦିଆଯାଉଛି ।ପଶ୍ଚିମବଙ୍ଗରେ, ଟିଏମସି ସରକାର ୮୦ ଲକ୍ଷ ଆବେଦନକୁ ବିଚାରାଧୀନ ରଖିଛନ୍ତି, ଯାହା ଯୋଗୁଁ ଏହି ଯୋଜନା ଏଠାରେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ।ପ୍ରଧାନମନ୍ତ୍ରୀ ଟିଏମସି ସରକାର ଶିକ୍ଷକ ଏବଂ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଥିବାର ମଧ୍ୟ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଟିଏମସି ଶାସନ ସମୟରେ ହଜାର ହଜାର ଶିକ୍ଷକଙ୍କ ଭବିଷ୍ୟତ ନଷ୍ଟ ହୋଇଥିଲା ଏବଂ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଟିଏମସି ନିଜ ଭୁଲକୁ ଗ୍ରହଣ ନକରି କୋର୍ଟକୁ ଦୋଷ ଦେବାର ମଧ୍ୟ ଅଭିଯୋଗ କରିଛନ୍ତି ।

## ତାତିଗଲେ ମମତା: ଦେଲେ ଚାଲେଞ୍ଜ

**କୋଲକାତା:** ପଶ୍ଚିମବଙ୍ଗ ସରକାରଙ୍କୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଡ଼ୁ ସମାଲୋଚନା ପରେ ତାତିଛନ୍ତି ମମତା । ସେ କହିଛନ୍ତି- ବିଜେପି ଅପରେସନ୍ ସିନ୍ଦୂର ନାଁରେ ରାଜନୈତିକ ହୋଲି ଖେଳୁଛି । ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛି । ଯେତେବେଳେ ସାରା ଦେଶ ଅପରେସନ ସିନ୍ଦୂର ସପକ୍ଷରେ ଛିଡା ହେଉଛି ଆଉ ପ୍ରତିନିଧି ଦଳ ସାରା ବିଶ୍ୱରେ ଆତଙ୍କବାଦ ବିରୋଧରେ ସ୍ୱର ଉଠାଇବାକୁ ଯାଇଛନ୍ତି ସେତେବେଳେ ଏମାନେ ଅପରେସନ ବେଙ୍ଗଲ କରିବେ ବୋଲି କହୁଛନ୍ତି । ଏହାଠାରୁ ଦୁର୍ଭାଗ୍ୟଜନକ କଥା ଆଉ କିଛି ହୋଇ ନପାରେ । ମୋଦୀଙ୍କୁ ଚାଲେଞ୍ଜ ଦେଇ ମମତା କହିଛନ୍ତି- ଦମ୍ ଅଛି ତ ଆସନ୍ତାକାଲି ନିର୍ବାଚନ ତାରିଖ ଘୋଷଣା କର । ଆମେ ସବୁ ପ୍ରକାର ଚାଲେଞ୍ଜକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁ । ମୋଦୀ ପ୍ରଧାନମନ୍ତ୍ରୀ ଭାବେ ନୁହେଁ ବରଂ ବିଜେପି ସଭାପତି ଭାବରେ ପଶ୍ଚିମବଙ୍ଗ ସରକାରଙ୍କୁ ସମାଲୋଚନା କରୁଛନ୍ତି । ମୋଦୀ ପଶ୍ଚିମବଙ୍ଗର ମହିଳାଙ୍କୁ ଅପମାନିତ କରିଛନ୍ତି । ଯେତେବେଳେ ଆମ ସାଂସଦ ବିଦେଶ ବୁଲି ଦେଶର ଅପରେସନ୍ ସିନ୍ଦୂର ନେଇ ଗୁଣଗାନ କରୁଛନ୍ତି ଠିକ୍ ସେତେବେଳେ ମୋଦୀ ବେଙ୍ଗଲ ଆସି ପଶ୍ଚିମବଙ୍ଗ ସରକାରଙ୍କୁ ଅପମାନିତ କରିବାକୁ ପଛାଉ ନାହାନ୍ତି । ଏହା କି ପ୍ରକାରର ରାଜନୀତି ବୋଲି ମମତା ପ୍ରଶ୍ନ କରିଥିବା ବେଳେ... ପହଲଗାମ୍ ହମଲାର ଆତଙ୍କୀମାନେ ଏବେ କେଉଁଠି ଅଛନ୍ତି ? ସେମାନଙ୍କୁ ଧରାଗଲାଣି କି ? ବୋଲି ପ୍ରଶ୍ନ କରିଛନ୍ତି ଦିଦି । ଏଥିସହ ଏକ ଖୋଲା ବିତର୍କର ଆହ୍ୱାନ ମଧ୍ୟ ଦେଇଛନ୍ତି । ପ୍ରସଙ୍ଗ ନେଇ ଟିଭି ଡିବେଟ୍ କରିବାକୁ ଦିଦି ଆହ୍ୱାନ କରିଥିବା ବେଳେ ମୋଦୀଙ୍କୁ ତାଙ୍କ ଟେଲିପ୍ରମ୍ପଟର ନେଇ ଆସିବାକୁ ମଧ୍ୟ କହିଛନ୍ତି ।

## ଭୂମିକମ୍ପରେ ଥରିଲା ପାକିସ୍ତାନ

**ଇସଲାମାବାଦ:** ଭୂକମ୍ପ ଝଟକାରେ ପୁଣି ଥରି ଉଠିଛି ପାକିସ୍ତାନ ।ଗୁରୁବାର ସନ୍ଧ୍ୟା ୬ଟା ୬ ମିନିଟରେ ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୪ ରେକର୍ଡ କରାଯାଇଛି । ଭୂମିକମ୍ପ ପରେ ଲୋକେ ଆତଙ୍କରେ ଘରୁ ବାହାରି ଆସିଥିବା ବେଳେ କୌଣସି କ୍ଷୟକ୍ଷତିର ଏଯାଏଁ ସୂଚନା ମିଳିନି । ଗତ ଦୁଇ ଦିନ ତଳେ ଭୂମିକମ୍ପରେ ଦୋହଲିଥିଲା ପାକିସ୍ତାନ । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୨ ରେକର୍ଡ ହୋଇଥିଲା ।

## ଫଟୋ ଓ ଭିଡିଓ ତିଆରି ଉପରେ କଟକଣା

**ନୂଆଦିଲ୍ଲୀ:** ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କ ମାମଲାକୁ ଧ୍ୟାନରେ ରଖି ରେଳବାଇ ଏକ ବଡ଼ ପଦକ୍ଷେପ ନେଇଛି ।ଜାତୀୟ ସୁରକ୍ଷାକୁ ଦୃଷ୍ଟି ଦେଇ ପୂର୍ବ ରେଳବାଇ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ତାଙ୍କ ଅଧୀନସ୍ଥ ଷ୍ଟେସନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ୍ କିମ୍ବା ଭିଡିଓ ତିଆରି ନକରିବାକୁ ଅନୁରୋଧ କରିଛି ।ଷ୍ଟେସନ୍ ପରିସର ଏବଂ ପ୍ଲାଟଫର୍ମର ଫଟୋଗ୍ରାଫ୍ କିମ୍ବା ଭିଡିଓ ନେବା ଉପରେ କଟକଣା ଲାଗୁ ହୋଇଛି । କିଛିଦିନ ହେବ ଦେଶରେ ଦେଖାଦେଇ ପରିସ୍ଥିତି ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।ତେବେ କିଛି ବିଶେଷ ପରିସ୍ଥିତିରେ ଫଟୋ ଓ ଭିଡିଓ ପାଇଁ ଅନୁମତି ଦିଆଯିବ ।

## ଧରାପଡିଲେ କଂଗ୍ରେସ ନେତାଙ୍କ ପିଏ

**ଜୟପୁର:** ରାଜସ୍ଥାନରୁ ଆଉ ଜଣେ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ସେ ହେଉଛନ୍ତି ଜଣେ ସରକାରୀ କର୍ମଚାରୀ ଏବଂ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ ବା ପର୍ସନାଲ ଆସିଷ୍ଟାଣ୍ଟ । ତାଙ୍କୁ ପାକିସ୍ତାନ ଉଚ୍ଚତର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ଅଭିଯୋଗରେ ଅଟକ ରଖାଯାଇଛି । ସେ ୬-୭ ଥର ପାକିସ୍ତାନ ଯାଇଥିବା ବି ସୂଚନା ରହିଛି । ରାଜସ୍ଥାନ ଇଣ୍ଟେଲିଜେନ୍ସର ସ୍ୱତନ୍ତ୍ର ଦଳ ଶକୁରଖାନଙ୍କୁ ଗିରଫ କରିଛି । ଶକୁର ଖାନ ଜଣେ ସରକାରୀ କର୍ମଚାରୀ ଏବଂ ସେ ଜୈସଲମେର ଜିଲ୍ଲାର ବାସିନ୍ଦା ଏବଂ ବର୍ତ୍ତମାନ ରାଜ୍ୟର ନିଯୁକ୍ତି କାର୍ଯ୍ୟାଳୟରେ କାର୍ଯ୍ୟରତ । ଅଧିକାରୀମାନେ ଖାନଙ୍କୁ ସନ୍ଦେହଜନକ କାର୍ଯ୍ୟକଳାପରେ ଜଡ଼ିତ ଥିବା ସନ୍ଦେହ କରୁଛନ୍ତି । ପାକିସ୍ତାନୀ ଦୂତାବାସ ଅଧିକାରୀଙ୍କ ସହିତ ତାଙ୍କର କଥିତ ସମ୍ପର୍କ ଏବଂ ଆଇଏସ୍ଆଇ ସହିତ ସମ୍ଭାବ୍ୟ ସମ୍ପର୍କ ବିଷୟରେ ସୂଚନା ପାଇବା ପରେ ଗୁଇନ୍ଦା ସଂସ୍ଥାଗୁଡ଼ିକ କିଛି ସମୟ ଧରି ତାଙ୍କ ଉପରେ ନଜର ରଖି ଆସୁଥିଲେ । ସବୁଜ ଖାନ ପୂର୍ବରୁ କଂଗ୍ରେସ ସରକାରର ପୂର୍ବତନ ମନ୍ତ୍ରୀ ଶାଲେ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବରେ କାର୍ଯ୍ୟ କରୁଥିଲେ । ମହମ୍ମଦ ଏବଂ ଖାନ ହେଉଛନ୍ତି ସମାନ ଗ୍ରାମର ।

# ପିଓକେ ମାଗିଲେ ରାମଭଦ୍ରାଚାର୍ଯ୍ୟ

**ଚିତ୍ରକୂଟ:** ମଧ୍ୟପ୍ରଦେଶର ଚିତ୍ରକୂଟରେ ରହିଛି ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କ ଆଶ୍ରମ । ସେଠାକୁ ଯାଇ ଆଶୀର୍ବାଦ ନେଇଛନ୍ତି ଦେଶର ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଆଶ୍ରମରେ ଜେନେରାଲ ଦ୍ୱିବେଦୀ ଜଗଦଗୁରୁଙ୍କୁ ଦେଖା କରିଥିବା ବେଳେ ସେ ତାଙ୍କୁ ଗୁରୁ ଦକ୍ଷିଣା ମାଗିଛନ୍ତି । ଗୁରୁ ଦକ୍ଷିଣାରେ ଜଗଦଗୁରୁ ସ୍ଥଳ ସେନା ମୁଖ୍ୟଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀର ବା ପିଓକେ ଦେବାକୁ ଅନୁରୋଧ କରିବା ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ବୁଧବାର ଜେନେରାଲ ଦ୍ୱିବେଦୀ ଆଶ୍ରମରେ ପହଞ୍ଚି ଜଗଦଗୁରୁଙ୍କୁ ସାକ୍ଷାତ କରିଥିଲେ । ଏହି ସମୟରେ ଜଗଦଗୁରୁ ତାଙ୍କୁ ରାମ ମନ୍ତ୍ରର ଦୀକ୍ଷା ଦେଇଥିଲେ । ରାବଣର ସାମ୍ରାଜ୍ୟ ଲଙ୍କାରୁ ମାତା ସୀତାଙ୍କ ଉଦ୍ଧାର ପାଇଁ ଯିବା ପୂର୍ବରୁ ଭଗବାନ ହନୁମାନ ଯେଉଁ ରାମ ଦୀକ୍ଷା ନେଇଥିଲେ ସମାନ ଦୀକ୍ଷା ଜେନେରାଲ ଦ୍ୱିବେଦୀଙ୍କୁ ଦିଆଯାଇଛି । ଉଭୟ ବିଭିନ୍ନ ଧାର୍ମିକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଆର୍ମି ପ୍ରମୁଖ ଆଶ୍ରମରେ ଥିବା ସନ୍ଥମାନଙ୍କ ସହ ମଧ୍ୟ କଥାବାର୍ତ୍ତା ହୋଇଥିଲେ ।



## ଆତ୍ମସମର୍ପଣ କଲେ ୨ ଲସ୍କର ଆତଙ୍କୀ

**ପହଲଗାମ:** ପହଲଗାମ ଆକ୍ରମଣ ପରେ ସଶସ୍ତ୍ର ବାହିନୀ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରିଛି । ଏଥିସହିତ କଶ୍ମୀରର ଶୋପିଆନରେ ସେନା, ପୁଲିସ ଏବଂ ସିଆରପିଏଫର ମିଳିତ ଅପରେସନରେ ଦୁଇ ଜଣ ଲସ୍କର-ଏ-ତୈବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି । ଆତଙ୍କବାଦୀଙ୍କ ଧରାଯିବା ସହ ଦୁଇଟି ଏକେ-୫୬ ରାଇଫଲ୍, ଚାରୋଟି ମାଗାଜିନ୍, ଦୁଇଟି ହାତ ଗ୍ରେନେଡ୍ ଆଦି ଜବତ କରାଯାଇଥିଲା । ୫,୪୦୦ ଟଙ୍କା ମୂଲ୍ୟର ନଗଦ ଟଙ୍କା ସହିତ ଏକ ଆଧାର କାର୍ଡ ମଧ୍ୟ ଜବତ କରାଯାଇଥିଲା । ଶୋପିଆନର ବାସ୍କୁରାନ ଇମାମସାହିବରେ ସେନାର ୪୪ଆରଆର, ପୁଲିସ ଏବଂ ୧୭୮ ସିଆରପିଏଫ୍ ଦ୍ୱାରା ଅପରେସନ କରାଯାଇଥିଲା । ଏକ ବିବୃତ୍ତିରେ ପୁଲିସ କହିଛି ଯେ ଦୁଇ ଆତଙ୍କବାଦୀ ଇରଫାନ ବଶିର ଏବଂ ଉଜୈର ସଲାମ ଆତ୍ମସମର୍ପଣ କରିଛନ୍ତି, ଯାହା ଫଳରେ ଏକ ସମ୍ଭାବ୍ୟ ଏନକାଉଣ୍ଟରକୁ ଏଡାଇ ଯାଇଛି । ବାସ୍କୁରାନରେ ଏକ ଯେଗାଡାମୀ ଏବଂ ଖୋଜ ଅଭିଯାନ ଆରମ୍ଭ କରାଯାଇଥିଲା ଅଞ୍ଚଳକୁ ପ୍ରଭାବଶାଳୀ ଭାବରେ ଘେରାବନ୍ଦୀ କରାଯାଇଥିଲା । ନିକଟରୁ ଏକ ଜଙ୍ଗଲରେ ଆତଙ୍କବାଦୀଙ୍କ ଗତିବିଧି ପରିଲକ୍ଷିତ ହୋଇଥିଲା । ବାହିନୀର ଦ୍ରୁତ ଏବଂ ରଣନୈତିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଦୁଇ ଜଣ ଏଲ୍ ଇଟି ହାଇବ୍ରିଡ୍ ଆତଙ୍କବାଦୀ ସଫଳ ଭାବେ ଆତ୍ମସମର୍ପଣ କରିଥିଲେ ।

ଏପ୍ରିଲ ୨୨ ରେ ପହଲଗାମର ବୈସାରନ ଘାଟିରେ ହୋଇଥିବା ଆକ୍ରମଣ ପରେ ସୁରକ୍ଷା ବାହିନୀ ସେମାନଙ୍କର ଆତଙ୍କ ବିରୋଧୀ ଅଭିଯାନର କେନ୍ଦ୍ରବିନ୍ଦୁ ଦକ୍ଷିଣ କଶ୍ମୀରର ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ବଦଳାଇ ଦେଇଥିବାରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା, ଯେଉଁଥିରେ ୨୬ ଜଣ ପ୍ରାଣ ହରାଇଥିଲେ ।

## ପହଲଗାମ ମୃତକଙ୍କ ସ୍ମୃତିରେ ତିଆରି ହେବ ସ୍ମାରକ

**ଶ୍ରୀନଗର:** ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ପହଲଗାମରେ ଗତମାସରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣହରାଇଥିବା ଲୋକଙ୍କ ପାଇଁ ଏକ ବିଶେଷ ନିଷ୍ପତ୍ତି ନେଇଛନ୍ତି । ସେ ପୀଡିତଙ୍କ ସ୍ମୃତିରେ ବୈସାରଣ ଘାଟିରେ ଭବ୍ୟ ସ୍ମାରକ ନିର୍ମାଣ କରିବା ପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ଜଣ ନିର୍ଦୋଷଙ୍କ ସ୍ମାରକ ନିର୍ମାଣ ପାଇଁ ଆମେ ପ୍ରଥମଦିନରୁ ହିଁ ଆଲୋଚନା କରିଥିଲୁ । ମୃତକଙ୍କ ସ୍ମୃତିରେ ବୈସାରଣ ଘାଟିରେ ସ୍ମାରକ ନିର୍ମାଣ କରାଯିବ । ଯାହା ଦ୍ୱାରା ୨୬ଜଣ ନିର୍ଦୋଷଙ୍କୁ ସର୍ବଦା ମନେ ରଖାଯିବ । ସେମାନଙ୍କୁ ମନରୁ କେବେ ପାସୋରି ଦିଆଯିବନାହିଁ । ୨୬ ମୃତକଙ୍କ ପରିବାରର ଯନ୍ତ୍ରଣା ଶବ୍ଦରେ ପ୍ରକାଶ କରାଯାଇପାରିବ ନାହିଁ । ଆମେ ସେମାନଙ୍କ ସମ୍ମାନରେ କେବଳ ମୁଣ୍ଡ ନୁଆଇଁପାରିବା ।



ପହଲଗାମରେ ଦେଶ ସାରାର ଟୁର୍ ଏବଂ ଟ୍ରାଭେଲ ଅପରେଟରମାନଙ୍କ ଏକ ବୈଠକ ସମୟରେ ଏହି ଘୋଷଣା କରାଯାଇଥିଲା । ରାଜ୍ୟ କ୍ୟାବିନେଟ ବୈଠକରେ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟକୁ ପହଲଗାମରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମାରକକୁ ଅନୁମୋଦନ କରିବାର କ୍ଷମତା ଦିଆଯାଇଥିବା ଓମର ଅବଦୁଲ୍ଲା ସୂଚନା ଦେଇ କହିଛନ୍ତି । ସୁରକ୍ଷା ପ୍ରସଙ୍ଗରେ ଓମାର ଅବଦୁଲ୍ଲା କହିଛନ୍ତି, 'ଏପରି ଘଟଣା ଯେପରି ପୁନର୍ବାର ନ ଘଟେ ତାହା ନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ପଦକ୍ଷେପ ନିଆଯିବଛି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ପୁନର୍ବାର ଖୋଲିବା ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ କରାଯିବ, କିନ୍ତୁ ଏହା ପର୍ଯ୍ୟାୟକ୍ରମେ ଏବଂ ସ୍ୱଚ୍ଛ ଭାବରେ କରାଯିବ । କ'ଣ ବନ୍ଦ ଅଛି ତାହା ଉପରେ ଧ୍ୟାନ ଦିଆଯିବ ନାହିଁ, ବରଂ କ'ଣ ଖୋଲା ଅଛି ସେ ବିଷୟରେ କଥା ହୁଅନ୍ତୁ ।

# ୩ ସେନା ପାଇଁ ଏକୀକୃତ କମାଣ୍ଡ

**ନୂଆଦିଲ୍ଲୀ:** ଆନ୍ତଃସେବା ସଂଗଠନ (ଆଇଏସ୍ଓ)ର ପ୍ରଭାବଶାଳୀ କମାଣ୍ଡ, ନିୟନ୍ତ୍ରଣ ଓ ଦକ୍ଷ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ତିନି ସେନା- ସ୍ଥଳସେନା, ନୌସେନା ଓ ବାୟୁସେନାରେ ୟୁନିଫାଇଡ୍ (ଏକୀକୃତ) କମାଣ୍ଡ ପାଇଁ ନୂତନ ବିଜ୍ଞପ୍ତି ଜାରି କରିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ମେ ୨୭ରୁ ଏହି ନିୟମ ଲାଗୁ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ଆନ୍ତଃସେବା ସଂଗଠନ (କମାଣ୍ଡ, ନିୟନ୍ତ୍ରଣ ଓ ଶୃଙ୍ଖଳା) ଆଇନ ୨୦୨୩ ଅଧୀନରେ ଏହି ନିୟମ ବିଜ୍ଞପ୍ତି ପ୍ରକାଶ ପାଇଛି ଯାହା ସଶସ୍ତ୍ର ବାହିନୀରେ ଅଧିକ ସହଯୋଗ ଓ କମାଣ୍ଡ ଦକ୍ଷତା ବୃଦ୍ଧି କରିବ ।



ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଆନ୍ତଃସେବା ସଂଗଠନ (ଆଇଏସ୍ଓ)ର ପ୍ରଭାବଶାଳୀ କମାଣ୍ଡ, ନିୟନ୍ତ୍ରଣ ଓ ଦକ୍ଷ କାର୍ଯ୍ୟକାରିତାକୁ ସୁଦୃଢ଼ କରିବା, ଯାହାଦ୍ୱାରା ସଶସ୍ତ୍ର ବାହିନୀ ମଧ୍ୟରେ ଏକ ବେହାର ଭାବ ସୁଦୃଢ଼ ହେବ । ୨୦୨୩ ମୌସୁମୀ ଅଧିବେଶନରେ ସଂସଦର ଉଭୟ ଗୃହରେ ଏହି ବିଲ୍ ପାରିତ ହୋଇଥିଲା । ୨୦୨୩ ଅଗଷ୍ଟ ୧୫ ତାରିଖରେ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଥିଲା ଏବଂ ୨୦୨୪ ମେ ୮ ତାରିଖର ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ଏହି ଆଇନ ୨୦୨୪ ମେ ୧୦ ତାରିଖରୁ କାର୍ଯ୍ୟକାରୀ ହୋଇଥିଲା । ଏହି ଆଇନ ଆନ୍ତଃସେବା ସଂଗଠନ (ଆଇଏସ୍ଓ)ର କମାଣ୍ଡର-ଇନ୍-ଚିଫ୍ ଓ ବରିଷ୍ଠ ଅଧିକାରୀମାନଙ୍କ ସେମାନଙ୍କ ଅଧୀନରେ ଥିବା କର୍ମଚାରୀଙ୍କ ନେତୃତ୍ୱ ନେବା ଓ ପରିଚାଳନା କରିବାର ଅଧିକାର ଦେଉଛି । ଏହା ସଶସ୍ତ୍ର ବାହିନୀର ପ୍ରତ୍ୟେକ ଶାଖାରେ ଲାଗୁ ହେଉଥିବା ନିର୍ଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀକୁ ପରିବର୍ତ୍ତନ ନ କରି ଶୃଙ୍ଖଳା ଓ ସ୍ୱଚ୍ଛନ୍ଦ ପ୍ରଶାସନ ବଜାୟ ରଖିବାରେ ସାହାଯ୍ୟ କରେଇବ ଏହି ଆଇନର ଧାରା ୧୧ ଅନୁଯାୟୀ ଏହାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ପାଇଁ ନୂତନ ନିୟମ ଘୋଷଣା କରାଯାଇଛି । ଏବେ ଏହି ନିୟମ ଲାଗୁ ହେବା ପରେ ଏହି ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଛି । ଏହା ଆଇଏସ୍ଓଗୁଡ଼ିକ ମଧ୍ୟରେ ନେତୃତ୍ୱକୁ ସୁଦୃଢ଼ କରିବ, ଶୃଙ୍ଖଳାଗତ ପ୍ରକ୍ରିୟା ତ୍ୱରାନ୍ୱିତ କରିବ ଏବଂ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଦ୍ୱନ୍ଦ୍ୱକୁ ରୋକିବ ।

# ହାଜତରେ ଜ୍ୟୋତିଙ୍କୁ ଦେଖି କାନ୍ଦିଲେ ବାପା

**ହିସାର:** ପାକିସ୍ତାନୀ ଗୁପ୍ତଚର ଜ୍ୟୋତି ମାଲହୋତ୍ରାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯିବାର ପ୍ରଥମ ଦିନରେ ବାପା ହରିଶ ମାଲହୋତ୍ରା ଝିଅକୁ ଭେଟିବାକୁ ଜେଲରେ ଯାଇ ପହଞ୍ଚିଥିଲେ । ଜ୍ୟୋତି ସେଣ୍ଟ୍ରାଲ ଜେଲର ବାରାକ ନମ୍ବର ୨ରେ ବନ୍ଦୀ ଅଛନ୍ତି । ଝିଅକୁ ଭେଟି ବାହାରକୁ ଆସିବା ପରେ ବାପା ହରିଶ ଗଣମାଧ୍ୟମ ସାମ୍ନାରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଜେଲରେ ବନ୍ଦୀ ଥିବା ଝିଅକୁ ଭେଟିଲି । ଭେଟିବା ସମୟରେ ଝିଅ ବାରୀୟାର ମୋତେ କହୁଥିଲା କି ସେ ନିର୍ଦୋଷ । ଵୟାକରି ମୋତେ ଆଉ କିଛି ପଚାରନ୍ତୁ ନାହିଁ କାରଣ କିଛି କହିବାକୁ ମୋର ଆଉ ଧୈର୍ଯ୍ୟ ନାହିଁ । ଗିରଫ ପରେ ଜ୍ୟୋତିଙ୍କ ୯ ଦିନିଆ ରିମାଣ୍ଡ ଶେଷ ହେବା





ପରେ ଗତ ସୋମବାର ହିସାର ପୁଲିସ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରିଥିଲା, ଯେଉଁଠାରୁ କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି ।

ପୁଲିସ ଅଧିକାରୀ ଶଶାଙ୍କ କୁମାର ସାୱନଙ୍କ କହିବାନୁସାରେ, ଜ୍ୟୋତି କୌଣସି ଆତଙ୍କବାଦୀ କାର୍ଯ୍ୟକଳାପରେ କିମ୍ବା କୌଣସି ଆତଙ୍କବାଦୀ ସଂଗଠନ ସହିତ ଜଡ଼ିତ ଥିଲେ କି ଏନେଇ କୌଣସି ପ୍ରମାଣ ଏଯାବତ ମିଳିନାହିଁ । କିନ୍ତୁ ମାଲହୋତ୍ରା ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟ ଭାବରେ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କ ବିଷୟରେ ଅବଗତ ଥିଲେ ଏବଂ ସେମାନଙ୍କ ସହିତ ଯୋଗାଯୋଗରେ ଥିଲେ ଏହା ସ୍ପଷ୍ଟ ହୋଇଛି ।

# ମୁହଁ ଖୋଲିଲେ ଶଶି ଥରୁର୍

**ନୂଆଦିଲ୍ଲୀ:** ସଂସଦୀୟ କମିଟିରେ ସାମିଲ ହୋଇଥିବା କଂଗ୍ରେସ ସାଂସଦ ଶଶି ଥରୁର୍ ନରେନ୍ଦ୍ର ମୋଦି ସରକାରଙ୍କୁ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ ଦେଇଥିବା ଜବାବ ନେଇ ପ୍ରଶଂସା କରିଛନ୍ତି । ଯାହାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି । ପାନାମାରେ ଶ୍ରୀ ଥରୁର କହିଥିଲେ ଯେ ବର୍ତ୍ତମାନର ମୋଦି ସରକାର ୪ ଥର ସର୍ଜିକାଲ ଷ୍ଟ୍ରାଇକ୍ କରିଛନ୍ତି । କଂଗ୍ରେସ ପକ୍ଷରୁ ଏହାକୁ ନେଇ ଆପତ୍ତି ଉଠାଯାଇ କୁହାଯାଇଛି ଯେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ଶାସନ କାଳରେ ୬ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା । ମାତ୍ର ତାହାର ପ୍ରଚାର କରାଯାଇନଥିଲା । ଶଶି ଥରୁର୍‌ଙ୍କର ୪ ଥର ସର୍ଜିକାଲ ଷ୍ଟ୍ରାଇକ୍ ମନ୍ତବ୍ୟକୁ ନେଇ ଏବେ କଂଗ୍ରେସ ତାଙ୍କୁ ଘେରିବା ଆରମ୍ଭ କରିଛି । କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ କାର୍ଯ୍ୟକାଳରେ ବହୁ ସର୍ଜିକାଲ ଷ୍ଟ୍ରାଇକ ହୋଇଥିଲା । ମାତ୍ର ଥରୁରଙ୍କ ଭଳି କଂଗ୍ରେସର ଜଣେ ବରିଷ୍ଠ ନେତା ସେ ସମ୍ପର୍କରେ କିଛି କହୁନାହାନ୍ତି । ଅପରପକ୍ଷରେ ଅପରେସନ୍ ସିନ୍ଦୂର ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି । କଂଗ୍ରେସ ବିଶ୍ୱାସ କରେ ଯେ ସରକାର ବର୍ତ୍ତମାନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ବ୍ୟାକଫୁଟ୍‌ରେ ଅଛନ୍ତି । ଏହି ପ୍ରସଙ୍ଗ ସମୟରେ ଉଠାଯିବ । ଶଶି ଥରୁର୍ ଏବେ ଭାରତ ପକ୍ଷରୁ ଯାଇଥିବା ସର୍ବଦଳୀୟ ପ୍ରତିନିଧିର ନେତୃତ୍ୱ ନେଇ ପାନାମାରେ ଅଛନ୍ତି । ସେ ଆମେରିକା ଗସ୍ତ ଶେଷ କରିଛନ୍ତି । କଂଗ୍ରେସ ନେତା ଉଦିତ୍ ରାଜ୍ ଶଶି ଥରୁର୍‌ଙ୍କୁ ବିଜେପିର ସୁପର ମୁଖପାତ୍ର ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ବିଜେପି ସଦସ୍ୟଙ୍କ ଅପେକ୍ଷା ଶ୍ରୀ ଥରୁର୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବାରେ ଆଗରେ ଅଛନ୍ତି । ସେନା କାର୍ଯ୍ୟାନୁଷ୍ଠାନର କେନ୍ଦ୍ର ସରକାର ଅଯଥା ଶ୍ରେୟ ନେବାକୁ ଚାହୁଁଛି ।

# ପ୍ଲେ ଅଫ୍ ପୂର୍ବରୁ ଫେରିଗଲେ ବିଦେଶୀ ଖେଳାଳି

ନୂଆଦିଲ୍ଲୀ,୨୯।୫ (ଏଜେନ୍ସି): ପ୍ଲେ ଅଫ୍ ପର୍ଯ୍ୟାୟ ଆରମ୍ଭ ହୋଇଛି । କ୍ୱାଲିଫାୟର ୧ ଲଢ଼େଇରେ ମୁହାଁମୁହିଁ ହୋଇଛନ୍ତି ପଞ୍ଜାବ କିଙ୍ଗ୍ସ ଓ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ । ପ୍ଲେ ଅଫ୍ ଖେଳୁଥିବା ଦଳ ଗୁଡିକ ପାଇଁ ଏବେ ବଡ଼ ସମସ୍ୟା ସାଜିଛନ୍ତି ବିଦେଶୀ ଖେଳାଳି । ପ୍ଲେ ଅଫ୍ ବିଗୁଲ ବାଜିବା ପୂର୍ବରୁ ଅଧିକାଂଶ ବିଦେଶୀ ଖେଳାଳି ଘରକୁ ଫେରିଛନ୍ତି । ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା କାରଣରୁ ଆଇପିଏଲ୍ ୮ ଦିନ ସ୍ଥଗିତ ରହିଥିଲା । ଏହାପରେ ବିସିସିଆଇକୁ ଖେଳସୂଚୀରେ ବଡ଼ଧରଣର ପରିବର୍ତ୍ତନ କରିବାକୁ ପଡିଲା । ଏଦୃଷ୍ଟିରୁ ବିଦେଶୀ ଖେଳାଳି ନିଜର ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ସ୍ୱଦେଶ ଫେରିଯାଇଛନ୍ତି । ଏମାନଙ୍କ ମଧ୍ୟରୁ କିଛି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଖେଳିବେ ।

**ପଞ୍ଜାବ କିଙ୍ଗ୍ସ:** ପଞ୍ଜାବ କିଙ୍ଗ୍ସ ପଏଣ୍ଟ ଟେବୁଲରେ ଶୀର୍ଷ ଦଳ ସହ ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା । ପ୍ଲେ ଅଫ୍ ମ୍ୟାଚ ପୂର୍ବରୁ ବିଦେଶୀ ଖେଳାଳିଙ୍କ ଘର ବାହୁଡା ଦଳ ପାଇଁ ସମସ୍ୟା ଆଣି ଦେଇଛି । ଦ୍ରୁତ ବୋଲର ମାର୍କୋ ଜନସେନ ଏହି ମ୍ୟାଚ ଖେଳିନାହାନ୍ତି । ସେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ ଖେଳିବା ପାଇଁ ଦ.ଆଫ୍ରିକା ଫେରି ଯାଇଛନ୍ତି । ଜନସେନ ନିଜର ବୋଲିଂ ସହ ବ୍ୟାଟିଂରେ ମଧ୍ୟ ପରାକ୍ରମ ଦେଖାଇ ନିମ୍ନକ୍ରମରେ ଦଳକୁ ମଜଭୂତ ପ୍ରଦାନ କରୁଥିଲେ । ପଞ୍ଜାବ ଜନସେନଙ୍କ ସ୍ଥାନରେ କୌଣସି ବଦଳ ଖେଳାଳି ରଖିନାହିଁ ।

**ବେଙ୍ଗାଲୁରୁ:** ଦଳର ଦୁଇ ତାରକା ଖେଳାଳି ଲୁଙ୍ଗି ଏନ୍‌ଗିଡି ଓ ଜ୍ୟାକବ ବେଥେଲ ପ୍ଲେ ଅଫ୍ ଖେଳୁନାହାନ୍ତି । ତାଙ୍କ ବଦଳ ଖେଳାଳି ଭାବେ ବ୍ଲେସିଂ ମୁଜରବାନି ଓ ଟିମ୍ ସେଫର୍ଟଙ୍କୁ ନେଇଛି । ଦଳ ସହ ଦ୍ରୁତ ବୋଲର ଜୋଶ ହାଜଲଉଡ ଅଛନ୍ତି । ଟିମ୍ ସେଫର୍ଟଙ୍କ ଆଗମନ କାରଣରୁ ଆର୍‌ସିବି ଆହୁରି ଦୃଢ଼ ହୋଇଛି ।

**ଗୁଜରାଟ ଟାଇଟନ୍ସ:** ସବୁଠୁ ବଡ଼ ଝଟକା ଗୁଜରାଟ ଟାଇଟନ୍ସକୁ ଲାଗିଛି । କାଗିସୋ ରବାଡା ଓ ଜୋସ୍ ବଟ୍ଲର ଆଇପିଏଲ୍ ଛାଡି ସ୍ୱଦେଶ ଫେରିଯାଇଛନ୍ତି । ବଟଲରଙ୍କ ଅନୁପସ୍ଥିତି ଯୋଗୁଁ ଗୁଜରାଟର ଚିନ୍ତା ବଢ଼ିଛି । ଦଳର ସଫଳତାରେ ୩ ଜଣ ବ୍ୟାଟରଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ଲେ ଅଫ୍‌ରେ ବଟଲରଙ୍କ ଅନୁପସ୍ଥିତି ଗୁଜରାଟକୁ ଅନୁଭୂତ ହୋଇପାରେ । ବଟଲରଙ୍କ ବଦଳ ଖେଳାଳି ଭାବେ କୁଶଲ ମେଣ୍ଡିସ୍‌ଙ୍କୁ ନିଆଯାଇଛି । ସେ ମଧ୍ୟ ଜଣେ ଶୀର୍ଷକ୍ରମର ୱିକେଟ୍‌କିପର ବ୍ୟାଟର । କିନ୍ତୁ ସେ ବଟଲରଙ୍କ ସ୍ଥାନ ନେଇପାରିବେ ନାହିଁ ।

**ମୁମ୍ବାଇ ଇଣ୍ଡିଆନ୍ସ:** ଦୁଇ ଖେଳାଳି ରିଆନ୍ ରିକେଲଟନ୍ ଓ ୱିଲଜ୍ୟାକ୍ସ ସ୍ୱଦେଶ ଫେରିଯାଇଛନ୍ତି । ଦୁଇ ଖେଳାଳି ଚଳିତ ସିଜନରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉଭୟ ଶୀର୍ଷକ୍ରମରେ ମୁମ୍ବାଇ ପାଇଁ ଗୁରୁତ୍ୱପୂର୍ଣ୍ଣ ରନ୍ କରିଥିଲେ । ୱିକେଟ୍‌କିପର ଭାବେ ରିକେଲଟନ୍ ଦଳକୁ ସ୍ଥିରତା ପ୍ରଦାନ କରିଥିଲେ । ତାଙ୍କ ସ୍ଥାନରେ ଜନି ବେୟାର ଷ୍ଟୋ ଏହି ଭୂମିକା କିଭଳି ନିର୍ବାହନ କରିବେ ତାହା ଦେଖିବାକୁ ବାକି ରହିଲା । ଦଳରେ କାର୍ବିନ ବୌଚ୍ଛ ନାହାନ୍ତି । ଏହି ୩ ଖେଳାଳିଙ୍କ ସ୍ଥାନରେ ଜନି ବେୟାରଷ୍ଟୋ, ଚରିଥ ଅସଲଙ୍କା ଓ ରିଚାର୍ଡ ଗ୍ଲିସନଙ୍କୁ ସାମିଲ କରିଛି ମୁମ୍ବାଇ ।

ଆଇପିଏଲ୍ ମହାସମର

# ୯ ବର୍ଷ ପରେ ଫାଇନାଲରେ ବେଙ୍ଗାଲୁରୁ



ମୁଲାନପୁର,୨୯।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ ୨୦୨୫)ର କ୍ୱାଲିଫାୟର-୧ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦମଦାର ପ୍ରଦର୍ଶନ କରିବା ସହିତ ଫାଇନାଲରେ ପହଞ୍ଚିଛି । ଚଣ୍ଡିଗଡ଼ର ମୁଲାନପୁରସ୍ଥିତ ମହାରାଜା ଯାଦବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଗୁରୁବାର ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି । ୨୦୦୯, ୨୦୧୧ ଓ ୨୦୧୬ ପରେ ୪ର୍ଥ ଥର ପାଇଁ ଆରସିବି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି । ୯ ବର୍ଷ ପରେ ପୂନର୍ବାର ଦଳ ଏବେ ଆଇପିଏଲର ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିବ ।

ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ୧୪.୧ ଓଭରରେ ୧୦୧ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବରେ ବେଙ୍ଗାଲୁରୁ ୧୦ ଓଭରରେ ୨ଟି ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଛି । ଫଳରେ ଏହି ମ୍ୟାଚକୁ ଆରସିବି ୮ ୱିକେଟରେ ଜିତିବା ସହିତ ଫାଇନାଲରେ ପହଞ୍ଚିଛି । ଶେଷ ଥର ପାଇଁ ୨୦୧୬ରେ ବେଙ୍ଗାଲୁରୁ ଫାଇନାଲ ଖେଳିଥିଲା । ଏହି ସଂସ୍କରଣରେ ବେଙ୍ଗାଲୁରୁ ଟାଇଟଲ ଲଢ଼େଇରେ ହାଇଦ୍ରାବାଦ ନିକଟରୁ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହୋଇଥିଲା । ବେଙ୍ଗାଲୁରୁ ପାଇଁ ଆଇପିଏଲ୍ ଖେଳିଆସୁଥିବା ବିରାଟ କୋହଲିଙ୍କ ପାଇଁ ଏଥର ଚାମ୍ପିଅନ ହେବାର ସମ୍ଭାବନାର ଅଧିକ ରହିଛି । ସୁୟାଶଙ୍କୁ (୧୭ରନ୍ ଦେଇ ୩ ୱିକେଟ୍)ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଜୋଶ ହେଜେଲଉଡ ଓ ସୁୟଶ ଶର୍ମା ୩ଟି ଲେଖାଏଁ ୱିକେଟ୍ ନେଇ ପଞ୍ଜାବର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିଲେ । ମାତ୍ର ତିନି ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିଥିଲେ । ମାର୍କସ ଷ୍ଟୋଇନିସ ସର୍ବାଧିକ ୨୬ ରନ କରିଥିଲେ । ଏହି ମ୍ୟାଚ୍ ଜିତି ସିଧାସଳଖ ଆଇପିଏଲ୍ ୨୦୨୫ର ଫାଇନାଲରେ ପ୍ରବେଶ କରିଛି ଆରସିବି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ସ୍ୱପ୍ନରେ କେବେ ଭାବି ନ ଥିବ ଯେ ପ୍ରଥମ କ୍ୱାଲିଫାୟର ମ୍ୟାଚରେ ଦଳର ସ୍ଥିତି ଏମିତି ହେବ । ଦଳ ଆରମ୍ଭରୁ ନିୟମିତ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । କୌଣସି ବ୍ୟାଟର କ୍ରିଜରେ ତିଷ୍ଠି ପାରି ନ ଥିଲେ । ସ୍ଥିତି ଏମିତି ଯେ ପଞ୍ଜାବର କେବଳ ୩ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିଥିଲେ । ମାର୍କସ ଷ୍ଟୋଇନିସ ୨୬ ରନ, ପ୍ରଭସିମରନ ସିଂ ୧୮ ରନ ଓ ଅଜମତୁଲ୍ଲା ଓମାରଜାଇ ୧୮ ରନ କରିପାରିଥିଲେ ।

ଅଧିନାୟକ ଶ୍ରେୟସ ଆୟର ୨ ରନ କରି ନିରାଶ କରିଥିଲେ । ପ୍ରିୟାଂଶ ଆର୍ଯ୍ୟ ୭ ରନ, ଜୋଶ ଇଙ୍ଗ୍ଲିସ ୪ ରନ, ନେହଲ ୱାଧେରା ୮ ରନ ଓ ଶଶାଙ୍କ ସିଂଙ୍କ ପରି ବ୍ୟାଟର ୩ ରନ କରିଥିଲେ । ଶେଷରେ ପଞ୍ଜାବ ୧୪.୧ ଓଭରରେ ୧୦୧ ରନରେ ଅଲଆଉଟ୍ ହୋଇଥିଲା । ବୋଲିଂରେ ସୂୟଶ ଶର୍ମା ୩ ଓଭରରେ ୧୭ ରନ ଦେଇ ୩ଟି ଓ୍ୱିକେଟ୍ ଓ ଜୋଶ ହାଜଲେଉଡ ୨୧ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି । ୟଶ ଦୟାଲଙ୍କୁ ୨ଟି ସଫଳତା ମିଳିଛି ।

୧୦୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପକ୍ଷରୁ ମ୍ୟାଚ ବିଜୟୀ ଇନିଂସ୍ ଖେଳିଥିଲେ ଫିଲ୍ ସଲ୍ଟ । ସେ ୨୭ ବଲର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୩ଟି ଛକା ସହାୟତାରେ ୫୬ରନ କରିଥିଲେ । ଭଲ ଫର୍ମରେ ଥିବା ବିରାଟ କୋହଲି ୧୨ ବଲରୁ ୧୨ରନ୍ କରିଥିଲେ । ମୟଙ୍କ ଅଗ୍ରୱାଲ ୧୯ରନ୍ କରି ପାଭିଲିୟନ୍ ଫେରିଥିଲେ । ଅଧିନାୟକ ରଜତ ପଟିଦାର ଅପରାଜିତ ୧୫ ରନ କରିଥିଲେ । ତେଣୁ ବେଙ୍ଗାଲୁରୁ ୧୦ ଓଭରରେ ୧୦୬/୨ ରନ୍ କରି ବିଜୟୀ ହୋଇଛି । ନିର୍ଦ୍ଧାରିତ କୋଟାର ୬୦ଟି ବଲ ପୂର୍ବରୁ ଆରସିବି ବିଜୟ ହାସଲ କରି ଟାଇଟଲର ଆଉ ପାଦେ ନିକଟତର ହୋଇଛି ।

**ଆଜିର ମ୍ୟାଚ**
ଗୁଜରାଟ-ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ମୁଲାନପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର୍

# ମନ ଦୁଃଖରେ ଜାଡେଜା



ନୂଆଦିଲ୍ଲୀ,୨୯।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେବେ । ଏଥିପାଇଁ ଭାରତୀୟ ଦଳ ପ୍ରସ୍ତୁତ ହୋଇସାରିଛି । ଏବେ ଏକ ଖବର ସୋସିଆଲ ମିଡ଼ିଆରେ ଜୋରଦାର ଭାଇରାଲ ହେଉଛି ଯେ, ଜାଡେଜାଙ୍କ ମନ ଭାଙ୍ଗି ଦେଲେ ଗମ୍ଭୀର । ରୋହିତ ଶର୍ମା, ବିରାଟ କୋହଲି ଓ ରବି ଚନ୍ଦ୍ରନ ଅଶ୍ୱିନ ଅବସର ନେବା ପରେ ଜାଡେଜା ଟେଷ୍ଟ ଦଳର ନେତୃତ୍ୱ ନେବା ପାଇଁ ଆଶା ରଖିଥିଲେ । ଅଶ୍ୱିନଙ୍କ ସହ ପୋଡକାଷ୍ଟରେ ଜାଡେଜା ମନ କଥା କହିଛନ୍ତି । ଅଶ୍ୱିନ ପଚାରି ଥିଲେ ଅବସର ନେବା ପୂର୍ବରୁ ଆପଣ କ୍ରିକେଟ୍‌ରେ ଆଉ କଣ ସଫଳତା ହାସଲ କରିବାକୁ ଚାହୁଁଛନ୍ତି । ଜାଡେଜା ହସି ହସି କହିଲେ ଟେଷ୍ଟ ଦଳର ନେତୃତ୍ୱ ନେବାର ଇଚ୍ଛା ଅଛି । ତେବେ ଚୟନ କମିଟି, ଯଶପ୍ରୀତ ବୁମରା, ରବିନ୍ଦ୍ର ଜାଡେଜା ଓ ରିଷଭ ପନ୍ତଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ନଦେଇ ଗିଲଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି । ଗିଲଙ୍କୁ ଅଧିନାୟକ କରିବା ପାଇଁ କୋଚ ଗୌତମ ଗମ୍ଭୀର ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଜିଦ ଧରିଥିଲେ । ଇଂଲଣ୍ଡ ଗସ୍ତ ପରେ ଅବଶ୍ୟ ସେମାନଙ୍କ ଜିଦ କେତେ ଯୁକ୍ତିଯୁକ୍ତ ଥିଲା ତାହା ସ୍ପଷ୍ଟ ହେବ । ବିଶ୍ୱ କ୍ରିକେଟ୍‌ରେ ଜଣେ ଭଲ ଅଲ୍‌ରାଉଣ୍ଡ ଭାବେ ଜାଡେଜା ନିଜର ପରିଚୟ ସୃଷ୍ଟି କରିଛନ୍ତି । ସେ ନିଜେ ମଧ୍ୟ ଟେଷ୍ଟ ଦଳର ନେତୃତ୍ୱ ନେବା ସହଜ ବୋଲି କହିଥିଲେ ।

ଯଦି ଜାଡେଜାଙ୍କ ମନ ପ୍ରକୃତରେ ଭଲ ଥିବ ତେବେ ଇଂଲଣ୍ଡ ଗସ୍ତ ପରେ ସେ ମଧ୍ୟ ଅନ୍ୟ ବରିଷ୍ଠ ଖେଳାଳିଙ୍କ ପରି ଅବସର ଘୋଷଣା କରିବେ । ସେ ୮୦ ଟେଷ୍ଟ ଖେଳି ୩,୩୭୦ ରନ କରିଛନ୍ତି । ଏଥିରେ ୪ଟି ଶତକ ଓ ୨୨ଟି ଅର୍ଦ୍ଧଶତକ ରହିଛି । ସେ ଏହି ଲମ୍ୱା ଫର୍ମାଟରେ ୩୨୩ ୱିକେଟ୍ ହାସଲ କରିଛନ୍ତି । ୨୦୪ ଦିନିକିଆ ମ୍ୟାଚ ଖେଳି ୨୮୦୬ ରନ୍ ଏବଂ ୨୩୧ ୱିକେଟ୍ ନେଇଛନ୍ତି । ଅନ୍ତର୍ଜାତୀୟ ଟି-୨୦ରୁ ଅବସର ଘୋଷଣା କରିଥିବା ଏହି ସ୍ପିନ ଅଲ୍‌ରାଉଣ୍ଡର ୫୧୫ ରନ୍ କରିବା ସହ ୧୪ ୱିକେଟ୍ ନେଇଥିଲେ ।

# ସିଙ୍ଗାପୁର ଓପନ: ସ୍ୱସ୍ତିକ-ଚିରାଗଙ୍କ ଜୟଯାତ୍ରା



ନୂଆଦିଲ୍ଲୀ,୨୯।୫ (ଏଜେନ୍ସି): ଭାରତୀୟ ଯୋଡି ସାତ୍ୱିକ ସାଇରାଜ ରଣକୀରେଡ୍ଡୀ ଓ ଚିରାଗ ସେଠୀଙ୍କ ଯୋଡି ସିଙ୍ଗାପୁର ଓପନ ବିଡବ୍ଲୁଏଫ୍ ସୁପର- ୭୫୦ ଟୁର୍ଣ୍ଣାମେଣ୍ଟରେ ଆଗେଇଛନ୍ତି । ଏହି ଭାରତୀୟ ଯୋଡି ୨୧-୧୬, ୨୧-୧୩ ସିଧାସଳଖ ଗେମ୍‌ରେ ଛୋଙ୍ଗ ହୁନ ଜିଆନ୍ ଓ ମହମ୍ମଦ ହାଇକଲଙ୍କୁ ଧରାଶାୟୀ କରିଥିଲେ । ମହିଳା ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ଭାରତର ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ୨୧-୧୪, ୧୯-୨୧, ୨୧-୧୭ ଗେମ୍‌ରେ ଚାଇନିଜ ତାଇପେଇର ଜାଙ୍ଗ ଚିଙ୍ଗ ହୁ୍ୟ ଓ ୟାଙ୍ଗ ଚିଙ୍ଗ ତୁଙ୍ଗଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରେ ରୋହନ କାପୁର ଓ ରୁଥଭିକା ଶିବାନୀ ୨୧-୧୬, ୨୧-୧୯ ଗେମ୍‌ରେ ଚେନ୍ ଝି ୟି ଓ ଫ୍ରାନ୍ସିକା କୋରଭେଟଙ୍କୁ ହରାଇଥିଲେ । ଇଞ୍ଜୁରୀ କାରଣରୁ ଲକ୍ଷ୍ୟସେନ୍ ପ୍ରଥମ ରାଉଣ୍ଡ ମ୍ୟାଚରୁ ଓହରି ଯାଇଥିଲେ ।

# ସିଏମ୍ ଟ୍ରଫି ପାଇଁ ଅନୁଗୁଳ ଦଳ ଘୋଷିତ

ଅନୁଗୁଳ,୨୯।୫ (ସବ୍ୟୁ): ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଅନୁଗୁଳ ଦଳ ଚୟନ କରାଯାଇଛି । ଏଥିପାଇଁ ଆଠମଲ୍ଲିକ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ତଥା ଚୟନ ଶିବିର ଅନୁଷ୍ଠିତ ହୋଇଥିଲା । ୪୦ ଜଣ ଖେଳାଳି ଏହି ଶିବିରରେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷକ ଦିଲ୍ଲୀପ ରାଉତ ଓ ଡାନିଏଲ ମାରାଣ୍ଡି ତଥା ଆଠମଲ୍ଲିକ ଉପଖଣ୍ଡ କ୍ରୀଡା ସଂସଦର ସହଯୋଗରେ ୨୪ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା । ଏହି ସବୁ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତି ଏବଂ ଜିଲ୍ଲା କ୍ରୀଡାଧିକାରୀ ଅକ୍ଷୟ କୁମାର ସିଠ୍ ସହଯୋଗ କରିଥିଲେ । ଅନୁଗୁଳ ଦଳ କେନ୍ଦୁଝର ଠାରେ ସିଏମ୍ ଟ୍ରଫି ପାଇଁ ଖେଳିବ । ଏଥିପାଇଁ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତାର ଏବଂ ଏଡିଏମ୍ ପ୍ରତାପ ପ୍ରତିମୟ ଦଳର ସଫଳତା ନେଇ ଶୁଭକାମନା ଜଣାଇଛନ୍ତି ।

ଫ୍ରେଞ୍ଚ ଓପନ

# ତୃତୀୟ ରାଉଣ୍ଡରେ ସିନର, ଭିର୍ଭ

ପ୍ୟାରିସ୍,୨୯।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଜାନିକ୍ ସିନର ଓ ଆଲେକ୍‌ଜାଣ୍ଡାର ଭିର୍ଭ ଜମାଣିଆ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ନଂ.୧ ମାନ୍ୟତା ପ୍ରାପ୍ତ ଜାନିକ ସିନର ୬-୩, ୬-୦, ୬-୪ ସେଟ୍‌ରେ ଗାସକେଟଙ୍କୁ ହରାଇଥିଲେ । ସେହିଭଳି ତୃତୀୟ ସିଡ ଆଲକଜାଣ୍ଡାର ଭିର୍ଭ ୩-୬, ୬-୧, ୬-୨, ୬-୩ ସେଟ୍‌ରେ ଡି ଜଙ୍ଗଙ୍କୁ ହରାଇଥିଲେ । ଅନ୍ୟ ଏକ ଦ୍ୱିତୀୟ ମ୍ୟାଚରେ ହେନରିକ ରୋଚ ଜିରି ଲେହେକା ଆଥର ଫିଲ୍ସ ବିଜୟୀ ହୋଇଛନ୍ତି । ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଜୁଲିଆ ପୁତିନ ସେଭା, ଜେସିକା ବୌଜାମାନେଇରୋ, ଏକ ତେରିନା କାଲେକଜାଣ୍ଡ୍ରୋଭା, ହେଲି ବାକଟିଷ୍ଟେ, ଜେସିକା ପେଗୁଲା, ମୀରା ଆନ୍ଦେଭା ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି ।

# ସିଏମ୍ ଟ୍ରଫି: କଟକ, ପୁରୀ, ସୁନ୍ଦରଗଡ଼, ଅନୁଗୁଳ, କୋରାପୁଟ ବିଜୟୀ

ଭୁବନେଶ୍ୱର,୨୯।୫ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍‌ର ସିଏମ୍ ଟ୍ରଫିର ଦ୍ୱିତୀୟ ଦିନ ୪ଟି ଜୋନ୍‌ରେ ୭ଟି ମ୍ୟାଚ ଖେଳାଯାଇଥିଲା । ଭୁବନେଶ୍ୱର ଜୋନ୍‌ରେ କଟକ ଓ ପୁରୀ ବିଜୟୀ ହୋଇଛନ୍ତି । ସମ୍ବଲପୁର ଜୋନ୍‌ରେ ସୁନ୍ଦରଗଡ଼, କେନ୍ଦୁଝର ଜୋନରେ ଅନୁଗୁଳ ଏବଂ ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ଏଫ୍‌ସି ବିଜୟୀ ହୋଇଛି । ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କଟକ ଏଫ୍‌ସି ୯-୦ ଗୋଲ୍‌ରେ ଖୋର୍ଦ୍ଧା ଏଫ୍‌ସିକୁ ହରାଇଥିଲା । ଏହି ମ୍ୟାଚରେ ଠାକୁର ଦାସ ମୁର୍ମୁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ ନୟାଗଡ଼ ଏଫସିକୁ ୨-୩ ଗୋଲ୍‌ରେ ପୁରୀ ଏଫ୍‌ସି ଧରାଶାୟୀ କରିଛି । ବିଜୟୀ ଦଳର ସୁରଜ ସୋରେନଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ସମ୍ବଲପୁର ଜୋନ୍‌ରେ ସୁନ୍ଦରଗଡ଼ ଏଫ୍‌ସି ୧୪-୦ ଗୋଲ୍‌ରେ ବୌଦ୍ଧକୁ ହରାଇଛି । ଈଶାନ୍ତ କୁଜୁରଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚଟି ବରଗଡ଼ ଓ ସୁବର୍ଣ୍ଣପୁର ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ଆଶୁତୋଷ ବେହେରା (ସୁବର୍ଣ୍ଣପୁର) ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । କେନ୍ଦୁଝର ଜୋନରେ ମୟୁରଭଞ୍ଜ ଓ ଦେବଗଡ଼ ମଧ୍ୟରେ ମ୍ୟାଚ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ମୟୂରଭଞ୍ଜର ରାଜୁ ହାଂସଦାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ ଅନୁଗୁଳ ୩-୦ ଗୋଲ୍‌ରେ ବାଲେଶ୍ୱରକୁ ହରାଇଥିଲା । ବ୍ରହ୍ମପୁର ଜୋନରେ କୋରାପୁଟ ୫-୪ ଗୋଲ୍‌ରେ ଗଞ୍ଜାମକୁ ହରାଇଥିଲା । ବିଜୟୀ ଦଳର ଅରବିନ୍ଦ ମାଝୀଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

୧୬ ବର୍ଷରୁ କମ୍ କ୍ରିକେଟ୍

# ଖୋର୍ଦ୍ଧା ଏକାଡେମୀକୁ ହରାଇଲା ଗ୍ରୀନ୍ସ

ଭୁବନେଶ୍ୱର,୨୯।୫ (ସବ୍ୟୁ): ଜଟଣୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ପୁରୁଷ ଆନ୍ତଃ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲିଗ୍ ପର୍ଯ୍ୟାୟର ପଞ୍ଚମ ଦିବସରେ ଖୋର୍ଦ୍ଧା କ୍ରିକେଟ୍ ଏକାଡେମୀକୁ ୧୦୦ ରନ୍‌ରେ ପରାସ୍ତ କରିଛି କ୍ରିକେଟ୍ ଏକାଡେମୀ । ଗ୍ରୀନ୍ସ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଓପନର ଦୀପ୍ତାଂଶୁ ଦାସ ସର୍ବାଧିକ ୩୮ ବଲ୍‌ରେ ୯ଟି ଚୌକା ଓ ୩ଟି ଛକା ମାରି ୭୫ ରନ୍ ସଂଗ୍ରହ କରିଥିଲେ । ସ୍ୱସ୍ତିକ ନାଥ ୫୭ ରନ୍ କରିଥିଲେ । ଖୋର୍ଦ୍ଧା କ୍ରିକେଟ୍ ଏକାଡେମୀର ଶୁଭାଂଶୁ, ଅଂଶୁମାନ, ଦେବାଂଶୁ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଖୋର୍ଦ୍ଧା ୧୬.୧ ଓଭରରେ ୯୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜେମ୍ସ ଲିମା ସର୍ବାଧିକ ୫ଟି ଓ ଦୀପ୍ତାଂଶୁ ଦାସ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଗ୍ରୀନ୍ସର ଦିପ୍ତାଂଶୁଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲା । ଗ୍ରୀନ୍ସ ୩ଟି ଲିଗ୍ ଖେଳି ୩ଟିରେ ବିଜୟ ହୋଇ ୬ ପଏଣ୍ଟ ସହ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି ।

# ଆନ୍ତଃ ଜିଲ୍ଲା କ୍ରିକେଟ୍: ଗୋପବନ୍ଧୁ ହାଇସ୍କୁଲ ଚାମ୍ପିଅନ



କେନ୍ଦୁଝର,୨୯।୫ (ସବ୍ୟୁ): ଗୁରୁବାର ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ ) କେନ୍ଦୁଝର ସେଣ୍ଟ ଜାଭିଆର ହାଇସ୍କୁଲ ବିପକ୍ଷରେ ୧୦୪ ରନରେ ଏକ ବିପୁଳ ବିଜୟ ହାସଲ କରି ପ୍ରଥମ ଥର ପାଇଁ ଚମ୍ପିୟାନ ହେବାର ଗୌରବ ଲାଭ କରିଛି । ଏକ ବ୍ୟାଟିଂ ପିଚରେ ଟସରେ ଜିଣି ଗୋପବନ୍ଧୁ ହାଇସ୍କୁଲ ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତି ନେଇଥିଲା ଏବଂ ର୍ନିଦ୍ଧାରିତ ୨୫ ଓଭରରେ ୩ଟି ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରି ନିଜର ସ୍ଥିତିକୁ ମଜବୁତ କରିଥିଲେ । ଦଳ ପକ୍ଷରୁ ଅଙ୍ଗଦ ଲୋଟିଆ ୬୪ଟି ବଲର ସମ୍ମୁଖୀନ ହୋଇ ୧୫ଟି ଚୌକା ସହାୟତାରେ ୧୪୨.୧୯ ଷ୍ଟ୍ରାଇକ ରେଟ ସହ ଦ୍ରୁତ ୯୧ ରନ ସଂଗ୍ରହ କରି ମାତ୍ର ୯ ରନ ପାଇଁ ଶତକ ଲାଭରୁ ବଞ୍ଚିତ ହୋଇଥିବା ବେଳେ ଆରୋନ ଚନ୍ଦ୍ର ୫୫ଟି ବଲର ସମ୍ମୁଖୀନ ହୋଇ ୭ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୬୪ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ ।

ଏହାର ଜବାବରେ ଜାଭିଆର ହାଇସ୍କୁଲ ର୍ନିଦ୍ଧାରିତ ୨୫ ଓଭର ବ୍ୟାଟିଂ କରି ୮ଟି ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ । ଦଳ ପକ୍ଷରୁ ଦେବାଂଶୁ କର ୫୧ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୮ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ ୯ ପ୍ରତିପକ୍ଷ ଦଳର ଅଧିନାୟକ ଆଶୁତୋଷ ନାଏକ ୩ ଓଭର ବୋଲିଂ କରି ୧୯ ରନ ଦେଇ ୩ଟି ଉଇକେଟ ଏବଂ ୟାସ ଦୈୟା ୫ ଓଭର ବୋଲିଂ କରି ୩୪ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଏଭି ସ୍କୁଲର ଅଧକ୍ଷ ବ୍ରଜେନ୍ଦ୍ର ନାଥ ସଭାପତି, ମୁଖ୍ୟ ଅତିଥି ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଏବଂ କୋଷାଧକ୍ଷ ସରୋଜ ରଣା ଉଦଯାପନୀ ଉତ୍ସବରେ ମଞ୍ଚାସିନ ଥିଲେ । ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ, ମ୍ୟାନ ଅଫ ଦି ମ୍ୟାଚ, ଆଶୁତୋଷ ନାଏକ ବେଷ୍ଟ ବ୍ୟାଟ୍ସମ୍ୟାନ, ଅଙ୍ଗଦ ଲୋଟିଆ ବେଷ୍ଟ ବୋଲର ଏବଂ ଜାଭିଆର ହାଇସ୍କୁଲର ପବିତ୍ର ବାରିକ ବେଷ୍ଟ ଫିଲଡର ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ।ଏହି ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର ( ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି